EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର
RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

ବର୍ଷ-୨ ସଂଖ୍ୟା-୪୪ ୧୨ - ୧୮ ନଭେମ୍ବର, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-44 12th - 18th NOVEMBER, 2018 BHUBANESWAR ₹ 5/- (8 Pages)




ଚନ୍ଦ୍ରଶେଖରପୁର : ନୀଳାଦ୍ରି ଆଧାତ୍ମିକ ଟ୍ରଷ୍ଟ ପକ୍ଷରୁ ବେଶ ପ୍ରଦର୍ଶନୀ। ରଘୁନାଥ ବେଶରେ ଝଲସିଲେ ଶ୍ରୀଜଗନ୍ନାଥ।

# ସବୁଜ ବଳୟ ସୃଷ୍ଟି ଲକ୍ଷ୍ୟରେ ସରକାର



**ଭୁବନେଶ୍ୱର :** ସବୁଜ ମହାନଦୀ ମିଶନର ଦ୍ୱିତୀୟ ପର୍ଯ୍ୟାୟ ବନୀକରଣ କାର୍ଯ୍ୟକ୍ରମ, ସହରାଂଚଳରେ ଏଲଇଡି ଲାଇଟର ବ୍ୟବସ୍ଥା କରିବା, ଶିଶୁଭବନ ଓ ମେଡ଼ିକାଲ କଲେଜର ନୂତନ ଗୃହ ନିର୍ମାଣ କରିବା ପାଇଁ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି । ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଅଧ୍ୟକ୍ଷତାରେ ସଚିବାଳୟଠାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ନିଷ୍ପତି ନିଆଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ଶାସନ ସଚିବ କହିଲେ ଯେ, ସବୁଜ ମହାନଦୀ ମିଶନର ପ୍ରଥମ ପର୍ଯ୍ୟାୟରେ ଚଳିତ ବର୍ଷରେ ମହାନଦୀ ଏବଂ ଏହାର ଉପନଦୀ ତେଲ, ଇବ୍ ନଦୀ ଉପକୂଳର ଉଭୟ ପାର୍ଶ୍ୱରେ ୧ କି.ମି. ପ୍ରଶସ୍ତ ଏକ ସବୁଜ ବଳୟ ସୃଷ୍ଟି କରାଯାଇଛି । ଆସନ୍ତା ବର୍ଷ ଦ୍ୱିତୀୟ ପର୍ଯ୍ୟାୟରେ ବୈତରଣୀ, ବ୍ରାହ୍ମଣୀ, ଋଷିକୂଲ୍ୟା ନଦୀ ଏବଂ ସେଗୁଡ଼ିକର ଶାଖା ଉପନଦୀ ମାନଙ୍କର ଉଭୟ ପାର୍ଶ୍ୱରେ ସବୁଜ ବଳୟ ସୃଷ୍ଟି କରିବା ପାଇଁ ବନୀକରଣ ଯୋଜନା କାର୍ଯ୍ୟ କରିବା ପାଇଁ ସ୍ଥିର କରାଯାଇଛି । ଏହି ଯୋଜନା ୨୦୧୮-୧୯ରୁ ୨୦୨୨-୨୩ ପର୍ଯ୍ୟନ୍ତ ୫ ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରାଯିବାର ଯୋଜନା ଅଛି । ଉକ୍ତ ଯୋଜନାରେ ୫ ବର୍ଷ ମଧ୍ୟରେ ୪୧ ହଜାର ୩ ଶହ ହେକ୍ଟର ଏବଂ ୧ ହଜାର ୪୧ କିମି. ପଥ ପାର୍ଶ୍ୱ ବନୀକରଣ କରାଯିବ । ଯାହା ମଧ୍ୟରୁ ୧୦ ହଜାର ହେକ୍ଟର କୃତ୍ରିମ (ବୃକ୍ଷ) ପୁନଃ ସୃଜନ, ୩୦ ହଜାର ହେକ୍ଟର ପ୍ରାକୃତିକ (ବୃକ୍ଷ) ପୁନଃ ସୃଜନ, ୧୩ ହଜାର ହେକ୍ଟରରେ ବାଉଁଶ ବୃକ୍ଷ ରୋପଣ କରାଯିବାର ପ୍ରସ୍ତାବ ରହିଛି । ଏଥିରେ ସମୁଦାୟ ୪୪୫ କୋଟି ଟଙ୍କା ବ୍ୟୟ ହେବାର ଅଟକଳ କରାଯାଇଛି । ରାଜ୍ୟସ୍ତରରେ ସବୁଜ ମହାନଦୀ ମିଶନର ଉନ୍ନତି ଓ କାର୍ଯ୍ୟକାରିତା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କର ଅଧ୍ୟକ୍ଷତାରେ ଗଠିତ ହୋଇଥିବା ୧୨ ଜଣିଆ କମିଟି ଦ୍ୱାରା ପରିଚାଳିତ ହେବ । ଏହାର ନିୟମିତ ମାସିକ, ତ୍ରୈମାସିକ ଓ ବାର୍ଷିକ ନିରୀକ୍ଷଣ ରାଜ୍ୟ ସବୁଜ ମହାନଦୀ ମିଶନ କମିଟି କରିବ । ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କର ଅଧ୍ୟକ୍ଷତାରେ ସବୁଜ ମହାନଦୀ ମିଶନ କମିଟି ଓ ପଂଚାୟତସ୍ତରୀୟ ସବୁଜ ମହାନଦୀ ମିଶନ କମିଟି ଦ୍ୱାରା ତଦାରଖ କରାଯିବ । ଏହି ବନୀକରଣ ଦ୍ୱାରା ଜଳ ସଂରକ୍ଷଣ କରାଯିବ । ୱାଟର ଲେବୁଲ ହ୍ରାସକୁ ରୋକାଯାଇ ପାରିବ। ରାଜ୍ୟର ସମସ୍ତ ସହରାଂଚଳରେ ସାର୍ବଜନୀନ ସଡ଼କ ଆଲୋକୀକରଣ ନିମନ୍ତେ ଆସିଥିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଏହା କାର୍ଯ୍ୟକାରୀ ହେଲେ ➤ ପୃ-୬

## ଶ୍ରୀମନ୍ଦିର ଭିତର ଫଟୋ ପୁଣି ଭାଇରାଲ


# ସୋସିଆଲ ମିଡିଆରେ କୋଇଲିବୈକୁଣ୍ଠ



**ପୁରୀ :** ସୁପ୍ରିମ୍‌କୋର୍ଟଙ୍କ କଡା କଟକଣା ସତ୍ତ୍ୱେ ଶ୍ରୀମନ୍ଦିରକୁ ନେଇ ବିବାଦ ପିଛା ଛାଡୁନି। ସୋସିଆଲ ମିଡିଆରେ ବାରମ୍ବାର ଘୁରୁ ବୁଲୁଛି ଶ୍ରୀମନ୍ଦିର ଭିତର ଫଟୋ। ସୂଚନା ଅନୁସାରେ ଗୁଜୁରାଟର ହିତେଶ ସୋନାନୀ ନାମକ ଜଣେ ପର୍ଯ୍ୟଟକ ନିଜ ସୋସିଆଲ ପେଜରେ ଶ୍ରୀମନ୍ଦିର ଭିତରର ଅତି ଗୁରୁତ୍ୱପୂର୍ଣ୍ଣ ସ୍ଥାନର ଫଟୋ ଅପଲୋଡ଼ କରିଛନ୍ତି। ଶ୍ରୀମନ୍ଦିର ଭିତରେ ଥିବା ରୋଷଘର, କୋଇଲି ବୈକୁଣ୍ଠରେ ନବକଳେବର ସମୟରେ ମହାପ୍ରଭୁଙ୍କ ଦାରୁବିଗ୍ରହ ପୋତାଯାଇଥିବା ସ୍ଥାନର ଗୁରୁତ୍ୱପୂର୍ଣ୍ଣ ଫଟୋକୁ ମିଶାଇ ୨୧ଟି ➤ ପୃ-୬

## ପୋଲିସ-ଓକିଲ ବିବାଦ, ହାଇକୋର୍ଟ କ୍ଷୁବ୍ଧ

# ତଥ୍ୟ ଦେବାରେ କ୍ରାଇମବ୍ରାଞ୍ଚ ବିଫଳ




**ଭୁବନେଶ୍ୱର :** ଜଣେ ଆଡ୍‌ଭୋକେଟ୍‌ଙ୍କୁ ପୁଲିସ୍‌ର ମାଡ଼ ଘଟଣା ସମ୍ପର୍କରେ ରୁଜୁ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ପୂର୍ଣ୍ଣାଙ୍ଗ ତଥ୍ୟ ଦାଖଲ କରିବାରେ ବିଫଳ ହୋଇଛି। ମାମଲାର ତଦନ୍ତ ଚାଲିଥିବାବେଳେ ସଂପୃକ୍ତ ୩ ପୁଲିସ୍ କର୍ମଚାରୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ଘଟଣାକୁ ହାଇକୋର୍ଟ ନାପସନ୍ଦ କରିବା ସହ କ୍ରାଇମ୍‌ବ୍ରାଞ୍ଚକୁ ଏ ନେଇ ସ୍ପଷ୍ଟୀକରଣ ମାଗିଛନ୍ତି। ତେବେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଘଟଣାର ସବିଶେଷ ତଦନ୍ତ ପାଇଁ ଲୋଡ଼ାଯାଇଥିବା ୬ ସପ୍ତାହର ମହଲତ ଆବେଦନକୁ ମୁଖ୍ୟ ବିଚାରପତି କେଏସ୍ ଜାଭେରୀ ଓ ବିଚାରପତି ➤ ପୃ-୬

# ବିମୁଦ୍ରାକରଣ ପାଇଁ ଗରିବ ତଳିତଳାନ୍ତ : ନିରଞ୍ଜନ




**ଭୁବନେଶ୍ୱର :** କେନ୍ଦ୍ର ସରକାରଙ୍କ ବିମୁଦ୍ରାକରଣ ପଦକ୍ଷେପ ବିଫଳତା ଦିଗକୁ ଗତି କରିଛି। ମୋଦୀ ସରକାରଙ୍କ ଏହି ପଦକ୍ଷେପ ସାଧାରଣ ଓ ଗରିବ ଲୋକଙ୍କୁ ତଳିତଳାନ୍ତ ଦିଗକୁ ନେଇଛି। ଧନୀ ଓ ଶିଳ୍ପପତିଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। ଖାସ୍ କେବଳ ଧନୀ ଓ ଶିଳ୍ପପତିଙ୍କ ସ୍ୱାର୍ଥ ପାଇଁ ବିମୁଦ୍ରାକରଣ କରାଯାଇଥିଲା ବୋଲି ରାଜ୍ୟ କଂଗ୍ରେସ ଅଭିଯୋଗ କରିଛି। ଏନେଇ କଂଗ୍ରେସ ପକ୍ଷରୁ ରିଜର୍ଭ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେଠାରେ କଂଗ୍ରେସର ବରିଷ୍ଠ ନେତା ଉପସ୍ଥିତ ରହି ମୋଦୀ ସରକାରଙ୍କ ବିରୋଧରେ ବର୍ଷିଥିଲେ। ଶୁକ୍ରବାର 'ବିମୁଦ୍ରାକରଣ ବିଫଳତାର ଦୁଇବର୍ଷ ପୂର୍ତ୍ତି'କୁ ନେଇ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ଏକ କଂଗ୍ରେସ ଭବନଠାରୁ ଏକ ରାଲି ବାହାରିଥିଲା। ସେମାନେ ରିଜର୍ଭ ବ୍ୟାଙ୍କ ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ। ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏହି ବିକ୍ଷୋଭରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଲେ ଯେ ନରେନ୍ଦ୍ର ମୋଦୀଙ୍କର ➤ ପୃ-୬

# ସହରୀ ମାଓବାଦୀଙ୍କ ପଛରେ କଂଗ୍ରେସର ସମର୍ଥନ : ମୋଦି



**ଜଗଦଲପୁର :** କଂଗ୍ରେସ ଦଳ ସହରୀ ମାଓବାଦୀଙ୍କୁ ସମର୍ଥନ କରିବାରୁ ନିରୀହ ଓ ଗରିବ ଆଦିବାସୀ ଯୁବକଙ୍କ ଜୀବନ ନଷ୍ଟ ହେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛତିଶଗଡର ଜଗଦଲପୁର ଠାରେ ଏକ ନିର୍ବାଚନୀ ରାଲିରେ କହିଛନ୍ତି। ଚଳିତ ମାସରେ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାରୁ ମୋଦୀ ଏଠାରେ ତାଙ୍କର ପ୍ରଥମ ନିର୍ବାଚନୀ ରାଲିରେ ଉଦ୍‌ବୋଧନ ଦେଇ କହିଛନ୍ତି, ସହରୀ ମାଓବାଦୀମାନେ ସହରରେ ଶୀତତାପ ନିୟନ୍ତ୍ରିତ ଘରେ ବସି ଧୋବଧାଉଳିଆ ବେଶରେ ରହୁଛନ୍ତି ଏବଂ ନିଜର ପିଲାମାନଙ୍କୁ ବିଦେଶରେ ପଢ଼ାଉଛନ୍ତି। କିନ୍ତୁ ନକ୍ସଲ ପ୍ରଭାବିତ ଅଞ୍ଚଳରେ ରିମୋଟ୍ କଣ୍ଟ୍ରୋଲ ଜରିଆରେ ଆଦିବାସୀ ପିଲାଙ୍କୁ ନିଜ ନିୟନ୍ତ୍ରଣରେ ରଖୁଛନ୍ତି। ➤ ପୃ-୬

## ବକ୍ରବାଣୀ



କୁଶଟା ଗବର ସିଂ ଥିଲା ଦିଲ୍ଲୀ ପଳେଇଲା
ଭାଇକୁ ରାତିଏ ଦବାକୁ ପେଲି ପଠେଇଲା
ବଢ଼ିଆ ନାଟକ ଚାଲିଛି ଆମ ପଇସାରେ
ଛାମୁ ଘୁମେଇ ପଡିହନ୍ତି ହକି ପଡିଆରେ
ଯେଉଁଠି ଚାଉଳ କେଜିଏ ମିଳେ ଟଙ୍କାକରେ
ଚାଷୀର କି କାମ ଭୁବନେଶ୍ୱର ସହରରେ
ମନ କି ବାତ ମନ୍ଦିର ମୁରତି ଗଢ଼ିବାରେ
ଦେଶରୁ ବେକାରୀ ହଟିବ ପରା ସେଇଥିରେ
ଖଣିପାଣି ଜମିଜମା ସବୁକୁ ଖାଇକିରେ
ସାର୍ଟିଫିକେଟ କିଣନ୍ତି ପଇସା ଦେଇକିର।

—— ଟୁଟୁ

# 'ଉର୍ବର ଓ ଜଳସେଚିତ ଜମି ଶିଳ୍ପ ସଂସ୍ଥାକୁ ଟେକି ଦେଇଛନ୍ତି ନବୀନ ସରକାର'



**ଭୁବନେଶ୍ୱର :** ନବୀନ ସରକାର ଅତୀତରେ ଶିଳ୍ପ ସଂସ୍ଥାମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଚାଷୀମାନଙ୍କୁଠାରୁ ହଜାର ହଜାର ଏକର ଉର୍ବର ଓ ଜଳସେଚିତ ଜମି ନେଇ ଶିଳ୍ପସଂସ୍ଥାମାନଙ୍କ ହାତକୁ ଟେକି ଦେଇଛନ୍ତି । ସେ ମଧ୍ୟରୁ ଅର୍ଦ୍ଧାଧିକ ଜମି ବ୍ୟବହାର ହୋଇନପାରି ଅଯଥାରେ ଶିଳ୍ପସଂସ୍ଥାଙ୍କ ପାଖରେ ପଡିରହିଛି । ନିଜ ଦ୍ୱାରା ହୋଇଥିବା ଏଭଳି ଦୋଷ ତୃଟିକୁ ଲୁଚାଇବା ପାଇଁ ମୁଖ୍ୟମନ୍ତ୍ରୀ "ହାତୀ ମାରି କୁଲା ଘୋଡାଇବା" ନୀତିକୁ ଆପାଣାଇବା ଅତ୍ୟନ୍ତ ହାସ୍ୟାସ୍ପଦ । ଏହି ବିଷୟରେ ମୁଖ୍ୟମନ୍ତ୍ରୀ ନିଜେ ନିଜର ଅଗଣାକୁ ଦେଖନ୍ତୁ ବୋଲି ରାଜ୍ୟ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏମ୍‌ସିଏଲ୍ ଅଧିନରେ ବ୍ୟବହୃତ ହୋଇନପାରି ପଡି ରହିଥିବା ଜମିକୁ ପୁନଃ ନିର୍ଦ୍ଧାରଣ କରି ଚାଷୀକୁଳ ଫେରାଇଦେବା ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଚଳିତ ମାସ ୪ ତାରିଖ ଦିନ କେନ୍ଦ୍ର କୋଇଲା ମନ୍ତ୍ରୀ ପିୟୁଷ୍ ଗୋଏଲଙ୍କୁ ଏକ ଚିଠି ଲେଖିଥିଲେ । ମୁଖ୍ୟମନ୍ତ୍ରୀ ଶିଳ୍ପାୟନ ନାଁରେ ମିଛ କହି ସରଳ ଓ ନିରୀହ ଚାଷୀକୂଳଠୁ ହାତେଇଥିବା ହଜାର ହଜାର ଏକର ଚାଷଜମିକୁ ପୁନଃ ନିର୍ଦ୍ଧାରଣ କରି କାହିଁକି ଚାଷୀକୂଳକୁ ଫେରାଇ ଦେଉ ନାହାନ୍ତି ବୋଲି ଡ.ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି । ଜମି ଅଧିଗ୍ରହଣ ଆଇନ-୨୦୧୩କୁ ଅପବ୍ୟବହାର କରି ରାଜ୍ୟ ସରକାର ୩୦ ହଜାର ୯ଶହ ଏକର ଚାଷ ଜମିକୁ ୫୪ଟି ବଡ ବଡ ଶିଳ୍ପାନୁଷ୍ଠାନକୁ ପ୍ରଦାନ କରିଥିଲେ । ସେଥିମଧ୍ୟରୁ ୧୪ ହଜାର ୨ଶହ ୯୬ ଏକର ➤ ପୃ-୬










EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ଗୃହରେ ଶାନ୍ତି ବଜାୟ ରହିବ। ସପ୍ତାହଟି ଭଲରେ କଟିବ।

**ବୃଷ** ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। ବ୍ୟବସାୟରେ ଲାଭବାନ୍ ହେବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ସତର୍କତା ଅବଲମ୍ବନ କରିବା ଜରୁରୀ।

**ମିଥୁନ** ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

**କର୍କଟ** ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାରରେ ଶାନ୍ତି ବଜାୟ ରହିବ।

**ସିଂହ** ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

**କନ୍ୟା** ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ବିଭିନ୍ନ ଦିଗରୁ ଅର୍ଥଲାଭ ରହିଛି।

**ତୁଳା** ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ।


**ବିଛା** ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ଗୃହରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

**ଧନୁ** ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।

**ମକର** ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।

**କୁମ୍ଭ** ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ପରିବାରରେ ଶାନ୍ତି ବଜାୟ ରହିବ। ବ୍ୟବସାୟରେ ଉନ୍ନତି କରିବେ। ତେଣୁ ଜଗିରଖି ଚଳିବାକୁ ହେବ।

**ମୀନ** ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଶନି ଓ ରବିବାର ବହୁତ ଶୁଭ ଅଟେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ଟିସିଏସ୍ ପାଇଁ ବଢ଼ିଲା ସମସ୍ୟା

**ନୂଆଦିଲ୍ଲୀ :** ଭାରତର ସର୍ବବୃହତ୍ ଆଇଟି ମାନବସମ୍ବଳ ରପ୍ତାନିକାରୀ କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍)ପାଇଁ ଏବେ ବଡ ସମସ୍ୟା ଉପୁଜିବାକୁ ଯାଉଛି। ଆମେରିକାରେ କାର୍ଯ୍ୟ କରୁଥିବା ଟିସିଏସ୍ କର୍ମଚାରୀଙ୍କ ମଧ୍ୟରେ ସର୍ବାଧିକ ଭାବେ ଭାରତ ଏବଂ ଦକ୍ଷିଣ ଏସୀୟ ରାଷ୍ଟ୍ରର ପେଷାଦାର ମାନେ ରହିଥିବା ବେଳେ ଆମେରିକୀୟମାନଙ୍କୁ କାହିଁକି ଏଥିରେ ପଛରେ ରଖାଯାଉଛି ବୋଲି ପ୍ରଶ୍ନ ଉଠିଛି। ଆମେରିକାର ବିଭିନ୍ନ ଭାଗରେ ରହିଥିବା ଟିସିଏସ୍ କାର୍ଯ୍ୟାଳୟରେ ଆମେରିକୀୟ କର୍ମଚାରୀଙ୍କ ତୁଳନାରେ ୧୩ ଗୁଣ ଅଧିକ ଦକ୍ଷିଣ ଏସୀୟ ରାଷ୍ଟ୍ରର ପେଷାଦାରମାନଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ଆମେରିକୀୟମାନେ ଦିନକୁ ଦିନ ନିଯୁକ୍ତି ହରାଉଛନ୍ତି ବୋଲି କାଲିଫର୍ଣ୍ଣିଆର ଏକ ଅଦାଲତରେ ଆମେରିକୀୟ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ନିଯୁକ୍ତି ବ୍ୟବସ୍ଥାରେ ରାଷ୍ଟ୍ରଭିତ୍ତିକ ପାତର ଅନ୍ତର କରାଯାଉଛି ବୋଲି ଅଦାଲତରେ ଅଭିଯୋଗ କରାଯାଇଥିବା ବେଳେ ଏଥିପାଇଁ ଟିସିଏସ୍‌କୁ ସଂପୃକ୍ତ ଅଦାଲତ ପକ୍ଷରୁ କୈଫିୟତ୍ ମଗାଯାଇଛି। ହେଲେ ଏଭଳି ଅଭିଯୋଗ ଭିତ୍ତିହୀନ ଏବଂ କମ୍ପାନୀର ଆମେରିକୀୟ କ୍ଷେତ୍ର କାର୍ଯ୍ୟାଳୟରେ କୌଣସି ଆଇନ୍ ଅସମ୍ମତ କାର୍ଯ୍ୟ କରାଯାଇନାହିଁ ବୋଲି ଟିସିଏସ୍ ପକ୍ଷରୁ କୁହାଯାଇଛି। ତେବେ ଗୋଟିଏ ପଟେ କମ୍ପାନୀ ପ୍ରତି ଆମେରିକାରେ ଏଭଳି ଅଭିଯୋଗ ହେବା ଏବଂ ଅନ୍ୟ ପକ୍ଷରେ ଟ୍ରମ୍ପ ପ୍ରଶାସନ ଏଚ୍-୧ବି ଭିସା ବ୍ୟବସ୍ଥାକୁ କଡାକଡି କରିବା ଟିସିଏସ୍ ପାଇଁ ସମସ୍ୟା ସୃଷ୍ଟି କରିଥିବା କୁହାଯାଇଛି। ସୂଚନାଯୋଗ୍ୟ ଯେ, ଏହି କମ୍ପାନୀ ଆଇଟି ମାନବସମ୍ବଳ କ୍ଷେତ୍ରରେ ଏସିଆର ସର୍ବବୃହତ କମ୍ପାନୀ ଭାବେ ଆମେରିକାରେ କାର୍ଯ୍ୟ କରୁଥିବା ବେଳେ ଅନ୍ୟ ଦୁଇ ପ୍ରମୁଖ ଭାରତୀୟ କମ୍ପାନୀ ଇନ୍‌ଫୋସିସ୍ ଏବଂ ୱିପ୍ରୋର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରହିଛି।

### ରିଜର୍ଭ ବ୍ୟାଙ୍କରୁ ସରପ୍ଲସ୍ ଟଙ୍କା ଟ୍ରାନ୍ସଫର ପ୍ରସଙ୍ଗ

## 'ଆର୍‌ବିଆଇକୁ ଟଙ୍କା ମଗାଯାଇନି'

**ନୂଆଦିଲ୍ଲୀ :** ଭାରତୀୟ ରିଜର୍ଭ ବ୍ୟାଙ୍କରୁ 'ସରପ୍ଲସ୍ ଟ୍ରାନ୍ସଫର' ଭାବେ ୩.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜି ସଂଗ୍ରହ ପାଇଁ କେନ୍ଦ୍ର ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ ବୋଲି ଶୁକ୍ରବାର କେନ୍ଦ୍ର ଅର୍ଥନୈତିକ ବ୍ୟାପାର ବିଭାଗ ସଚିବ ସୁଭାଷଚନ୍ଦ୍ର ଗର୍ଗ ସ୍ପଷ୍ଟ କରିଛନ୍ତି। ସରକାରଙ୍କ ଆର୍ଥିକ କାରବାରର ଅଙ୍କ ଯଥାଯଥ ଭାବେ ଅତୁଟ ରହିଛି ଏବଂ ଏଭଳି କୌଣସି ପ୍ରସ୍ତାବ ପାଇଁ ସରକାର ଆଦୌ ବ୍ୟଗ୍ର ନୁହନ୍ତି ବୋଲି ସେ କହିଛନ୍ତି। କେବଳ ରିଜର୍ଭ ବ୍ୟାଙ୍କର ଗଚ୍ଛିତ ରାଶିକୁ ଦେଶର ଆର୍ଥିକ ବ୍ୟବସ୍ଥାର ପୁଞ୍ଜି ପ୍ରବାହରେ ଉପଯୁକ୍ତ ସଞ୍ଚାଳନ କରିବା ନେଇ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଥିବା ଶ୍ରୀ ଗର୍ଗ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ଆର୍ଥିକ ବର୍ଷର ଜୁନ୍ ସୁଦ୍ଧା ରିଜର୍ଭ ବ୍ୟାଙ୍କର ମୋଟ ଗଚ୍ଛିତ ରାଶି ପରିମାଣ ହେଉଛି ୯.୫୯ ଲକ୍ଷ କୋଟି ଟଙ୍କା। ସେଥିରେ ମୁଦ୍ରା ଓ ଗଚ୍ଛିତ ସୁନା ବାବଦ ରାଶି ୬.୯୧ ଲକ୍ଷ କୋଟି ଥିବା ବେଳେ ଆପତକାଳୀନ ରାଶି ଭାବେ ୨.୩୨ ଲକ୍ଷ କୋଟି ଟଙ୍କା ରହିଥିଲା। ତେବେ ସାଂପ୍ରତିକ ସ୍ଥିତିରେ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଅଣ ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ କମ୍ପାନୀ (ଏନ୍‌ବିଏଫସି) ଗୁଡ଼ିକର ଆର୍ଥିକ ସ୍ଥିତିକୁ ନେଇ ପୁଞ୍ଜି ବଜାରକୁ ଅଧିକ ନଗଦ ରାଶି ଯୋଗାଇଦେବା ଲକ୍ଷ୍ୟରେ ରିଜର୍ଭ ବ୍ୟାଙ୍କର ସରପ୍ଲସ୍ ଟ୍ରାନ୍ସଫର୍ ବ୍ୟବସ୍ଥାରେ ଏହି ରାଶିରୁ ୩.୬ ଲକ୍ଷ କୋଟି ଟଙ୍କା କେନ୍ଦ୍ର ସରକର ନେବାକୁ ଯୋଜନା କରିଥିଲେ। ହେଲେ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପାଇଁ ଅମଙ୍ଗ ହୋଇଥିଲେ। ଯାହାକୁ ନେଇ କେନ୍ଦ୍ର ସରକାର ଓ ରିଜର୍ଭ ବ୍ୟାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବା ସହ ସରକାର ରିଜର୍ଭ ବ୍ୟାଙ୍କ ଉପରେ ଅଯଥା ଚାପ ପ୍ରୟୋଗ କରୁଛନ୍ତି ବୋଲି ବିଭିନ୍ନ ମହଲରେ ଆଲୋଚନା ଜୋର୍ ଧରିଥିଲା। ଏହି ପରିମାଣର ଅର୍ଥକୁ ମିଳିତ ଭାବେ କେନ୍ଦ୍ର ଓ ରିଜର୍ଭ ବ୍ୟାଙ୍କ ପରିଚାଳନା କରିବାକୁ ମଧ୍ୟ ଅର୍ଥ ମନ୍ତ୍ରଣାଳୟ ଚାହୁଁଥିଲା ବୋଲି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଏପରିକି ରିଜର୍ଭ ବ୍ୟାଙ୍କର କାର୍ଯ୍ୟକ୍ଷମତା ଓ ଏହାର ନିଷ୍ପତ୍ତି ନେବା ଅଧିକାର ସମ୍ପର୍କରେ ବିଭିନ୍ନ ମହଲରେ ବିତର୍କ






ଆରମ୍ଭ ହୋଇଥିଲା। ଆଗାମୀ ନିର୍ବାଚନ ଖର୍ଚ୍ଚ ପାଇଁ ସରକାର ଏହି ପରିମାଣର ଅର୍ଥ ହାତେଇବାକୁ ଚାହୁଁଥିବା କଥା ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି ଚିଦାମ୍ବରମ୍ କହିଥିଲେ। ଏ ପ୍ରସଙ୍ଗରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର୍ ରଘୁରାମ ରାଜନ୍‌ଙ୍କ ଠାରୁ ଆରମ୍ଭ କରି ଅର୍ଥନୀତିଜ୍ଞ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ ମଧ୍ୟ କେନ୍ଦ୍ର ସରକାରଙ୍କ ଭୂମିକାକୁ ନେଇ ଟିକ୍କାଟିପଣୀ ଦେଇଥିଲେ। ସରକାର ଅଧିକ ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟ ହାସଲ ପାଇଁ ଏହି ପରିମାଣର ଅର୍ଥ ଚାହୁଁଥିବା ବେଳେ ରିଜର୍ଭ ବ୍ୟାଙ୍କ ମଧ୍ୟ ସାଧାରଣ ଲୋକଙ୍କ ସ୍ୱାର୍ଥ ରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରୁଛି ବୋଲି ଶ୍ରୀ ରାଜନ୍ କହିଥିଲେ। ଏପରିକି ସରକାରଙ୍କୁ ପରୋକ୍ଷରେ ଚେତାଇ ଦେଇ ସେ କହିଥିଲେ ଯେ, ରିଜର୍ଭ ବ୍ୟାଙ୍କ ହେଉଛି ସରକାରଙ୍କ ରକ୍ଷାକବଚ। ଯଦି କୌଣସି ଗାଡ଼ିର ଡ୍ରାଇଭର ସରକାର ହୁଅନ୍ତି ତେବେ ରିଜର୍ଭ ବ୍ୟାଙ୍କ ହେଉଛି ସିଟ୍ ବେଲ୍ଟ। ଯାହାକି ଦୁର୍ଘଟଣା ସମୟରେ ଡ୍ରାଇଭରକୁ ରକ୍ଷା କରିଥାଏ। ତେଣୁ ସରକାର କ୍ରିକେଟିୟର ସିଦ୍ଧୁଙ୍କ ଭଳି ଚିକ୍କାର ନକରି ରାହୁଲ ଦ୍ରାବିଡଙ୍କ ଭଳି ରକ୍ଷଣାତ୍ମକ ଇନିଂସ୍ ଖେଳିବା ଉଚିତ୍ ବୋଲି ସେ କହିଥିଲେ। ଦେଶର ଆର୍ଥିକ ବ୍ୟବସ୍ଥାକୁ ସ୍ଥିର ଏବଂ ସୁଦୃଢ଼ କରିବା ଲକ୍ଷ୍ୟରେ ରିଜର୍ଭ ବ୍ୟାଙ୍କ ଯେଉଁ ପଦକ୍ଷେପ ନେଇଥାଏ ତାହା ଦୀର୍ଘସ୍ଥାୟୀ ବୋଲି ରାଜନ୍ ସରକାରଙ୍କୁ ପରୋକ୍ଷରେ ଚେତାଇଦେବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର୍ ଧରିଥିଲା। ସାଧାରଣ ଲୋକଙ୍କ ହିତ ରକ୍ଷା ପାଇଁ ରିଜର୍ଭ ବ୍ୟାଙ୍କ ଏଭଳି 'ରିସ୍କ' ନେଇପାରିବ ନାହିଁ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ ପରୋକ୍ଷରେ କୁହାଯିବା ପରେ ସରକାର ଏବଂ ରିଜର୍ଭ ବ୍ୟାଙ୍କ ମଧ୍ୟରେ ମତଭେଦ ଚରମରେ ପହଞ୍ଚିଥିଲା।

## ପ୍ରତି ୫ଟି ସାମଗ୍ରୀରେ ଗୋଟିଏ ସାମଗ୍ରୀ ନକଲି

**ନୂଆଦିଲ୍ଲୀ :** ଭାରତରେ ଅନ୍‌ଲାଇନ୍‌ଜ ସପିଂର ଚାହିଦା ଦିନକୁ ଦିନ ବଢିବାରେ ଲାଗିଛି। ସେହି ତୁଳନାରେ ବିଭିନ୍ନ କମ୍ପାନୀର ୱେବସାଇଟ୍ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ହେଲେ ବିଭିନ୍ନ ୱେବସାଇଟ୍‌ରେ ବିକ୍ରି ହେଉଥିବା ସାମଗ୍ରୀ ମଧ୍ୟରେ ଅନେକ ସାମଗ୍ରୀ ନକଲି ବ୍ରାଣ୍ଡର ବୋଲି ଏକ ଅନୁଧ୍ୟାନ ରିପୋର୍ଟରୁ ଜଣାପଡିଛି। ଦୈନିକ ଇଂରାଜୀ ଖବରକାଗଜ ଟାଇମ୍ସ ଅଫ୍ ଇଣ୍ଡିଆରେ ପ୍ରକାଶ ପାଇଥିବା ଏଭଳି ଏକ ରିପୋର୍ଟ ଅନୁଯାୟୀ ଇକମର୍ସ ସାଇଟ୍ ଗୁଡିକରେ ବିକ୍ରି ହେଉଥିବା ପ୍ରତି ୫ଟି ସାମଗ୍ରୀ ମଧ୍ୟରେ ଗୋଟିଏ ନକଲି ସାମଗ୍ରୀ ରହୁଛି। ବିଶେଷ କରି ପରଫ୍ୟୁମ୍, ଫ୍ରାଗ୍ରାନ୍ସ ଏବଂ ଅନ୍ୟାନ୍ୟ କସ୍‌ମେଟିକ୍ ସାମଗ୍ରୀ ମଧ୍ୟରେ ଅଧିକାଂଶ ନକଲି ବ୍ରାଣ୍ଡର ବୋଲି ଏହି ଅନୁଧ୍ୟାନରେ ସାମିଲ ହୋଇଥିବା ଗ୍ରାହକମାନଙ୍କ ମଧ୍ୟରୁ ୩୫ ପ୍ରତିଶତ ଗ୍ରାହକ ଅଭିଯୋଗ କରିଛନ୍ତି। ସେହିଭଳି ସ୍ପୋର୍ଟସ ସାମଗ୍ରୀଗୁଡିକରେ ମଧ୍ୟ ଅଧିକାଂଶ ନକଲି ବ୍ରାଣ୍ଡର ସାମଗ୍ରୀ ଗ୍ରାହକମାନଙ୍କୁ ଦିଆଯାଉଥିବା ୨୨ ପ୍ରତିଶତ ଗ୍ରାହକ ଅଭିଯୋଗ କରିଛନ୍ତି। ଲୋକାଲ ସର୍କଲ ସ୍ତରରେ କରାଯାଇଥିବା ଏହି ଅନୁଧ୍ୟାନରେ ପ୍ରାୟ ୩୦,୦୦୦ ଅନ୍‌ଲାଇନ ଗ୍ରାହକ ସାମିଲ ହୋଇଥିଲା ବେଳେ ସ୍ନାପ୍‌ଡିଲ ସାଇଟ୍‌ରେ ସର୍ବାଧିକ ନକଲି ସାମଗ୍ରୀ ବିକ୍ରି କରାଯାଉଥିବା ୩୭ ପ୍ରତିଶତ ଗ୍ରାହକ ମତ ଦେଇଛନ୍ତି। ଏହା ପଛକୁ ଫ୍ଲପ୍‌କାର୍ଟ, ପେ'ଟିଏମ୍ ମଲ୍ ଏବଂ ଆମାଜନ୍ ରହିଥିବା ଗ୍ରାହକମାନେ କହିଛନ୍ତି। ଅନ୍‌ଲାଇନ୍ ସପିଂ ବ୍ୟବସ୍ଥାରେ ନକଲି ସାମଗ୍ରୀ ବିକ୍ରି ହେବା ଘଟଣା ସଂପୃକ୍ତ ଅନ୍‌ଲାଇନ୍ କମ୍ପାନୀ ପାଇଁ ବଡ ସମସ୍ୟା ହୋଇଥିବା ବେଳେ ଏହା କେବଳ ଭାରତରେ ନୁହେଁ ବରଂ ଅନ୍ୟାନ୍ୟ ରାଷ୍ଟ୍ରରେ ମଧ୍ୟ ଗ୍ରାହକମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଏହାପୂର୍ବରୁ ଏଭଳି ଘଟଣାକୁ ନେଇ ଆମେରିକା ପ୍ରଶାସନ ପକ୍ଷରୁ ଚୀନ୍‌ର ସର୍ବବୃହତ୍ ଅନ୍‌ଲାଇନ୍ ସପିଂ କମ୍ପାନୀ ଆଲିବାବାକୁ ଚେତାବନୀ ଦିଆଯାଇଥିଲା। ଦିନକୁ ଦିନ ଅନ୍‌ଲାଇନ୍ ସପିଂ ବ୍ୟବସ୍ଥାରେ ଗ୍ରାହକ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଅନ୍‌ଲାଇନ କମ୍ପାନୀଗୁଡିକର ବିକ୍ରି ପରିମାଣ ବଢାଇବାକୁ ଚାପ ସୃଷ୍ଟି କରାଯାଉଛି। ଫଳରେ ଏଭଳି ପରିସ୍ଥିତି ଉପୁଜୁଛି ବୋଲି ମାର୍କେଟ ବିଶେଷଜ୍ଞମାନେ ମତ ଦେଇଛନ୍ତି। ତେବେ ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ପ୍ରସଙ୍ଗକୁ ନେଇ ପଦକ୍ଷେପ ନିଆଯାଉଥିବା କୁହାଯାଇଛି।

## ଦୂରଗାମୀ ରେଳରେ ରହିବ ଆନ୍ତର୍ଜାତିକମାନର ପ୍ୟାଣ୍ଟ୍ରିକାର୍ ବ୍ୟବସ୍ଥା

**ନୂଆଦିଲ୍ଲୀ :** ଏଣିକି ଉନ୍ନତମାନର ଖାଦ୍ୟପାନୀୟ ବ୍ୟବସ୍ଥା ମିଳିବ ଭାରତୀୟ ରେଳଯାତ୍ରୀମାନଙ୍କୁ। ବିଶେଷକରି ଦୂରଗାମୀ ରେଳରେ ରହିଥିବା ପ୍ୟାଣ୍ଟ୍ରିକାର୍ ବ୍ୟବସ୍ଥାକୁ ଆନ୍ତର୍ଜାତିକମାନର କରିବା ସହ ଯାତ୍ରୀମାନଙ୍କୁ ଉନ୍ନତମାନର ଖାଦ୍ୟ ଯୋଗାଇଦେବାକୁ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ(ଆଇଆରସିଟିସି) ଉଦ୍ୟମ ଆରମ୍ଭ କରିଛି। ଦୂରଗାମୀ ରେଳଗୁଡିକରେ ପ୍ରଚଳିତ ପ୍ୟାଣ୍ଟ୍ରିକାର୍ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯାଇ ଏହାକୁ ଆନ୍ତର୍ଜତିକମାନର କରିବା ପାଇଁ ଆଇଆରସିଟିସିକୁ ଦାୟିତ୍ୱ ଦିଆଯାଇଛି ବୋଲି ଗତ ମଙ୍ଗଳବାର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏକ ସର୍କୁଲାର ମାଧ୍ୟମରେ କୁହାଯାଇଛି। ଏହି କାର୍ଯ୍ୟକ୍ରମ ଅନୁସାରେ ଆଇଆରସିଟିସି କର୍ତ୍ତୃପକ୍ଷ ପ୍ୟାଣ୍ଟ୍ରିକାର୍ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ସହ ଏହାର ପରବର୍ତ୍ତୀ ପରିଚାଳନା ଦାୟିତ୍ୱ ତୁଲାଇବେ। ବର୍ତ୍ତମାନ ପ୍ୟାଣ୍ଟ୍ରିକାର୍ ବ୍ୟବସ୍ଥା ରେଳ ବିଭାଗ ପକ୍ଷରୁ ପରିଚଳାନ କରାଯାଉଥିବାରୁ ଏଥିରେ ଉନ୍ନତି ଆଣିବା କିମ୍ବା ଯାତ୍ରୀମାନଙ୍କୁ ଉନ୍ନତମାନର




ଖାଦ୍ୟପେୟ ପରିବେଷଣ କରିବା କ୍ଷେତ୍ରରେ ସମସ୍ୟା ଉପୁଜୁଛି। କିନ୍ତୁ ଏହାର ପରିଚାଳନା ଦାୟିତ୍ୱ ଆଇଆରସିଟିସିକୁ ହସ୍ତାନ୍ତର କରାଗଲେ ଏଥିପାଇଁ ଆଉ କୌଣସି ସମସ୍ୟା ରହିବ ନାହିଁ ବୋଲି କୁହାଯିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ବର୍ତ୍ତମାନ ରେଳ ବିଭାଗ ଅଧୀନରେ ଚଳାଚଳ କରୁଥିବା ପ୍ରାୟ ୩୫୦ଟି ଦୂରଗାମୀ ଟ୍ରେନ୍‌ରେ ପ୍ୟାଣ୍ଟ୍ରିକାର୍ ବ୍ୟବସ୍ଥା ରହିଥିବା ବେଳେ ଆସନ୍ତା କିଛି ବର୍ଷ ମଧ୍ୟରେ ଏଗୁଡିକର ନବୀକରଣ କରାଯିବ। ଏଥିପାଇଁ ପ୍ରାୟ ୨୦୦ରୁ ୨୫୦ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ଆଇଆରସିଟିସି କର୍ତ୍ତୃପକ୍ଷ କହିଛନ୍ତି। ବର୍ତ୍ତମାନ ରେଳ ବିଭାଗ ଏବଂ ଆଇଆରସିଟିସି ମଧ୍ୟରେ ରାଜସ୍ୱ ଆୟ ବଣ୍ଟନ ଅନୁପାତ ୪୦:୬୦ ରହିଥିବା ବେଳେ ଏହାକୁ ୧୫:୮୫କୁ ପରିବର୍ତ୍ତନ କରାଯିବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ରେଳ ବିଭାଗ ଦ୍ୱାରା ବିଭିନ୍ନ ଦୂରଗାମୀ ଟ୍ରେନ୍‌ଗୁଡିକରେ ଦିଆଯାଉଥିବା ଖାଦ୍ୟପେୟକୁ ନେଇ ୨୦୧୭ କ୍ୟାଗ୍ ରିପୋର୍ଟରେ ଭତ୍ସନା କରାଯାଇଥିଲା। ଟ୍ରେନ୍‌ରେ ଦିଆଯାଉଥିବା ଖାଦ୍ୟ ମଣିଷ ଖାଇବା ଉପଯୋଗୀ ନୁହେଁ ବୋଲି କ୍ୟାଗ୍ ପକ୍ଷରୁ କୁହାଯିବା ପରେ ଏଥିପାଇଁ ରେଳ ବିଭାଗର ଚିନ୍ତା ବଢିଥିଲା। ପରେ ପରେ ୨୦୧୭ରେ ରେଳ ବିଭାଗ ପକ୍ଷରୁ ନୂତନ କ୍ୟାଟରିଂ ନୀତି ପ୍ରଣୟନ କରାଯାଇ ଏହି ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଉଦ୍ୟମ ଆରମ୍ଭ ହୋଇଥିଲା। ବର୍ତ୍ତମାନ ରାଜଧାନୀ, ଦୂରନ୍ତୋ ଏକ୍ସପ୍ରେସ୍ ଭଳି ଟ୍ରେନ୍‌ଗୁଡିକର ଖାଦ୍ୟପେୟ ବ୍ୟବସ୍ଥାରେ ଅନେକ ଉନ୍ନତି ଅଣାଯାଇପାରିଥିବା ବେଳେ ଆଗାମୀ ଦିନରେ ଅନ୍ୟାନ୍ୟ ଟ୍ରେନ୍ ଗୁଡିକରେ ମଧ୍ୟ ସମାନ ବ୍ୟବସ୍ଥା କରାଯିବ ବୋଲି ଆଇଆରସିଟିସି ପକ୍ଷରୁ କୁହାଯାଇଛି।

## ୧୫ ହଜାର ଟନ୍ ଅଶୋଧିତ ଚିନି ଆମଦାନୀ କରିବ ଚୀନ୍

**ନୂଆଦିଲ୍ଲୀ :** ଭାରତରୁ ଅଶୋଧିତ ଚିନି (ର' ସୁଗର) ଆମଦାନୀ କରିବାକୁ ଶେଷରେ ଚୀନ୍ ରାଜି ହୋଇଥିବା ବେଳେ ଆସନ୍ତାବର୍ଷ ପ୍ରାରମ୍ଭରୁ ଭାରତରୁ ଚିନି ରପ୍ତାନି କରାଯିବ ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୫,୦୦୦ ଟନ୍ ଚିନି ରପ୍ତାନି ପାଇଁ ଭାରତୀୟ ଚିନିକଳ ସଂଘ ଏବଂ ଚୀନ୍‌ର ରାଷ୍ଟ୍ରାୟତ୍ତ ଉଦ୍ୟୋଗ କୋଫ୍‌କୋ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା କୁହାଯାଇଛି। ଆସନ୍ତାବର୍ଷ ୨ ନିୟୁତ ଟନ୍ ଅଶୋଧିତ ଚିନି ରପ୍ତାନି ପାଇଁ ଭାରତ ଲକ୍ଷ୍ୟ ରଖିଛି। ଏହି କିସମର ଚିନି ପରେ ଭାରତରୁ ଅଣ ବାସୁମତି ଚାଉଳ ଆମଦାନୀ କରିବାକୁ ମଧ୍ୟ ଚୀନ୍ ସମ୍ମତି ପ୍ରକାଶ କରିଥିବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ଭାରତରେ ମୋଟ ୩୨ ନିୟୁତ ଟନ୍ ଚିନି ଉତ୍ପାଦନ କରାଯାଇଥିବା ବେଳେ ଏହା ବିଶ୍ୱର ସର୍ବବୃହତ ଉତ୍ପାଦନକାରୀ ରାଷ୍ଟ୍ର ଭାବେ ପ୍ରତିଷ୍ଠାଲାଭ କରିପାରିଛି। ତେବେ ଚୀନକୁ ଚିନି ଓ ଅଣ ବାସୁମତି ଚାଉଳ ରପ୍ତାନି ବୃଦ୍ଧି ପାଇଲେ ଭାରତ-ଚୀନ ବାଣିଜ୍ୟକ ନିଅଣ୍ଟ ପରିମାଣରେ ସୁଧାର ଅଣାଯାଇପାରିବ ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ବିମୁଦ୍ରାକରଣ କେନ୍ଦ୍ର ସରକାରଙ୍କ ଏକ ମହତ୍ତ୍ୱପୂର୍ଣ୍ଣ ନିର୍ଣ୍ଣୟ : ଜେଟ୍‌ଲୀ

**ନୂଆଦିଲ୍ଲୀ :** ବିମୁଦ୍ରାକରଣକୁ ପୂରିଛି ଦୁଇବର୍ଷ। ଏହି ଅବସରରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ନୋଟ୍‌ବନ୍ଦୀ ସମ୍ପର୍କରେ ନିଜ ମତ ରଖିଛନ୍ତି। ନୋଟ୍ ଉପରେ ପ୍ରତିବନ୍ଧକ ଲଗାଇ ନଗଦ ଜବତ କରିବା ଏହାର ଏକମାତ୍ର ଉଦ୍ଦେଶ୍ୟ ନଥିଲା, ଏଥିସହ ଔପଚାରିକ ଅର୍ଥବ୍ୟବସ୍ଥାରେ ସୁଧାର ଆଣିବା ପାଇଁ କେନ୍ଦ୍ର ସରକାର ଏପରି ଏକ ବୃହତ୍ ନିଷ୍ପତ୍ତି ନେଇଥିଲେ ବୋଲି ଫେସ୍‌ବୁକ୍‌ର ଏକ ପୋଷ୍ଟ ମାଧ୍ୟମରେ ଜେଟ୍‌ଲୀ ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି, 'ନୋଟ୍‌ବନ୍ଦୀକୁ ଦୁଇବର୍ଷ ପୂରିଛି। ଏହା ସରକାରଙ୍କ ଦ୍ୱାରା ଉଠାଯାଇଥିବା ଏକ ମହତ୍ତ୍ୱପୂର୍ଣ୍ଣ ନିର୍ଣ୍ଣୟ, ଯାହାଦ୍ୱାରା ଅର୍ଥବ୍ୟବସ୍ଥାକୁ ଔପଚାରିକ ରୂପେ ଗଢ଼ି ତୋଳିବାରେ ଏକ ବଡ଼ଧରଣର ପ୍ରଭାବ ପଡ଼ିଛି।' ସେ ଆହୁରି ମଧ୍ୟ ଲେଖିଛନ୍ତି, ଆଜକୁ ଠିକ୍ ଦୁଇବର୍ଷ ପୂର୍ବେ ୨୦୧୬ ମସିହା ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀଙ୍କ ନୋଟ୍‌ବନ୍ଦୀ ଘୋଷଣା କାରଣରୁ ସମସ୍ତ ୫୦୦ ଏବଂ ୧୦୦୦ ଟଙ୍କିଆ ପୁରୁଣା ନୋଟ୍‌କୁ ପରିଚାଳନାରୁ ବାହାର କରିଦିଆଯାଇଥିଲା। ନୋଟ୍‌ବନ୍ଦୀ ପରେ ଜମା ହୋଇଥିବା ସମସ୍ତ ନୋଟ୍‌କୁ ଗଣାଯିବା ପରେ ସେ କହିଛନ୍ତି ବର୍ତ୍ତମାନ ଟିକସ ପ୍ରଣାଳୀରେ ବର୍ତ୍ତିବା କଷ୍ଟକର ହୋଇପଡ଼ିଛି। ତେବେ ରଦ୍ଦ ହୋଇଥିବା ସମସ୍ତ ନୋଟ୍ ବ୍ୟାଙ୍କରେ ଜମା ହୋଇଛି, କିନ୍ତୁ କେବଳ ନଗଦ ଜବତ କରିବା ନୋଟ୍‌ବନ୍ଦୀର ଉଦ୍ଦେଶ୍ୟ ନଥିଲା। ବରଂ ଔପଚାରିକ ଅର୍ଥବ୍ୟବସ୍ଥାରେ ଏହାକୁ ସାମିଲ କରିବା ଏବଂ ଉପଭୋକ୍ତାଙ୍କୁ ଟିକସ ପରିଶୋଧ କରିବା ଏହାର ବ୍ୟାପକ ଉଦ୍ଦେଶ୍ୟ ଥିଲା। ଏହି ନିଷ୍ପତ୍ତିର ପରିଣାମସ୍ୱରୂପ ଦେଶ ଅର୍ଥବ୍ୟବସ୍ଥାକୁ ଔପଚାରିକ କରାଯିବା ସହିତ ଆମକୁ ଅଧିକ ରାଜସ୍ୱ ମିଳିଛି। ଏହାଛଡ଼ା ଗରିବମାନଙ୍କ ଉନ୍ନତି ପାଇଁ ଅଧିକ ଉପାୟ ମିଳିଛି, ଭିତ୍ତି ସଂରଚନା ଉନ୍ନତ ହୋଇଛି ଏବଂ ସାଧାରଣ ନାଗରିକଙ୍କ ଜୀବନ ସ୍ତରରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି। ଡିଜିଟାଲୀକରଣ ମଧ୍ୟ ଏହାର ଅନ୍ୟତମ କାରଣ। ଏହାଦ୍ୱାରା ଅଧିକ ଟିକସ ରାଜସ୍ୱ ଜମା କରିବା ଏବଂ ଟ୍ୟାକ୍ସବେସ୍‌କୁ ବଢ଼ାଇବାରେ ସାହାଯ୍ୟ ମିଳିଛି। ଅର୍ଥମନ୍ତ୍ରୀ କହିଛନ୍ତି



ସରକାରଙ୍କ ପ୍ରଥମ ଉଦ୍ଦେଶ୍ୟ ଥିଲା ବିଦେଶରେ ଥିବା କଳାଧନକୁ ଦେଶ ମଧ୍ୟକୁ ଫେରସ୍ତ ଆଣିବା। ତେଣୁ ବିଦେଶରେ ଭାରତୀୟ ଟଙ୍କାକୁ ଗଚ୍ଛିତ ରଖିଥିବା ବ୍ୟକ୍ତିଙ୍କୁ ଉକ୍ତ ଟଙ୍କାକୁ ଫେରସ୍ତ ଆଣି ଟିକସ ଦେବାକୁ ସରକାର ନିର୍ଦ୍ଦେଶ ଦେବା ସହିତ ଖିଲାଫକାରୀଙ୍କ ବିରୋଧରେ କଳାଧନ ଆଇନ ଅନ୍ତର୍ଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଛି। ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ ଦାଖଲ ପାଇଁ ବହୁ ଟେକ୍ନିକ୍‌ର ସାହାଯ୍ୟ ନିଆଯାଇଛି, ଯେଉଁଥିରେ ସାଧାରଣ ଜନତାଙ୍କୁ ରିଟର୍ଣ୍ଣ ଫାଇଲ୍ କରିବାରେ ବେଶ୍ ସହଜ ହୋଇଛି ଏବଂ ଟିକସ ସଂଖ୍ୟା ମଧ୍ୟ ବୃଦ୍ଧିପାଇଛି। ସେହିପରି ଆର୍ଥିକ ସମାବେଶ ଏହାର ଅନ୍ୟତମ ଉଦ୍ଦେଶ୍ୟ ଥିଲା। ଏହା ସାହାଯ୍ୟରେ ଗରିବ ଶ୍ରେଣୀର ଲୋକଙ୍କୁ ବ୍ୟାଙ୍କିଙ୍ଗ୍ ସିଷ୍ଟମ୍ ସହିତ ଯୋଡ଼ିବା ସରକାରଙ୍କ ପ୍ରଚେଷ୍ଟା ଥିଲା। ଏହା ଅନ୍ତର୍ଗତ ଜନଧନ ଆକାଉଣ୍ଟ ସାହାଯ୍ୟରେ ପ୍ରତି ବ୍ୟକ୍ତିଙ୍କୁ ବ୍ୟାଙ୍କ ସହିତ ଯୋଡ଼ାଯାଇଥିଲା। ଏହାଛଡ଼ା ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର୍ ସାହାଯ୍ୟରେ ସରକାରୀ ସୁବିଧାସୁଯୋଗକୁ ସିଧାସଳଖ ସେମାନଙ୍କ ଖାତାରେ ମିଳିବା ନେଇ ଆଧାର ଆଇନ ସୁନିଶ୍ଚିତ କରିଥିଲା। ଏହାବ୍ୟତୀତ ଅତିରିକ୍ତ ଜିଏସ୍‌ଟି ସାହାଯ୍ୟରେ ମଧ୍ୟ ପରୋକ୍ଷ କର ପ୍ରଣାଳୀକୁ ସହଜ କରାଯାଇଥିବା ଜେଟ୍‌ଲୀ ଲେଖିଛନ୍ତି। ଅପରପକ୍ଷେ ଆୟକର ରିଟର୍ଣ୍ଣ ଦାଖଲକାରୀଙ୍କ ସଂଖ୍ୟା ୨୦୧୪ ମସିହା ମେ' ମାସରେ ୩.୮ କୋଟି ରହିଥିଲା। ଜେଟ୍‌ଲୀଙ୍କ 'ନୋଟ୍‌ବନ୍ଦୀର ପ୍ରଭାବ' ଶୀର୍ଷକ ଏହି ପୋଷ୍ଟ୍‌ରେ ମୋଦୀ ସରକାରଙ୍କ ୫ବର୍ଷ ଶାସନକାଳ ପୂରା ହେବା ପର୍ଯ୍ୟନ୍ତ ଟିକସଦାତାଙ୍କ ସଂଖ୍ୟା ଦୁଇଗୁଣ ହୋଇସାରିଥିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଉକ୍ତ ବ୍ଲଗ୍‌ରେ ୨୦୧୮-୧୯ ଆର୍ଥିକ ବର୍ଷର ଅକ୍ଟୋବର ୩୧ ସୁଦ୍ଧା ବ୍ୟକ୍ତିଗତ ଆୟକର ପୂର୍ବ ତୁଳନାରେ ୨୦.୨% ଅଧିକ ଜମା ହୋଇଛି। କର୍ପୋରେଟ୍ ଟିକସ ୧୯.୫% ଅଧିକ ଜମା ହୋଇଛି। ଏହାବ୍ୟତୀତ ପ୍ରତ୍ୟକ୍ଷ ଟିକସ ସଂଗ୍ରହରେ ମଧ୍ୟ ୬.୬% ଏବଂ ୯% ବୃଦ୍ଧି ଘଟିଥିବା ଉଲ୍ଲେଖ କରାଯାଇଛି। ୨୦୧୬ ମସିହା ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିମୁଦ୍ରୀକରଣ ସମ୍ପର୍କରେ ଘୋଷଣା କରିଥିଲେ। ଏହାପରେ ୫୦୦ ଏବଂ ୧୦୦୦ ଟଙ୍କିଆ ସମସ୍ତ ପୁରୁଣା ନୋଟ୍ ରଦ୍ଦ କରାଯାଇ ପରିଚାଳନାରୁ ବାହାର କରିଦିଆଯାଇଥିଲା। ଏପରି ଏକ ନିଷ୍ପତ୍ତି ଯୋଗୁଁ ଅନେକ ବିପକ୍ଷ ଦଳ ତରଫରୁ ପ୍ରଶ୍ନବାଣ ମରାଯାଇଥିଲା ଏବଂ ନୋଟ୍‌ବନ୍ଦୀ ଆଳରେ କଳାଧନକୁ ଧଳା କରିବା ନେଇ ମଧ୍ୟ ଆରୋପ ଲାଗିଥିଲା।

## ‘ସୁନ୍ଦରୀ’ ଯିବ କୁଆଡେ!



**ଭୁବନେଶ୍ୱର :** ଟ୍ରାଙ୍କୁଲାଇଜ୍ କରି ଧରାହୋଇଥିବା ବାଘୁଣୀ ସୁନ୍ଦରୀର ରହଣି ନେଇ ଏବେସୁଦ୍ଧା ଅନିଶ୍ଚିତତା ଜାରି ରହିଛି। ସୁନ୍ଦରୀ କେଉଁଠି ରହିବ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ତା’କୁ ନନ୍ଦନକାନନ ପଠାଯିବ ବୋଲି ଯାହା କୁହାଯାଉଥିଲା ତାହା ବି ଚୂଡ଼ାନ୍ତ ନୁହେଁ। କାରଣ ସୁନ୍ଦରୀକୁ ସାତକୋଶିଆରୁ ନନ୍ଦନକାନନ ସ୍ଥାନାନ୍ତର ନେଇ ପ୍ରଶ୍ନ ଉଠାଇଛନ୍ତି ସେଣ୍ଟ୍ରାଲ ଜୁ ଅଥରିଟି। ସାତକୋଶିଆରେ ଲୋକଙ୍କୁ ବାରମ୍ବାର ଆକ୍ରମଣ କରିବାରୁ ସୁନ୍ଦରୀକୁ ନନ୍ଦନକାନନକୁ ସ୍ଥାନାନ୍ତର କରାଯିବା ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। କିଛିଦିନ ତଳେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ସୁନ୍ଦରୀକୁ ନନ୍ଦନକାନନ ଅଣାଯିବ ବୋଲି କହିଥିଲେ। ନ୍ୟାସନାଲ ଜୁ ଅଥରିଟି ଏହି ବିଷୟରେ ଏକ ଅଭିଯୋଗ ଗ୍ରହଣ କରିଥିଲେ। ଯେଉଁଥିରେ ଅଭିଯୋଗକର୍ତ୍ତା ଅଜୟ ଦୁବେ ଏହାକୁ ବେଆଇନ ବୋଲି କହିଛନ୍ତି। ଏନେଇ ପିସିସିଏଫଙ୍କୁ ଚିଠି ଲେଖିଛନ୍ତି ସେଣ୍ଟ୍ରାଲ ଜୁ ଅଥରିଟ। ସେ କହିଛନ୍ତି ଯେ ନ୍ୟାସନାଲ ଜୁ ପଲିସି, ୧୯୯୮ର ପୃଷ୍ଠା ୩.୨.୧ ଅନୁସାରେ, ବଂଶବୃଦ୍ଧି ପାଇଁ କୌଣସି ବଣୁଆ ଜନ୍ତୁଙ୍କୁ ଚିଡ଼ିଆଖାନାରେ ରଖାଯିବା ଉଚିତ ନୁହେଁ। ତେଣୁ ନନ୍ଦନକାନନକୁ ସୁନ୍ଦରୀର ସ୍ଥାନାନ୍ତର ବେଆଇନ। କେବଳ ପ୍ରଜନନ ପାଇଁ ଚିଡ଼ିଆଖାନାରେ ବଣୁଆ ଜନ୍ତୁଙ୍କୁ ଅଣାଯାଇପାରିବ। ସୂଚନା ଅନୁଯାୟୀ, ବାଘୁଣୀ ସୁନ୍ଦରୀକୁ ବଂଶବୃଦ୍ଧି ପାଇଁ ବାନ୍ଧବଗଡ଼ରୁ ଅଣାଯାଇଥିଲା। ବାଘୁଣୀଟି ଅଭୟାରଣ୍ୟ ନିକଟସ୍ଥ ଜନବସତି ପାଖାପାଖି ରହି ଲୋକଙ୍କୁ ବାରମ୍ବାର ଆକ୍ରମଣ କରିବାରୁ ବନବିଭାଗ ତାକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନେଇଥିଲା। ବର୍ତ୍ତମାନ ସୁନ୍ଦରୀକୁ ଏକ ସ୍ୱତନ୍ତ୍ର ଏନକ୍ଲୋଜରରେ ରଖାଯାଇଛି। ସେଠାରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

### ମୁଖ୍ୟ ଶାସନ ସଚିବଙ୍କ ମହାଖୁଲାସା

# ନବୀନ ୧ ନମ୍ବର ବିଶ୍ୱାସଘାତକ : କଂଗ୍ରେସ

**ଭୁବନେଶ୍ୱର :** ଧରାପଡିଛି ରାଜ୍ୟର ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କ୍ରମାଗତ ପ୍ରତାରଣା। ଗୋଟିଏ ପଟେ ୨୦୧୪ ନିର୍ବାଚନ ପରେ ବିଜୁ ଜନତା ଦଳ ସରକାର ଯୁବକ ଯୁବତୀଙ୍କୁ ରୋଜଗାର ଦେବାରେ ସଂପୂର୍ଣ୍ଣ ବିଫଳ ହେବା ପରେ ଭାବମୂର୍ତ୍ତି ବଂଚାଇବା ପାଇଁ ଗତ ୫ ତାରିଖରୁ କେନ୍ଦ୍ର ସରକାର ବିରୋଧରେ ତିନି ଦିନିଆ ପ୍ରତିବାଦ ନାଟକ ଚଳାଇଛି। ଅନ୍ୟପଟେ ରାଜ୍ୟ ସରକାର ବେକାର ଯୁବକ ଯୁବତୀଙ୍କ ସହ କିଭଳି ବିଶ୍ୱାସଘାତକତା କରିଛନ୍ତି ତାକୁ ଖୋଦ୍ ମୁଖ୍ୟ ଶାସନ ସଚିବ ତା’ର ଖୁଲାସା କରିଛନ୍ତି। ଆଦିତ୍ୟ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ହାଇଲେବଲ କମିଟି ବୈଠକର ରିପୋର୍ଟ ସ୍ପଷ୍ଟ ଭାବେ ଧରାଇ ଦେଇଛି ନବୀନ ବାବୁଙ୍କ ସରକାର ହିଁ ଏକ ନମ୍ବର ବିଶ୍ୱାସଘାତକ। ୨୦୧୪ ପରଠାରୁ ଦୀର୍ଘ ୪ ବର୍ଷରେ ବିଭିନ୍ନ ସରକାରୀ ବିଭାଗ ଏବଂ ହେଡ୍ସ ଅଫ ଡିପାର୍ଟମେଂଟରେ ୫୦ ହଜାର ପଦ ପଦବୀରେ ଯୋଗ୍ୟ ଶିକ୍ଷିତ ଯୁବକ ଯୁବତୀଙ୍କୁ ଚାକିରି ଦିଆନଯାଇ ଅବସର ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ପୁନଃ ଅବସ୍ଥାପିତ କରାଯାଇଛି। ଅର୍ଥାତ୍ ୪ ବର୍ଷରେ ୫୦ ହଜାର ଓଡିଆ ପିଲା ସରକାରୀ ଚାକିରୀରୁ ବଂଚିତ ହୋଇଛନ୍ତି। ଏହି ଘଟଣା ବିଜୁ ଜନତା ଦଳ ସରକାରର ଓଡିଆ ଯୁବକ ମାରଣ ନୀତିର ସ୍ପଷ୍ଟ ପ୍ରମାଣ ବୋଲି ଓଡିଶା ପ୍ରଦେଶ କଂଗ୍ରେସ କମିଟି ଗଣମାଧ୍ୟମ ବିଭାଗ ଅଧକ୍ଷ ସତ୍ୟ ପ୍ରକାଶ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

ସେପଟେ ଗତ ୫ ତାରିଖରୁ ବିଭିନ୍ନ କେନ୍ଦ୍ର ସରକାରୀ ଉଦ୍ୟୋଗ ଓ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ତିନି ଦିନିଆ ବିକ୍ଷୋଭ କେବଳ ଡ୍ରାମା ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ବିଜେଡିର ପ୍ରତିବାଦ ନିଯୁକ୍ତି କ୍ଷେତ୍ରରେ ନିଜର ବିଫଳତାକୁ ଲୁଚାଇବା ଓ ରାଜ୍ୟବାସୀଙ୍କୁ ଭୂଆଁ ବୁଲାଇବା ପାଇଁ ବୋଲି ସତ୍ୟପ୍ରକାଶ ନାୟକ କହିଛନ୍ତି। ଏହି ପରିପ୍ରେକ୍ଷୀରେ ୬ଟି ପ୍ରଶ୍ନର ଉତର ରଖିବା ପାଇଁ



ବିଜୁ ଜନତା ଦଳକୁ ପ୍ରଦେଶ କଂଗ୍ରେସ ପକ୍ଷରୁ ଆହ୍ୱାନ କରାଯାଇଛି। ଓଡିଶା ସରକାରଙ୍କ ସହାୟତାରେ ଯେତିକି ବେସରକାରୀ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେଉଛି ସେଥିରେ ଓଡିଶାର ଯୁବକ ଯୁବତୀ କିମ୍ବା ଓଡିଆମାନଙ୍କୁ ନିଯୁକ୍ତି କେତେ ଦିଆଯାଇଛି ତା’ର ତଥ୍ୟ ସରକାର / ବିଜୁ ଜନତା ଦଳ ପ୍ରକାଶ କରିବେ କି? ଓଡିଶାରେ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନମାନଙ୍କରେ ଓଡିଶା ଯୁବକ ଯୁବତୀ କିମ୍ବା ଓଡିଆମାନଙ୍କୁ ନିଯୁକ୍ତି ଦେବା ପାଇଁ ସରକାର କୌଣସି ଶିଳ୍ପ ସଂସ୍ଥା ସହ ବୁଝାମଣା ପତ୍ର କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷର କରିବା ସମୟରେ କିମ୍ବା ନିଯୁକ୍ତି ପାଇଁ କୌଣସି ନୀତି ପ୍ରଣୟନ କରିଛନ୍ତି କି? ଏଭଳି ସ୍ଲୋଗାନ ଦେବା ଦ୍ୱାରା ଆଂଚଳିକତାବାଦ ବୃଦ୍ଧି ପାଇ ରାଜ୍ୟବାସୀଙ୍କ ନିଯୁକ୍ତି ଦାବି ପ୍ରତ୍ୟେକ ରାଜ୍ୟରେ ଉଠିଲେ, ରାଜ୍ୟ ବାହାରେ ଥିବା ଓଡିଆମାନେ ଲାଂଛିତ ହେବେ ନାହିଁ କି? ଓଡିଶାର କେତେ ଯୁବ ଶକ୍ତି ଦେଶର ପ୍ରମୁଖ ସହର ଯଥା - ଚେନ୍ନାଇ, ଦିଲ୍ଲୀ, ବାଙ୍ଗାଲୋର, ଚଣ୍ଡିଗଡ, ସୁରଟ, ପାନିପତ, ବମ୍ବେ, ହାଇଦ୍ରାବାଦ, ବିଶାଖାପାଟଣା, କଲିକତା, ରାୟପୁର, ଜାମସେଦପୁର, ଲୁଧିଆନା ଇତ୍ୟାଦି ସ୍ଥାନରେ ଅଛନ୍ତି, ତା’ର ଆକଳନ ସରକାର କରିଛନ୍ତି କି? ନବୀନ ବାବୁ ପାରାଦ୍ୱୀପ ରିଫାଇନାରୀ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ସହିତ ଚୁକ୍ତି ସ୍ୱାକ୍ଷର କରିଥିବା ବେଳେ ଚୁକ୍ତିପତ୍ରରେ ନିଯୁକ୍ତି ନେଇ ବ୍ୟବସ୍ଥା କଲେ ନାହିଁ କାହିଁକି? କେନ୍ଦ୍ରୀୟ ସରକାରୀ ଉଦ୍ୟୋଗମାନଙ୍କରେ ରାଜ୍ୟ ସରକାରଙ୍କୁ ନିଯୁକ୍ତି ସୁଯୋଗ ଦେବା ଏକ କେନ୍ଦ୍ରୀୟ ବିଷୟ ହୋଇଥିବା ବେଳେ ବିଜେଡିର ୨୮ ଜଣ ସାଂସଦମାନଙ୍କ ମଧ୍ୟରୁ କେହି ଜଣେ ଏ ପ୍ରସଙ୍ଗ ନେଇ ସଂସଦରେ ଉପସ୍ଥାପିତ ଏପରିକି ତଥ୍ୟ ଜାଣିବା ପାଇଁ ପ୍ରଶ୍ନଟିଏ କରିଛନ୍ତି କି? ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ହିମାଂଶୁ ଲେଙ୍କା, ଅଶୋକ ସାମଲ, ନିକୁ ପଶାୟତ ପ୍ରମୁଖ ଉପସ୍ଥିତ ରହି ବିଜେଡିର ଓଡିଆ ଯୁବକମାରଣ ନୀତିର ସମାଲୋଚନା କରିଥିଲେ।

## ମୁଖ୍ୟମନ୍ତ୍ରୀ ପଦବୀ ଜାତି, ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ହେଉ: ସଗରିଆ

**ଭୁବନେଶ୍ୱର :** ଗୁରୁବାର ପୂର୍ବତନ ବିଧାୟକ ଶ୍ରୀ କୃଷ୍ଣ ସଗରିଆ ଏମଏଲ୍ଏ କଲୋନୀରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଆମ ରାଜ୍ୟରେ ମାତ୍ର ୬ ପ୍ରତିଶତ ହେଉଛନ୍ତି ସାଧାରଣ ବର୍ଗ। ହେଲେ ଏହି ୬ ପ୍ରତିଶତ ଲୋକ ସମସ୍ତ ରାଜନୈତିକ କ୍ଷମତା ଉପଭୋଗ କରୁଛନ୍ତି। ସେହିପରି ସାଧାରଣ ବର୍ଗର ୯୦ ପ୍ରତିଶତ ଲୋକ ଅର୍ଥନୈତିକ କ୍ଷମତାର ଅଧିକାରୀ ହୋଇଥିବା ବେଳେ ୯୦ ପ୍ରତିଶତ ପ୍ରଶାସନିକ ପଦବୀରେ ଅଛନ୍ତି। ସମାଜର ସବୁ କ୍ଷେତ୍ରରେ ଏମାନଙ୍କର ବ୍ୟାପକ ପ୍ରଭାବ ରହିଛି। ରାଜ୍ୟରେ ବ୍ୟବସାୟଠୁ ଆରମ୍ଭ କରି ମୂଲ୍ୟବାନ ସମ୍ପତ୍ତିର ମାଲିକାନା ଏହିମାନଙ୍କ ଅକ୍ତିଆରରେ ରହିଛି। ଅପରପକ୍ଷେ ୫୨ପ୍ରତିଶତ ପଛୁଆ ବର୍ଗ, ୨୨.୮୫ଧ ଆଦିବାସୀ, ୧୬.୫ ପ୍ରତିଶତ ଦଳିତ ବର୍ଗ ଓ ୨.୫ ପ୍ରତିଶତ ସଂଖ୍ୟାଲଘୁ ଥିଲେ ମଧ୍ୟ ସେମାନଙ୍କୁ ଶାସନ କ୍ଷମତାରୁ ଦୂରାଇ ରଖାଯାଇଛି। ତେବେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗର ଭୋଟ୍ ଅଧିକ ଥିବାରୁ ସେମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ପଦବୀ ଅତି କମରେ ୧୦ ବର୍ଷ ପାଇଁ ସଂରକ୍ଷିତ ରଖାଯାଉ ବୋଲି ଶ୍ରୀ ସଗରିଆ ଦାବି କରିଛନ୍ତି। ଆସନ୍ତା ୧୦ ତାରିଖରେ ଇଡକଲ୍ ଅଡିଟୋରିୟମରେ ଏକ ଆଲୋଚନାଚକ୍ର ହେବ, ସେଠାରେ ଏ ବାବଦରେ ବିସ୍ତୃତ ଭାବେ ଆଲୋଚନା ହେବ ବୋଲି ସେ କହିଛନ୍ତି। ପରେ ଏହାକୁ ଏକ ଜନ ଆନ୍ଦୋଳନର ରୂପ ଦିଆଯିବ ବୋଲି ସୂଚନା ଦେଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ରାଜନୈତିକ ଅନୁଗାମୀ ଭାବେ ଚର୍ଚ୍ଚାରେ ଥିବା ସଗରିଆ ଶ୍ରୀକାନ୍ତଙ୍କ କଥାଗୁଡିକୁ ଦୋହରାଇଛନ୍ତି। ଉପରୋକ୍ତ ସମସ୍ତ କଥା ସହିତ ଶ୍ରୀକାନ୍ତଙ୍କ ଭଳି ସଗରିଆ ଖଣିଚୋରଙ୍କୁ ଟାର୍ଗେଟ୍ କରିଛନ୍ତି। ଖଣି ଚୋରି କରିଥିବା ବ୍ୟକ୍ତିଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବା ସହିତ ସେମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ସଗରିଆ ପୂର୍ବରୁ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ନିରଞ୍ଜନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ କରିଥିବା ଘୋଷଣାକୁ ଚ୍ୟାଲେଞ୍ଜ କରିଛନ୍ତି।

## ‘ସାମ୍ବାଦିକତା କ୍ଷେତ୍ରରେ ଚିରସ୍ମରଣୀୟ ହୋଇ ରହିବେ ପ୍ରଦ୍ୟୁମ୍ନ’

**ଭୁବନେଶ୍ୱର :** ପୂର୍ବତନ ସାଂସଦ ତଥା ପ୍ରଗତିବାଦୀର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳ ମୂଲ୍ୟବୋଧଭିତ୍ତିକ ରାଜନୀତିର ପ୍ରତୀକ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସ୍ୱର୍ଗତ ବଳଙ୍କ ୮୬ତମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ସାମ୍ବାଦିକତା ଓ ଶିକ୍ଷା ପ୍ରତି ପ୍ରଦ୍ୟୁମ୍ନ ବଳ ଚିରସ୍ମରଣୀୟ ହୋଇ ରହିବେ। ପ୍ରଦ୍ୟୁମ୍ନ ବାବୁ ପ୍ରଗତିବାଦୀର ପ୍ରତିଷ୍ଠାତା ସମ୍ପାଦକ ଓ କିଟ୍ର ପ୍ରତିଷ୍ଠାତା ସଭାପତି ଥିଲେ। ଏହି ଦୁଇଟି ଅନୁଷ୍ଠାନ ଲୋକଙ୍କ ସ୍ୱରକୁ ଦୃଢ଼ କରିବା ସହ ଶିକ୍ଷା କ୍ଷେତ୍ରରେ ଯୁବସମାଜକୁ ସଶକ୍ତ କରୁଛି। ଏହା ହିଁ ପ୍ରଦ୍ୟୁମ୍ନ ବଳଙ୍କ ଭଳି ଜଣେ ଦୂରଦ୍ରଷ୍ଟା ନେତାଙ୍କ ପରିଚୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କିଟ୍ କନଭେନସନ୍ ସେଣ୍ଟର୍‌ରେ ଆୟୋଜିତ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା




ଆଜି ସବୁ କ୍ଷେତ୍ରରେ ବିକାଶ ଲାଭ କରିଛି। କୃଷିରୁ ଅର୍ଥନୀତି, ସୂଚନା ପ୍ରଯୁକ୍ତିରୁ ଶିକ୍ଷା, କ୍ରୀଡ଼ା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ଫ୍ରେରେ ଓଡ଼ିଶା ଆଗକୁ ବଢ଼ୁଛି। ଓଡ଼ିଶା ବିକାଶ ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏକ ସମୃଦ୍ଧ ଓଡ଼ିଶା ଓ ସୁସ୍ଥ ସମାଜ ଗଠନ ପାଇଁ ଯାତ୍ରା ଜାରି ରହିଛି। ଅନେକ ସାଧାରଣ ବ୍ୟକ୍ତି ନିରବରେ ଦେଶ ପାଇଁ କାର୍ଯ୍ୟ କରୁଛନ୍ତି। ସେହିମାନେ ହିଁ ଆମ ସମାଜର ପ୍ରକୃତ ହିରୋ। ସେହିପରି ଜଣେ ବ୍ୟକ୍ତି ହେଲେ କେନ୍ଦୁଝରର ଜଳମଣିଷ ଦୈତାରୀ ନାୟକ। ନିଜ ଗାଁ ଓ ଅଞ୍ଚଳ ପାଇଁ ତାଙ୍କର ଅବଦାନ ଦୈତାରୀଙ୍କୁ ଶ୍ରେଷ୍ଠ କରିଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କୁ ସମ୍ବର୍ଦ୍ଧିତ କରି କହିଥିଲେ।

## ଜାନୁଆରୀ ୧୧ରୁ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା

**ବରଗଡ଼ :** ଜାନୁୟାରୀ ୧୧ରୁ ୨୧ ପର୍ଯ୍ୟନ୍ତ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ହେବ ବୋଲି ସୋମବାର ଧନୁଯାତ୍ରା ମହୋତ୍ସବ ସମିତିର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଧନୁଯାତ୍ରା ମହୋତ୍ସବ ସମିତିର ଅଧ୍ୟକ୍ଷ ଇନ୍ଦ୍ରମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଏହି ବୈଠକ ବସିଥିଲା। ବୈଠକରେ ଗତବର୍ଷର ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିବା ବେଳେ ଆଗାମୀ ଧନୁଯାତ୍ରାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ତ୍ରିପାଠୀ ଗୁରୁତ୍ୱାରୋପ କରିଥିଲେ। ତେବେ ଚଳିତବର୍ଷ ପୁଣି ଥରେ ବରଗଡ଼ ଧନୁଯାତ୍ରାର ମହାନାୟକ ମହାରାଜ କଂସ ଭୂମିକା ପାଇଁ କଳାକାର ପରିବର୍ତ୍ତନ କରାଯିବା ନେଇ ଆଲୋଚନା ହୋଇଥିଲା। ୭୦ତମ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାକୁ ଆଉ ଦୁଇମାସ ଥିବାବେଳେ ସୋମବାର ସନ୍ଧ୍ୟାରେ କୋର୍ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ସମୟରେ ମଞ୍ଚ ଓ ଆଲୋକ ସାଜସଜ୍ଜା, ସାଉଣ୍ଡ ସିଷ୍ଟମ୍ ଉପରେ ବିଶଦ ଆଲୋଚନା ହୋଇଥିଲା। ସେହିପରି ଯାତ୍ରା କଳାକାରମାନଙ୍କ ଅଭିନୟରେ ଉତ୍କର୍ଷତା ଆଣିବା ଏବଂ ଗତବର୍ଷ ଧନୁଯାତ୍ରା କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନଙ୍କୁ ପରିବର୍ତ୍ତନ କରାଯିବାକୁ ମଧ୍ୟ ଆଲୋଚନା ହୋଇଥିଲା। ଧନୁଯାତ୍ରାରେ ଅଭିନୟ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକର ମାନ ବୃଦ୍ଧି ଦିଗରେ ପ୍ରୟାସ କରାଯିବାର ଆବଶ୍ୟକତା ରହିଛି ବୋଲି ସମିତିର ସଦସ୍ୟା ସଂଗୀତା ପଣ୍ଡା ମତ ଦେଇଥିଲେ। ଆଗାମୀ ମାର୍ଗଶୀର ଶୁକ୍ଳ ପକ୍ଷର ଶୁଭ ଲଗ୍ନରେ ରାଜପୁରୋହିତଙ୍କ ନିର୍ଦ୍ଧାରିତ ଲଗ୍ନ ଅନୁସାରେ ୭୦ତମ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯିବ ବୋଲି ଆବାହକ ଶ୍ରୀ ସୁରେଶ୍ୱର ଶତପଥୀ ସୂଚନା ଦେଇଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ସାଂସଦ ଡ. ପ୍ରଭାସ ସିଂ, ଧନୁଯାତ୍ରା ମହୋତ୍ସବ ସମିତିର କାର୍ଯ୍ୟକାରୀ ସଭାପତି ତଥା ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁ, ଅତିରିକ୍ତ ଏସ୍‌ପି ଯଶୋବନ୍ତ ସେନାପତି, ଅତିରିକ୍ତ ଜିଲ୍ଲାପାଳ ତପିରାମ ମାଝୀ, ଉପ ଜିଲ୍ଲାପାଳ ଦେବେନ୍ଦ୍ର ନନ୍ଦ, ଡିଆଇପିଆରଓ କଲ୍ୟାଣୀ ଦାଶ, ଓକିଲ ସଂଘ ସଭାପତି ଅଶୋକ ଯୋଷୀ ଓ ସମ୍ପାଦକ ଲିପସିତ ମିଶ୍ର, ପୌର ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ପ୍ରଭାତ ଆଦିତ୍ୟ ମିଶ୍ର, ଅନୁପ ଶତପଥୀ, ସୌଭାଗ୍ୟ ନାୟକ, ସୁନିଲ ପୁରୋହିତ, ସମୀର ପ୍ରଧାନ, ପ୍ରଶାନ୍ତ ମହାପାତ୍ର, ଅଶୋକ ବେହେରା, ରାଜେନ୍ଦ୍ର ସିକନ୍ଦର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ପ୍ରସିଦ୍ଧ ଢୋଲିଆ ରାଜକୁମାରଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା। ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

# କେନ୍ଦ୍ରୀୟ ପିଏସ୍‌ୟୁ ସମ୍ମୁଖରେ ବିଜେଡିର ପ୍ରତିବାଦ

**ଭୁବନେଶ୍ୱର :** ଭାରତୀୟ ଜନତା ପାର୍ଟି ୨୦୧୪ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ ଯେ, ପ୍ରତିବର୍ଷ ୨କୋଟି ଚାକିରି ଯୋଗାଇଦେବ। ଗତ ସାଢେ ଚାରିବର୍ଷ ମଧ୍ୟରେ ଭାରତବର୍ଷକୁ ବିଜେପି ଶାସିତ କେନ୍ଦ୍ର ସରକାର ୯କୋଟି ଚାକିରି ଯୋଗାଇ ଦେବାକଥା। ବିଡ଼ମ୍ବନାର ବିଷୟ ଯେ, ଘୋଷିତ ଚାକିରି ସୃଷ୍ଟି ନହେଉଣୁ ଭାରତବର୍ଷରେ କୋଟି କୋଟି ଚାକିରି ବନ୍ଦ ହୋଇଯାଇଛି। ଓଡ଼ିଶା କ୍ଷେତ୍ରରେ ଏହି ୧୦ କୋଟି ଚାକିରି ଅନୁପାତ ଅନୁସାରେ ରାଜ୍ୟର ଯୁବଶକ୍ତି ୩୬ ଲକ୍ଷ ଚାକିରି କେନ୍ଦ୍ରର ପ୍ରତିଶ୍ରୁତି ଅନୁସାରେ ପାଇବାର କଥା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହା ଫଳପ୍ରଦ ହେଇନାହିଁ। ଏସବୁ କେବଳ ମିଥ୍ୟା ପ୍ରତିଶ୍ରୁତି ଓ ଯୁବଶକ୍ତିଙ୍କୁ ପ୍ରତାରଣା କହିଲେ ଅତ୍ୟୁକ୍ତି ହେବନାହିଁ। ଏଭଳି ମିଥ୍ୟା ପ୍ରତିଶ୍ରୁତି ଏବଂ ଯୁବଶକ୍ତିଙ୍କୁ ପ୍ରତାରଣା କରିବା ବିରୋଧରେ ଆଜି ଶେଷଦିନରେ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ସମ୍ବଲପୁରର ଏମ୍‌ସିଏଲ୍ ଅଫିସ୍, ରାଉରକେଲାର ଆର୍‌ଏସ୍‌ପି କାର୍ଯ୍ୟାଳୟ, ଭୁବନେଶ୍ୱରର ନାଲ୍‌କୋ ଅଫିସ୍, ଆଇଓସିଏଲ୍ ଏବଂ ରେଳ ସଦନ ଅଫିସ୍ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଓ ଧାରଣା କରାଯାଇଥିବା ବେଳେ ପାରାଦୀପ ସ୍ଥିତ ଆଇଓସିଏଲ୍ ବିଶୋଧନାଗାର ସମ୍ମୁଖରେ ମଧ୍ୟ ବିକ୍ଷୋଭ ଓ ଧାରଣା ଅନୁଷ୍ଠିତ ହୋଇଥିଲା।

ବିକ୍ଷୋଭ ଓ ଧାରଣା ସ୍ଥଳରେ ଉପସ୍ଥିତ ନେତୃମଣ୍ଡଳୀ କହିଥିଲେ ଯେ ଓଡ଼ିଶାରେ ୩୦ରୁ ଊର୍ଦ୍ଧ୍ୱ କେନ୍ଦ୍ରୀୟ ପିଏସ୍‌ୟୁ ସଂସ୍ଥା ଥିଲାବେଳେ ଓଡ଼ିଆ ଯୁବକ ଯୁବତୀଙ୍କ ପାଇଁ ସେଥିରେ ନିଯୁକ୍ତି ସୁଯୋଗ ନାହିଁ। କେନ୍ଦ୍ର ସରକାର ଏହି ପିଏସ୍‌ୟୁମାନଙ୍କରେ ଅନ୍ୟ ରାଜ୍ୟରୁ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେଉଥିଲା ବେଳେ ଓଡ଼ିଶାର ଯୁବଶକ୍ତି ପ୍ରତି ଧ୍ୟାନ ଦେଇନାହାନ୍ତି। କେନ୍ଦ୍ରୀୟ ପିଏସ୍‌ୟୁମାନେ ଓଡ଼ିଶାରୁ କୋଟି କୋଟି ଟଙ୍କା ଲାଭ ଆକାରରେ ନେଉଛନ୍ତି। ନାଲ୍‌କୋ କମ୍ପାନୀ ଚଳିତ ବର୍ଷ ତା’ର ରାଜସ୍ୱ ଦ୍ୱିଗୁଣିତ କରି ୧୩୪୨ କୋଟି ଟଙ୍କାରେ ପହଞ୍ଚିଥିଲା ବେଳେ ଓଡ଼ିଆ ଯୁବଶକ୍ତିଙ୍କ ପାଇଁ କୌଣସି ନୂତନ ନିଯୁକ୍ତି ସୃଷ୍ଟି କରିନାହିଁ। ୨୦୧୭-୧୮ ଆର୍ଥିକ ବର୍ଷରେ ଆଇଓସିଏଲ୍ ୮୨୪୫ କୋଟି ଟଙ୍କା ଲାଭ କରିଥିବା ବେଳେ ଏଚ୍‌ପିସିଏଲ୍ ୨୬୫୯ କୋଟି ଟଙ୍କା ଏବଂ ବିପିସିଏଲ୍ ୩୧୦୨ କୋଟି ଟଙ୍କା ଲାଭ କରିଥିବା ସତ୍ତ୍ୱେ ଓଡ଼ିଆ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ଯୋଗାଇ ନଦେବା କେନ୍ଦ୍ର ସରକାରଙ୍କର ଯୁବ ବିରୋଧୀ ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି। ପାରାଦୀପ ଠାରେ ଇଣ୍ଡିଆନ୍ ଅଏଲ କର୍ପୋରେସନ୍ କାରଖାନାରେ ଓଡ଼ିଆ ଯୁବକ ଯୁବତୀଙ୍କୁ ଚାକିରି ଦିଆଯାଉନାହିଁ। ଏହି ପ୍ରଶ୍ନ କେବଳ ବିଜୁ ଜନତା ଦଳର ନୁହେଁ, ଏହି ସମାନ ପ୍ରଶ୍ନ ଭାରତୀୟ ଜନତା ପାର୍ଟିର ନେତାମାନେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପଚାରିଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ତାହାର ଜବାବ ପାଇପାରି ନାହାନ୍ତି। ଏହି କେନ୍ଦ୍ରୀୟ ପିଏସ୍‌ୟୁଗୁଡିକରେ ଯେଉଁ ଖାଲିସ୍ଥାନ ଅଛି, ସେଥିରେ ଓଡ଼ିଶାର ଯୁବକ-ଯୁବତୀଙ୍କ ନିଯୁକ୍ତି ମିଳୁ ବୋଲି ଦାବି କରିଥିଲେ। ଭୁବନେଶ୍ୱର ଅନୁଷ୍ଠିତ ଏହି ବିକ୍ଷୋଭ ଓ ଧାରଣାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜୟ କୁମାର





ମହାନ୍ତି, ସଂଜୟ କୁମାର ଦାସବର୍ମା, ପ୍ରଭାତ ରଞ୍ଜନ ବିଶ୍ୱାଳ, ଦେବଶିଷ ସାମନ୍ତରାୟ, ରାଜେନ୍ଦ୍ର ସାହୁ, ପୂର୍ବତନ ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା ସଭାପତି ବିଭୂତି ବଳବନ୍ତରାୟ, ରାଜ୍ୟ ସଂପାଦକ ବିଜୟ ନାୟକ, ଭୁବନେଶ୍ୱର ଜିଲ୍ଲା କାର୍ଯ୍ୟକାରୀ ସଭାପତି ବାବୁ ସିଂହ, ମେୟର ଅନନ୍ତ ନାରାୟଣ ଜେନା, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଛାତ୍ର ବିଜେଡି ସଭାପତି ରାଣା ପ୍ରତାପ ପାତ୍ର, ମୁଖପାତ୍ର ସୁଲୋଚନା ଦାସ, ପାନେଲିଷ୍ଟ ସୁଲତା ଦେଓ, ଯୁବ ବିଜେଡି ଉପଦେଷ୍ଟା ଅମରେଶ ଜେନା, ସୁନୀଲ ପ୍ରଧାନ, ଉପ-ସଭାପତି ଦୁର୍ଗା ସାମନ୍ତରାୟ, ପ୍ରକାଶ ତ୍ରିପାଠୀ, ପୃଥ୍ୱୀରାଜ ସାହୁ, ସନ୍ତୋଷ ବେଜ, ଦୟାନିଧି ନାୟକ, ରାକେଶ ରାମ, ସାଧାରଣ ସଂପାଦକ ଜ୍ୟୋତିରଞ୍ଜନ ଜେନା, ଧୃତୀ ରଞ୍ଜନ ମାର୍ଥା, ସୁନୀଲ ପଣ୍ଡା, ପ୍ରମୋଦ କୁମାର ମହାପାତ୍ର, କିଶୋର ନାୟକ, ଏଲିନା ଦାସ, ମଧୁସ୍ମିତା ପରିଡ଼ା, ନରେଶ ପାତ୍ର, ତନ୍ମୟ ସ୍ୱାଇଁ, ସଂପାଦକ ମଳୟ ରଞ୍ଜନ ପତି, ଶୁଭ୍ରାଂଶୁ ନାରାୟଣ ମିଶ୍ର, ଅଂଶୁମାନ ରଶ୍ମୀ ସାଗର ସେଠୀ, ରଞ୍ଜିତ ରାୟ, ଜନସନ୍ ମହାପାତ୍ର, ଆଶିଷ ରଞ୍ଜନ ମିଶ୍ର, ଆଲୋକ ଭଟ୍ଟ, ପୃଥ୍ୱୀରାଜ ପଣ୍ଡା, ସାଂଗଠନିକ ସଂପାଦକ ତାରିଣୀ ପ୍ରସାଦ ନାୟକ, ରଶ୍ମୀ ରଞ୍ଜନ ଦାସ, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ଭୁବନେଶ୍ୱର ଜିଲ୍ଲା ସଭାପତି ଅମରଜିତ ସେନାପତି, କାର୍ଯ୍ୟକାରୀ ସଭାପତି ସୁଜିତ ସ୍ୱାଇଁ, କଟକ ଜିଲ୍ଲା ସଭାପତି ଜ୍ଞାନେନ୍ଦ୍ରଗିରି ଗୋସ୍ୱାମୀ, ଖୋର୍ଦ୍ଧା ଜିଲ୍ଲା ସଭାପତି ବିଷ୍ଣୁପ୍ରସାଦ ଡାଙ୍ଗ, ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁ, କାର୍ଯ୍ୟକାରୀ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ଉପ-ସଭାପତି ରାଜେଶ ରାଜ ସ୍ୱାଇଁ, ଭେଲମନ୍ ନାୟାର, ମନଜିତ ଦାସ, ସାଧାରଣ ସଂପାଦକ ପ୍ରଦୋଷ ପରିଡ଼ା, ସୁଜିତ ପାଲ୍‌ଟାସିଂହ, ରଞ୍ଜିତ ଦାସ, ଭୁବନେଶ୍ୱର ଜିଲ୍ଲା ସଭାପତି କଳ୍ପତରୁ ଓଝା, ଜୋନ୍ ସଭାପତି ଅଜିତ ବେହେରା, କଟକ ଜିଲ୍ଲା ସଭାପତି ସ୍ମୃତିରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ରାଜ୍ୟର ଆର୍ଥିକ ବିକାଶରେ ବିଜେଡି ବାଧକ: ବିଜେପି

**ଭୁବନେଶ୍ୱର :** କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସାମ୍ନାରେ ବିଜେଡି ବିରୋଧ କରିବା ଦୁର୍ଭାଗ୍ୟଜନକ ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବିଜେପି କହିଛି। ବିଜେପି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଦ୍ୱାରା ରାଜ୍ୟର ବିକାଶ ହେବା ସହ ଅର୍ଥନୀତି ବୃଦ୍ଧି ପାଉଛି। ଏଥି ସହ ନିଯୁକ୍ତି ସୃଷ୍ଟି କରିବାରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଏହାକୁ ବିରୋଧ କରିବା ବିଜେଡି ମୂର୍ଖତାର ପରିଚୟ ଏବଂ ଓଡ଼ିଆ ବିରୋଧୀ ମାନସିକତା। ଗୋଟିଏ ପଟେ ‘ମେକ୍ ଇନ୍ ଓଡ଼ିଶା’ କନକ୍ଲେଭ କରିବା ଅନ୍ୟପଟେ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସାମ୍ନାରେ ଧାରଣା ଦେବା ଶାସକ ବିଜେଡିର ନୀତି ଏବଂ ଚରିତ୍ର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ଶ୍ରୀ ହରିଚନ୍ଦନ କହିଛନ୍ତି, ରାଜ୍ୟ ସରକାର ରାଜ୍ୟରେ ଶିଳ୍ପମାରଣ ନୀତି ଅବଲମ୍ବନ କରୁଛନ୍ତି। ବିଭିନ୍ନ ବାହାନା ଦେଖାଇ ବିଜେଡି ସରକାର ଶିଳ୍ପଗୁଡିକୁ ବିରୋଧ କରୁଛନ୍ତି। ନିଯୁକ୍ତି ମାମଲାରେ ୧୯ ବର୍ଷର ନବୀନ ପଟ୍ଟନାୟକ ସରକାରର ସ୍ଥାଣୁତା ଅପାରଗତାକୁ ଲୁଚାଇବାକୁ ଯାଇ ବିଜେଡ଼ି ଆନ୍ଦୋଳନର ଡ୍ରାମା କରୁଛି। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଓଏମ୍‌ସି, ଇଡ୍‌କୋ, ଇପିକଲ, ଯୋଗାଣ ନିଗମରେ କେତେ ଜଣ ନିଯୁକ୍ତି ପାଇଛନ୍ତି, ତାହା ରାଜ୍ୟବାସୀଙ୍କ ଆଗରେ ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ହରିଚନ୍ଦନ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। କେବଳ ଏମ୍‌ଓୟୁ ବ୍ୟତୀତ ରାଜ୍ୟରେ କୌଣସି ଶିଳ୍ପ ସଂସ୍ଥା ରହିପାରୁନାହାଁନ୍ତି। ରାଜ୍ୟରେ ଇମ୍ଫା ତାହାର ଏକ ବଡ଼ ଉଦାହରଣ। ରାଜ୍ୟ ସରକାରଙ୍କ ଭୁଲ ନୀତି ଯୋଗୁଁ ଗତ କିଛି ବର୍ଷରେ ୧୫୩୧୫ ପଞ୍ଜିକୃତ ଏମ୍‌ଏସ୍‌ଏମ୍‌ଇ ବନ୍ଦ ହେବା ଯୋଗୁଁ ୧ଲକ୍ଷ ୩୦ ହଜାର ଚାକିରି ହରାଇବା ସହ ୪୫୬ କୋଟି ଟଙ୍କାର ପୁଞ୍ଜି ନିବେଶ ବ୍ୟର୍ଥ ହୋଇଛି ବୋଲି ରାଜ୍ୟ ସରକାରଙ୍କ ତଥ୍ୟରୁ ଆସିଛି। ଅନ୍ୟ ପଟେ ବିଜେଡି ତାର ନିର୍ବାଚନ ପ୍ରତିଶ୍ରୁତିରେ ଯେଉଁ ଲକ୍ଷ ଲକ୍ଷ ନିଯୁକ୍ତିର କଥା କହିଥିଲା ତାହା କୁଆଡ଼େ ଗଲା ବୋଲି ଶ୍ରୀ ହରିଚନ୍ଦନ ପ୍ରଶ୍ନ କରିଛନ୍ତି। ନାଲ୍‌କୋର ଅବସ୍ଥିତି ଯୋଗୁଁ ଓଡ଼ିଶା ଆଜି ଆଲୁମିନିୟମ ରାଜ୍ୟ ଭାବେ ଦେଶରେ ପରିଚତ ହୋଇପାରିଛି। ଦେଶର ସବୁଠୁ ଉତ୍ତମ ବନ୍ଦର ଭାବେ ପାରାଦୀପ ଟଷ୍ଟ୍ର ବୋର୍ଡ ପୁରସ୍କାର ପାଉଛି। ଏନ୍‌ଟିପିସି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୧୦ ହଜାର କୋଟି ଟଙ୍କାର ଅନୁଦାନ ଦେଇ ସାରିଛନ୍ତି। କିନ୍ତୁ ରାଜ୍ୟ ସରକାର ଜମି ଅଧିଗ୍ରହଣ ନକରି ରାଜ୍ୟର ଯୁବକମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବାରେ ବାଧକ ହେଉଛନ୍ତି। ସେହିପରି ରେଳପଥର ଉନ୍ନତି କରଣ ଏବଂ ନୂତନ ରେଳ ଲାଇନ୍ ନିର୍ମାଣ ପାଇଁ ରାଜ୍ୟ ସରକାର ଜମି ଅଧିଗ୍ରହଣ ପାଇଁ କୌଣସି ପଦକ୍ଷେପ ନନେଇ ରାଜନୀତି କରିଚାଲିଛନ୍ତି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୨ - ୧୮ ନଭେମ୍ବର, ୨୦୧୮

# ସେଭଳି କିଛି ନହେଉ

**ବି**ଶ୍ୱରେ ଭାରତ ଏକ କୃଷିପ୍ରଧାନ ଦେଶ ବୋଲି ସମସ୍ତେ ଜାଣନ୍ତି। ହେଲେ ଭାରତ ୧୯୬୦ ପର୍ଯ୍ୟନ୍ତ ଆମେରିକାରୁ ଖାଦ୍ୟଶସ୍ୟ ଆମଦାନୀ କରୁଥିଲା। ଏବେ କିନ୍ତୁ ଆମ ଦେଶ ଭାରତ କୃଷି କ୍ଷେତ୍ରରେ ଆଗୁଆ ରହିଛି। ଖାଦ୍ୟ ଉତ୍ପାଦନରେ ଆମର କୃଷକ ମାନେ ଏବେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ପୂର୍ବ ଭଳି ଭାରତରେ ଆଉ ଖାଦ୍ୟ ସଙ୍କଟର ସ୍ଥିତି ନାହିଁ। ଧାନ, ଗହମ ଆଦି ଉତ୍ପାଦନ କ୍ଷେତ୍ରରେ ଆଧୁନିକ ପ୍ରଣାଳୀର ପ୍ରୟୋଗ ହେବା ଦ୍ୱାରା ଏହା ସମ୍ଭବ ହୋଇପାରିଛି। ସେହିଭଳି ଡାଲି ଜାତୀୟ ଫସଲ, କ୍ଷୀର, ଅଣ୍ଡା ଓ ମାଛ ଉତ୍ପାଦନ କ୍ଷେତ୍ରରେ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି। ସମୟ ବଦଳିବା ସହିତ ଆମ ଦେଶର କୃଷକମାନେ ବୈଜ୍ଞାନିକ ପଦ୍ଧତିରେ ଚାଷ କରି ଅଧିକରୁ ଅଧିକ ଫସଲ ଉତ୍ପାଦନ କରିପାରୁଛନ୍ତି। ସ୍ୱାବଲମ୍ବୀ ହୋଇଥିଲେ ବି ଆମ ଦେଶର କୃଷକ ମାନଙ୍କର ଅନେକ ସମସ୍ୟା ରହିଛି। ତନ୍ମଧ୍ୟରେ ଉନ୍ନତ ମାନର ବିହନ ଅଭାବ, ଜଳସେଚନ ସୁବିଧା ନଥିବା, ଠିକ୍ ସମୟରେ ସାର ଓ ଔଷଧ ନ ମିଳିବା ଏବଂ ପ୍ରାକୃତିକ ବିପର୍ଯ୍ୟୟ ଭଳି ବହୁ ସମସ୍ୟା କୃଷକ ପରିବାରକୁ ଚିନ୍ତାଗ୍ରସ୍ତ କରୁଛି। ଏହାରି ଭିତରେ ରୋଗପୋକ ଦାଉରୁ ଫସଲ ରକ୍ଷା କରି ନପାରିବା ଓ ଚାଷ ପାଇଁ ଋଣ ଆଣି ସାହୁକାରଙ୍କୁ ପରିଶୋଧ କରିନପାରି କୃଷକ ଆତ୍ମହତ୍ୟା କରିବା ଭଳି ଅନେକ ସମ୍ବେଦନଶୀଳ ଘଟଣା ବେଳେ ବେଳେ ସମାଜ ବ୍ୟବସ୍ଥାକୁ ଦୋହଲାଇ ଦେଉଛି। ଗୋଟିଏ ସମୃଦ୍ଧ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତଙ୍କ ପାଇଁ ସମାନ ବ୍ୟବସ୍ଥାର ନିୟମ ଥିଲେ ବି କୃଷି କ୍ଷେତ୍ରକୁ ଅବହେଳା କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ଆସିଥାଏ। ଏହିଭଳି ଅଭିଯୋଗ ଦୀର୍ଘ ୪୦ ବର୍ଷ ହେବ ହୋଇ ଆସୁଥିଲେ ବି କେନ୍ଦ୍ରରେ ଶାସନ କରୁଥିବା କୌଣସି ବି ସରକାର ଏହାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ ନକରିବା ଫଳରେ ବର୍ତ୍ତମାନ ଏହା ଉଗ୍ରରୂପ ଧାରଣ କରୁଛି। ଦେଶକୁ ଶିଳ୍ପ ସମୃଦ୍ଧ ଓ ପ୍ରଯୁକ୍ତି ବିଦ୍ୟାର ପରାକ୍ରମ ଦେଖାଇବା ପାଇଁ ଯେଭଳି ଉଦ୍ୟମ ହେଉଛି କୃଷି ପାଇଁ ସେଭଳି କିଛି ଆଖିଦୃଶିଆ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିଲେ ଏଭଳି ସମସ୍ୟା ଉପୁଜି ନଥାନ୍ତା। ଯଦିଓ ଏହି ସମସ୍ୟା ଆଜିର ନୁହେଁ, ଦେଶ ସ୍ୱାଧୀନ ହେବା ପୂର୍ବରୁ ୧୮୫୭ ମସିହାରେ କୃଷକମାନେ ଭାରତରେ ଆନ୍ଦୋଳନ ଆରମ୍ଭ କରିଥିଲେ। ୧୮୭୩ ମସିହାରେ ଆନ୍ଦୋଳନକୁ ଆଗେଇ ନେବା ପାଇଁ କୃଷକମାନେ 'କୃଷକ ସଂଘ' ନାମରେ ଏକ ସଂଘ ଗଠନ କରିଥିଲେ। ୧୯୧୮ ମସିହାରେ ମଧ୍ୟ 'କିଷାନ ସଭା' ନାମରେ ଆଉ ଏକ ସଂଘ ଗଠନ ହୋଇ ୧୯୧୯ରେ ଏହା ଲୋକ ଲୋଚନକୁ ଆସିଥିଲା। ସ୍ୱାଧୀନତା ପର୍ଯ୍ୟନ୍ତ ଭାରତର ବିଭିନ୍ନ ପ୍ରାନ୍ତରେ କୃଷକମାନଙ୍କ ସମସ୍ୟାକୁ ନେଇ ବାରମ୍ବାର ଏଭଳି ଆନ୍ଦୋଳନମାନ ମୁଣ୍ଡ ଟେକିଥିଲା। ତେବେ ଆଶା ଥିଲା ଦେଶ ସ୍ୱାଧୀନ ହେବା ପରେ ବିଦେଶୀ ଶାସକ ବଦଳରେ ଦେଶୀ ନେତାମାନେ ଆମ ଲୋକଙ୍କ ସମସ୍ୟା ସମାଧାନ ପ୍ରତି ଯଥେଷ୍ଟ ଯତ୍ନବାନ ହେବେ ଏବଂ ସାଧାରଣ ଲୋକମାନେ ଉପଯୁକ୍ତ ନ୍ୟାୟ ପାଇବା ସହିତ ମର୍ଯ୍ୟାଦାଜନକ ଜୀବନ ଯାପନ କରିପାରିବେ।

ସମ୍ପାଦକୀୟ

ତାରକ ମହାନ୍ତି

କିନ୍ତୁ ଏଯାବତ୍ ଯାହା ଦୃଷ୍ଟିଗୋଚର ହେଉଛି ଶାସନ କଳର ଢାଞ୍ଚା ବଦଳି ଥିଲେ ବି ସାଧାରଣ ଲୋକଙ୍କ ସମସ୍ୟା ଦୂର ହୋଇପାରିନାହିଁ।

ବର୍ତ୍ତମାନ ଓଡ଼ିଶାରେ କୃଷକମାନଙ୍କ ସମସ୍ୟାକୁ ନେଇ ପୁଣି ଏକ ସଂଗଠନ ସାମ୍ନାକୁ ଆସିଛି। ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ ଦାବିରେ ଏହି ସଂଗଠନ ରାଜ୍ୟର କୃଷକମାନଙ୍କୁ ଏକତ୍ରିତ କରି ଦାବି ହାସଲ ପାଇଁ ଆନ୍ଦୋଳନକୁ ବାରମ୍ବାର ଓହ୍ଲାଉଛି। ରାଜ୍ୟ ସରକାରଙ୍କ ସହିତ କୃଷକମାନଙ୍କ ସମସ୍ୟା ବିଷୟରେ ଏହି ସଂଗଠନ ଆଲୋଚନା କରୁଥିଲେ ବି କୌଣସି ସୁଫଳ ମିଳୁ ନଥିବାରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରୁଥିବା ସ୍ପଷ୍ଟ ହୋଇଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀମାନଙ୍କୁ ହତାଦର କରୁଥିବା ନେଇ ଅଭିଯୋଗର ଫର୍ଦ୍ଦ ବଢ଼ିଚାଲିଥିଲେ ବି ସମସ୍ୟାର ସମାଧାନ ନହେବା ଦ୍ୱାରା କୃଷକମାନେ ବାଧ୍ୟ ହୋଇ ସରକାରଙ୍କ ଉପରେ କ୍ରୋଧ ଦେଖାଉଛନ୍ତି। ଏହାବି ସ୍ୱାଭାବିକ। କାରଣ ଆମ ରାଜ୍ୟର ଅନେକ ଜିଲ୍ଲାରେ ଫସଲହାନୀ ଜନିତ ଚାଷୀ ମୃତ୍ୟୁ ବଢ଼ି ବଢ଼ି ଚାଲିଛି। କେତେକ ଅଞ୍ଚଳରେ କୃଷି କରି ନପାରି କୃଷକମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟି ଯାଉଥିବା ମଧ୍ୟ ଦେଖିବାକୁ ମିଳୁଛି। ଏହା ନିଶ୍ଚିତ ସମ୍ବେଦନଶୀଳ ଓ ଦୁଃଖଭରା ଘଟଣା। କାରଣ କୃଷକଟିଏ ମେହେନତି କରି ଯେଉଁ ଫସଲ ଅମଳ କରେ ସେଥିରେ ସମସ୍ତେ ଜୀବନ ଧାରଣ କରନ୍ତି। ହେଲେ ସେମାନଙ୍କ ସମସ୍ୟା କେହି ବୁଝିପାରନ୍ତି ନାହିଁ। ଏହାର ଯଥାର୍ଥତା ମଧ୍ୟ ରହିଛି। ତେବେ ବାସ୍ତବରେ କ'ଣ ଚାଷୀଙ୍କର କୌଣସି ସମସ୍ୟାର ସମାଧାନ କରୁନାହାନ୍ତି ସରକାର? ରାଜ୍ୟ ସରକାର ରାଜକୋଷର ଆୟତନକୁ ଦେଖି ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚ କରିଥାନ୍ତି। ତାହା ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ରାସ୍ତାଘାଟ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦିଗରେ ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ନେବାକୁ ପଡିଥାଏ। ତେଣୁ କୃଷକମାନଙ୍କ ସମସ୍ୟା ତା'ରି ମଧ୍ୟରୁ ଗୋଟିଏ। ଓଡ଼ିଶା ସରକାର କୃଷି ଓ କୃଷକଙ୍କ ପାଇଁ ବହୁ କଲ୍ୟାଣକାରୀ ଯୋଜନା କରିଛନ୍ତି। ହେଲେ ଯେଉଁ କୃଷକମାନେ ବର୍ତ୍ତମାନ ଆନ୍ଦୋଳନକୁ ଓହ୍ଲାଇଛନ୍ତି ସେମାନେ କ'ଣ ଏହାର ସୁଫଳ ପାଇନାହାନ୍ତି କି? ଯେଉଁ କୃଷକମାନେ ସରକାରୀ ସୁବିଧାରୁ ବଞ୍ଚିତ ବୋଲି ମନେ କରନ୍ତି ସେମାନେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ରାଜନେତା ଏବଂ ଲୋକ ପ୍ରତିନିଧିଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରି ପରାସ୍ତ ହୋଇଛନ୍ତି କି? ଯଦି ଏଭଳି କିଛି ହୋଇଥାଏ ତେବେ ଆନ୍ଦୋଳନ ହିଁ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ଉପଯୁକ୍ତ ମାଧ୍ୟମ ବୋଲି କହିପାରିବା। କିନ୍ତୁ ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଆନ୍ଦୋଳନ ମାଧ୍ୟମରେ ରାଜନୈତିକ ପୃଷ୍ଠପୋଷକତା ପାଇଁ ଯଦି ଏଭଳି କିଛି ହେଉଥାଏ ତାହା କ'ଣ ଠିକ୍ ବୋଲି କହିପାରିବା କି? ନା' ପ୍ରକୃତରେ ଯଦି ରାଜ୍ୟର କୃଷକମାନେ ନିଜ ସମସ୍ୟାକୁ ନେଇ ଅତିଷ୍ଠ ହୋଇଥାନ୍ତି ତେବେ ସେମାନେ କ'ଣ ଭୋଟ ବର୍ଜନ କରିପାରିବେ? ତେବେ ସରକାରଙ୍କୁ ଆମର କହିବାର କଥା, ଚାଷୀଙ୍କ ଦୟନୀୟ ଅବସ୍ଥା ପାଇଁ ସରକାର କ'ଣ ଦାୟୀ ନୁହଁନ୍ତି? ସରକାର ଯେବେ ଚାଷୀଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେଇ ସେମାନଙ୍କ ସୁବିଧା, ଅସୁବିଧା ବୁଝିପାରନ୍ତେ ତେବେ ଆନ୍ଦୋଳନର ଆବଶ୍ୟକତା ପଡନ୍ତା ନାହିଁ। କାରଣ ଦେଶର ସାଧାରଣ ନାଗରିକଟିଏ ଯେତେବେଳେ ନିଜର ମୌଳିକ ଅଧିକାରରୁ ବଞ୍ଚିତ ରହିବ, ସେତେବେଳେ ସେ ନିଶ୍ଚୟ ପ୍ରତିବାଦ କରିବ। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ନବନିର୍ମାଣ କୃଷକ ସଂଗଠନ କୃଷକମାନଙ୍କ ସମସ୍ୟାକୁ ନେଇ ଯେଉଁ ଆନ୍ଦୋଳନ ଚଳାଇଛି ତାହା କୃଷକ ସମାଜ ପାଇଁ ନିଶ୍ଚୟ ହିତକର। ତେବେ ଏହାକୁ ନେଇ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଯଦି ଚିନ୍ତା କରାଯାଉଥାଏ ତେବେ ଏହା ବର୍ଜନୀୟ। ଅତୀତରେ ଏଭଳି ଅନେକ ଆନ୍ଦୋଳନ ଦେଖାଯାଇଛି ଯେଉଁଥିରେ ପ୍ରମୁଖ ଭୂମିକା ତୁଲାଉଥିବା ଲୋକମାନେ ନିଜର ରାଜନୈତିକ ଅଭିସନ୍ଧି ରଖି ପ୍ରାରମ୍ଭିକ ସ୍ତରରେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ବି ପରେ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ହେଲା ପରେ ଏଥିରୁ ଓହରି ଯାଇଛନ୍ତି। ତେଣୁ ସେଭଳି କିଛି ନହେଉ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସ୍ୱତନ୍ତ୍ର ଶ୍ରେଣୀ ରାଜ୍ୟ ପାହ୍ୟା ଦାବି !


ଡାକ୍ତର ନୀଳମାଧବ ପୃଷ୍ଟି

ଓଡ଼ିଶା ବିଧାନସଭାରେ ଅପ୍ରେଲ ମାସରେ କଂଗ୍ରେସ ବିଧାୟକ କୈଳାସ ଚନ୍ଦ୍ର ଚନ୍ଦ୍ର ପୁରେଶିକାଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଉଷା ଦେବୀ କହିଥିଲେ ଯେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବୀ ପାଇଁ ଯୋଗ୍ୟ ନୁହେଁ। ସେ ଏହା ମଧ୍ୟ ସରକାରୀ ଭାବେ ସ୍ୱୀକାର କରିଥିଲେ ଯେ ସ୍ୱତନ୍ତ୍ର ଶ୍ରେଣୀ ରାଜ୍ୟ ପାହ୍ୟା ଦାବୀରେ ଯେଉଁ ମାନଦଣ୍ଡ ରଖାଯାଇଛି ତାହା ଭିତରେ ଓଡ଼ିଶା ଅନ୍ତର୍ଗତ ହୋଇପାରୁନାହିଁ। ଅନ୍ୟ ରାଷ୍ଟ୍ର ସହ ଓଡ଼ିଶାର ସୀମା ସଂଲଗ୍ନ ହୋଇନାହିଁ କିମ୍ବା ଓଡ଼ିଶାର ଅର୍ଥନୀତି ସ୍ଥାଣୁ ନୁହେଁ। ଏହି ଦୁଇଟି ହେଉଛି ସ୍ୱତନ୍ତ୍ର ଶ୍ରେଣୀ ରାଜ୍ୟ ପାହ୍ୟାର ଦାବୀ କରିବାର ମୁଖ୍ୟ ଓ ଅନିବାର୍ଯ୍ୟ ପ୍ରାଥମିକତା। ଓଡ଼ିଶାର ସୁଦ୍ଧି ପାଠକ ମାନଙ୍କୁ ଆମେ ଉପରୋକ୍ତ ତଥ୍ୟଟି ଏଇଥିପାଇଁ ମନେପକାଇଲୁ ଯେତେବେଳେ ଓଡ଼ିଶାର ବିଜେଡ଼ି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଶ୍ରେଣୀ ରାଜ୍ୟ ଦାବୀକୁ ଆଗାମୀ ନିର୍ବାଚନରେ ମୁଖ୍ୟ ଇସ୍ୟୁ କରିବା ପାଇଁ ଯାଉଛନ୍ତି। ନିକଟରେ ଏକ ଜାତୀୟ ସର୍ବେକ୍ଷଣ ସଂସ୍ଥା ସିଭୋଟର ଏକ ଚମକପ୍ରଦ ତଥ୍ୟ ପ୍ରକାଶ କରିଥିଲା। ଓଡ଼ିଶାରେ ବର୍ତ୍ତମାନ ପରିସ୍ଥିତିକୁ ଦେଖି ନିର୍ବାଚନ ହେଲେ ୨୧ଟି ଲୋକସଭା ଆସନରୁ ବିଜେପି ପାଇବା ୧୨ଟି, ବିଜେଡ଼ି ୬ଟି ଓ କଂଗ୍ରେସ ପାଇବ ୩ଟି। ଗତ ନିର୍ବାଚନରେ ବିଜେପି ମାତ୍ର ଗୋଟିଏ ସିଟ୍ ପାଇଥିବା ବେଳେ ଏହାର ୧୧ଟି ସିଟ ବଢୁଥିବାରୁ ରାଜ୍ୟରେ ବିଜେପି ତାର ଜବରଦସ୍ତ ବିସ୍ତାର କରୁଥିବାର ଏହି ତଥ୍ୟରୁ ସୂଚୀତ ହେଉଛି। ସେହିଭଳି ଗତ ସାଧାରଣ ନିର୍ବାଚନରେ ନିଜ ଖାତା ଖୋଲିବାକୁ ସକ୍ଷମ ହୋଇନଥିବା ଭାରତର ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ ଓଡ଼ିଶାରେ ମାଟି କାମୁଡ଼ି ଥିଲା। କିନ୍ତୁ ବର୍ତ୍ତମାନ ସକ୍ରିୟ ଓଡ଼ିଶା କଂଗ୍ରେସ ୩ଟି ଆସନ ପାଇବାକୁ ସକ୍ଷମ ହେଉଛି ଅର୍ଥ ଓଡ଼ିଶା କଂଗ୍ରେସର ସୁପ୍ରିମୋ ନିରଞ୍ଜନ ବାବୁ କଂଗ୍ରେସକୁ ନିଶ୍ଚିନ୍ତ ଭାବରେ ଚଳଚଞ୍ଚଳ କରିଛନ୍ତି। ଲଗାତର ୧୮ବର୍ଷ ଧରି ନିରଙ୍କୁଶ ଶାସନ କ୍ଷମତାରେ ଥିବା ବିଜେଡ଼ିକୁ ଏହି ସର୍ଭେ ରିପୋର୍ଟ ଜବରଦସ୍ତ ଝଟକା ଦେଇଛି। ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ବିନା କେନ୍ଦ୍ର ସହଯୋଗରେ ଅନେକ ଲୋକପ୍ରିୟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏହା ନିଃସନ୍ଦେହ ଓଡ଼ିଶାର ଗରିବ ଗୁରୁବା ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ନିଶ୍ଚିନ୍ତ ଭାବରେ ଉପକୃତ ହେଉଛନ୍ତି। ସରକାର ନିଜସ୍ୱ ଭାବେ ଖାଦ୍ୟ ସୁରକ୍ଷା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନସନ୍ ପରି ବଡ଼ ବଡ଼ ଲୋକାଭିମୁଖୀ କାର୍ଯ୍ୟକ୍ରମ କରି ବି ଓଡ଼ିଶାରେ କିଭଳି ମୋଦୀ ଲହର ବଢୁଛି ଏହା ରାଜନୈତିକ ସମୀକ୍ଷକ ମାନଙ୍କ କିନ୍ତୁ ଆଦୌ ଆଶ୍ଚର୍ଯ୍ୟ କରୁନାହିଁ। ସିଭୋଟର ସଂସ୍ଥାର ସର୍ଭେ ରିପୋର୍ଟର ଉଦ୍‌ବେଗଜନକ ତଥ୍ୟ ହେଉଛି ଗତଥର ୪୨ ପ୍ରତିଶତ ଭୋଟ ପାଇଥିବା ବିଜେଡ଼ି ଏବେ ୩୩ ପ୍ରତିଶତରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ବିଜେଡ଼ି ପାଇଁ ଏହି ସଂସ୍ଥାର ରିପୋର୍ଟ ବିବ୍ରତକାରୀ ମୃତ୍ୟୁଘଣ୍ଟି ସଦୃଶ କହିଲେ ଅତ୍ୟୁକ୍ତି ହେବନାହିଁ।

ଓଡ଼ିଶା ସରକାର ଅଗଷ୍ଟ ମାସରୁ ରାସନ କାର୍ଡ଼ ଦେଇ ମାତ୍ର ୧ଟଙ୍କାରେ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ପ୍ରଣୟନ କରି ଚାଉଳ ଯୋଗାଉଛନ୍ତି। ସେହିପରି ପ୍ରଧାନମନ୍ତ୍ରୀଙ୍କ ଆୟୁଷ୍ମାନ କଲ୍ୟାଣ ଯୋଜନାକୁ ଗ୍ରହଣ ନକରି ସରକାର ନିଜସ୍ୱ ପାଣ୍ଠିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହାତକୁ ନେଇଛନ୍ତି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ଦେବା ଦାବୀ ଆଜିକା ସମୟର ନୁହେଁ। ବର୍ଷ ବର୍ଷ ଧରି ଏହି ଦାବୀ ନିୟମିତ ଭାବେ କେନ୍ଦ୍ର ସରକାରଙ୍କ ଆଗରେ କେବଳ ନିଜ ରାଜନୈତିକ ଦବ୍‌ଦବାକୁ ବଜାୟ ରଖିବା ପାଇଁ ରୀତିମତ ନାଟକବାଜି ଚାଲୁଛି। ବିଜେଡ଼ି କେନ୍ଦ୍ରରେ ଏନ୍‌ଡିଏ ସରକାରଙ୍କ ସହିତ ଗଠବନ୍ଧନରେ ବର୍ଷ ବର୍ଷ ଧରି ଥିଲା। ସେ ସମୟରେ ଓଡ଼ିଶାକୁ ସ୍ୱତନ୍ତ୍ର ଶ୍ରେଣୀ ରାଜ୍ୟ ପାହ୍ୟା ଦାବୀ ନିଶ୍ଚିନ୍ତ ଭାବରେ ନିଜ ରାଜନୈତିକ ପ୍ରଭାବ ଦ୍ୱାରା ସମର୍ଥନ ଜୁଟାଇବାକୁ ସମର୍ଥ ହୋଇଥାନ୍ତା। ଓଡ଼ିଶାବାସୀ ଭଲ ଭାବେ ଜାଣିଛନ୍ତି ଓଡ଼ିଶାକୁ ଏହି ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବି କେବଳ ରାଜନୀତିର ରୁଟି ସେକାକୁ ଗରମ କରିବା ପାଇଁ ଏହା ଭିତରେ ଆନ୍ତରିକତା ଗୋଟିଏ ପଇସାର ନାହିଁ। ଛତିଶଗଡ଼ର ମହାନଦୀ ଜଳ ଅଟକାଇବା ପ୍ରସଙ୍ଗରେ ବିଧାନସଭାରେ ସରକାର ଛତିଶଗଡ଼ ମହାନଦୀର ଉପରମୁଣ୍ଡରେ ଶହେଟି ନଦୀ ବନ୍ଧକଲେ ବି ଯେପରି ଓଡ଼ିଶାର କ୍ଷତି ହେବନାହିଁ ବୋଲି କହିଥିଲେ ଓ ପରେ ରାଜନୈତିକ ଭାବେ ପଲଟି ଏହାକୁ ବିରୋଧ କରିଥିଲେ ଏହାର ଭିତିରି ଅର୍ଥ ଓଡ଼ିଶାବାସୀ ବେଶ୍ ଭଲ ଭାବେ ଜାଣନ୍ତି। ଓଡ଼ିଶାରେ ଲୋକପ୍ରିୟ ସରକାର ଯେଉଁପରି ନିୟମିତ ଭାବରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା କାର୍ଯ୍ୟକ୍ରମ ହତାକୁ ନେଉଛନ୍ତି ଏବଂ ଦୃଢ଼ ଭାବରେ ବିନା କେନ୍ଦ୍ର ସହଯୋଗରେ ନିଜସ୍ୱ ପାଣ୍ଠି ମାଧ୍ୟମରେ କରୁଥିବାର ବଡ଼େଇ ଚଡ଼େଇ ମତ ରଖୁଛନ୍ତି ଏ କ୍ଷେତ୍ରରେ ଓଡ଼ିଶା ଏକ ଅର୍ଥନୀତିରେ ଅନଗ୍ରସର ରାଜ୍ୟ ଭାବେ ଗ୍ରହଣ କରାଯାଇପାରିବ କି? ଓଡ଼ିଶା ସରକାର ଅର୍ଥନୀତି କ୍ଷେତ୍ରରେ ଅତ୍ୟନ୍ତ ମଜଭୁତ୍ ଓ ସୁଦୃଢ଼ ବୋଲି ବାର୍ତ୍ତା ଦେଇ ନିଜସ୍ୱ ପାଣ୍ଠିରେ ଅନେକ ଯୋଜନାକୁ ହାତକୁ ନେଉଛନ୍ତି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ସରକାର ଗ୍ରହଣ ନକରି ଯେପରି ବିଜୁ ସ୍ୱାସ୍ଥ୍ୟ ଯୋଜନା ହାତକୁ ନେଇଛନ୍ତି ଠିକ୍ ସେହିପରି କେନ୍ଦ୍ରର କୁସମ ଯୋଜନାକୁ ଗ୍ରହଣ ନକରି ନିଜସ୍ୱ ସୌର ଜଳନିଧି ଯୋଜନା ଆରମ୍ଭ କରିଛନ୍ତି। ସରକାର ଓଡ଼ିଶାରେ ୨୫ ପ୍ରତିଶତ ଦାରିଦ୍ର୍ୟ ହ୍ରାସ ପାଇଛି ବୋଲି ଦାବି କରିବା ସହ ସରକାରଙ୍କ ଅର୍ଥନୈତିକ ଅଭିବୃଦ୍ଧି ହାର ୭.୧୪% ବୋଲି ବେଶ୍ ଚଢ଼ା ଗଳାରେ ସରକାର କହୁଛନ୍ତି ଯାହାକି ଜାତୀୟ ଅଭିବୃଦ୍ଧି ହାର ଠାରୁ ଢ଼େର ଅଧିକ। ଓଡ଼ିଶାର କୌଣସି ସୀମା ଅନ୍ୟ ଦେଶ ସହିତ ସଂଲଗ୍ନ ହୋଇନାହିଁ ଏବଂ ଅର୍ଥନୀତିର ଉ□ାନ ଢ଼େର ଆଗରେ। ଏପରି ସମୟରେ ସ୍ୱତନ୍ତ୍ର ଶ୍ରେଣୀ ରାଜ୍ୟ ପାହ୍ୟା ଦାବି ବିଜେଡ଼ିର ରାଜନୈତିକ ଗୋଟି କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତର ଅନେକ ରାଜ୍ୟ କେନ୍ଦ୍ର ପାଖରେ ସହାୟତାର ହାତ ପାତୁଥିବା ବେଳେ ଓଡ଼ିଶା ସରକାର ନିଜ ଅର୍ଥ ବଳରେ କେନ୍ଦ୍ରୀୟ ଯୋଜନାକୁ ଗ୍ରହଣ ନକରି କେନ୍ଦ୍ରକୁ ଟକ୍କର ଦେଇ ରୀତିମତ ନିଜସ୍ୱ ଯୋଜନା କରୁଥିବାବେଳେ କେଉଁ ଆଧାର, ଯୁକ୍ତି ଓ ତଥ୍ୟ ଓଡ଼ିଶାକୁ ସ୍ୱତନ୍ତ୍ର ଶ୍ରେଣୀ ରାଜ୍ୟପାହ୍ୟା ପାଇବା ପାଇଁ ଯୋଗ୍ୟତା ରଖିବ? ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଲେ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଭାଗ ବର୍ତ୍ତମାନର ୫୦ ପ୍ରତିଶତରୁ ବଢ଼ି ଏହା ୯୦ ଭାଗ ହେବ ଓ ରାଜ୍ୟର ବର୍ତ୍ତମାନର ୫୦ ପ୍ରତିଶତ କମି ୧୦ ଭାଗ ହେବ। ଏହି ବଳକା ଅର୍ଥ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି ନିର୍ମାଣରେ ଲାଗିପାରିବ। କେନ୍ଦ୍ର ସରକାର ପୂର୍ବରୁ ଓଡ଼ିଶାର ରେଳବାଇ ବିକାଶ ପାଇଁ ୧ହଜାର କୋଟି ଟଙ୍କା ବି ଦେଉ ନଥିଲେ ବର୍ତ୍ତମାନର ମୋଦି ସରକାର ୫ହଜାର କୋଟି ଟଙ୍କା ଯୋଗାଉଛନ୍ତି। ବିଜୁଳି କ୍ଷେତ୍ରରେ ୯ହଜାର କୋଟି ଟଙ୍କା ଓଡ଼ିଶା ପାଇ ଏ ପର୍ଯ୍ୟନ୍ତ ୪ହଜାର କୋଟି ଟଙ୍କା ଖର୍ଚ୍ଚ କରିପାରିନି। ଜାତୀୟ ରାଜପଥ କ୍ଷେତ୍ରରେ ବ୍ୟାପକ ବିକାଶ ପାଇଁ ୪ହଜାର କୋଟିର ଟେଣ୍ଡର ହୋଇଛି କିନ୍ତୁ ରାଜ୍ୟ ସରକାରଙ୍କ ଅନ୍ତର୍ଗତ ଜଙ୍ଗଲ ଅନୁମତି, ଜମି ଅଧିଗ୍ରହଣ ସମସ୍ୟା ରାଜ୍ୟ ସରକାରଙ୍କ ନାଲିଫିତାରେ ବନ୍ଧା ହୋଇଛି। ଏଠାରେ ସୁଦ୍ଧି ପାଠକ ମାନଙ୍କୁ ସୂଚୀତ କରୁଛୁ କି, ୨୦୧୩ ମେ ୭ ତାରିଖରେ ତତ୍କାଳୀନ ଯୋଜନା ଆୟୋଗ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନଦଣ୍ଡର ୩ ଓ ୫ ନଂ ସର୍ତ୍ତ ଅର୍ଥାତ୍ ସୀମାନ୍ତ ରାଜ୍ୟ ଓ ରାଜ୍ୟ ଅର୍ଥ ବ୍ୟବସ୍ଥାରେ ଅଚଳାବସ୍ଥା ଓଡ଼ିଶା ପୂରଣ କରୁନାହିଁ ବୋଲି ଜଣାଇଥିଲେ। ଚତୁର୍ଦ୍ଦଶ ଅର୍ଥ କମିଶନ ମଧ୍ୟ ରାଜ୍ୟର ଏହି ଯୁକ୍ତିକୁ ଗ୍ରହଣ କରିନାହାନ୍ତି। ଆନ୍ଧ୍ରପ୍ରଦେଶର ତେଲଗୁଦେଶମ ପାର୍ଟି ଏନ୍‌ଡିଏରେ ଥାଇ ମଧ୍ୟ ସ୍ୱତନ୍ତ୍ର ଶ୍ରେଣୀ ରାଜ୍ୟ ପାହ୍ୟାରୁ ବଞ୍ଚିତ ହେବାପରେ ମୋଦି ସରକାରରୁ ଓହରିଗଲା। ବିହାରରେ ନୀତିଶ କୁମାରଙ୍କ ଜେଡ଼ିୟୁ ଏନ୍‌ଡିଏର ସହଯୋଗୀ ହୋଇ ମଧ୍ୟ ବିହାର ସ୍ୱତନ୍ତ୍ର ଶ୍ରେଣୀ ରାଜ୍ୟ ପାହ୍ୟା ପାଇବା ପାଇଁ ସକ୍ଷମ ହୋଇପାରିନାହିଁ। ସିଭୋଟର ସର୍ଭେ ରିପୋର୍ଟ ବିଜେଡ଼ିର ଆଗାମୀ ସିଂହାସନ ଦଖଲ ପାଇଁ ନିଦ ହଜାଇ ଦେଇଛି। ବିଜେଡ଼ିର 'ଆମ ଗାଁ, ଆମ ବିକାଶ' ଓ 'ଆମ ସହର, ଆମ ପ୍ରଗତି'ର ବ୍ୟାପକ ଢ଼ୋଲ ବାଡ଼ା ଭିତରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିର ଆବେଗତା ଓଡ଼ିଶାବାସୀଙ୍କୁ କିପରି ଛୁଉଁଛି ଓ ଏହାର ପ୍ରତିଫଳନ କିପରି ଆଗାମୀ ସମୟକୁ ସାମ୍ନା କରୁଛି ତା ଉତ୍ତର ନିର୍ବାଚନ ଗଣିତର ଅଙ୍କଫେଡ଼ା ଭିତରେ ପରିଷ୍କାର ହୋଇଯିବ।

ପାଣିକୋଇଲି, ଯାଜପୁର
ମୋ : ୯୪୩୯୪୮୨୫୨୬

# ସଙ୍କଟରେ ପାରିବାରିକ କୃଷି


ମୋହନ କୁମାର ଭଟ୍ଟ

**ପୃ**ଥିବୀ ମୁଖ୍ୟତଃ କୃଷିଭିତ୍ତିକ ସମାଜ ଥିଲା ଏବଂ ଖାଦ୍ୟ ମଣିଷର ପ୍ରଥମ ଆବଶ୍ୟକତା ଥିବାରୁ କୃଷିର ଗୁରୁତ୍ୱ ସବୁବେଳେ ରହିବ । ପରିବର୍ତ୍ତିତ ପୃଥିବୀରେ ବୃତ୍ତି ଓ ଆୟକାରୀ ଧନ୍ଦା ହିସାବରେ କୃଷିର ଗୁରୁତ୍ୱ ବଦଳୁଥିଲେ ବି ଅଧିକାଂଶ ଦେଶରେ ଗରିବ ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ଏବଂ ସେମାନେ ଗ୍ରାମାଞ୍ଚଳରେ ରହୁଥିବା କାରଣରୁ ପାରମ୍ପରିକ ପାରିବାରିକ କୃଷିର ପ୍ରାଧାନ୍ୟ ଆହୁରି ଅନେକ ବର୍ଷ ରହିବା ସ୍ୱାଭାବିକ । କିନ୍ତୁ ଏବେ କୃଷିର ବ୍ୟବସାୟୀକରଣ ପ୍ରକ୍ରିୟାରେ ପରିବାର ଚାଷ ପଦ୍ଧତି ବଦଳୁଛି । ଯେ କୌଣସି କାରଣରୁ ହେଉ ପଛେ ପ୍ରତି ପରିବାର ପାଖରେ ଥିବା ଛୋଟଛୋଟ କୃଷି ଫାର୍ମ ଧୀରେ ଧୀରେ ଲୋପ ପାଇଯାଉଛି । ତଥାପି ଏହି ପ୍ରକ୍ରିୟାକୁ ବିରୋଧ କରୁଥିବା ଗୋଷ୍ଠୀ କହୁଛନ୍ତି ଯେ, ପୂର୍ବର ପରିବାର ଫାର୍ମ ସବୁଦୃଷ୍ଟିରୁ ଉପକାରୀ ଓ ଏହାକୁ ବଞ୍ଚାଇ ରଖାଯିବା ଉଚିତ । ନିକଟରେ ଗ୍ରେନ୍ ସଂସ୍ଥା ତରଫରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ପ୍ରକୃତରେ ପରିବାର ଫାର୍ମ ଗୁଡ଼ିକ ହିଁ ବିଶ୍ୱର ଖାଦ୍ୟ ଆବଶ୍ୟକତା ପୂରଣ କରୁଛି । ଯଦିଓ ଚାଷଜମି ମାଲିକାନାରେ ସେ ସବୁର ଗୁରୁତ୍ୱ କମିଚାଲିଛି । ଏବେ ପୃଥିବୀର ଏକ ଚତୁର୍ଥାଂଶରୁ କମ ଚାଷ ଜମି ପାରମ୍ପରିକ ଚାଷୀ ପରିବାରଗୁଡ଼ିକ ହାତରେ ରହିଛି । ସେହି ହାର ମଧ୍ୟ ଦିନକୁ ଦିନ ହ୍ରାସ ପାଉଛି। କାରଣ ଧନୀ ଓ କ୍ଷମତାଶାଳୀ ଲୋକେ ତଥା ବ୍ୟବସାୟିକ କମ୍ପାନୀ ଗୁଡ଼ିକ ସାରା ବିଶ୍ୱରେ ଚାଷୀଙ୍କ ଠାରୁ ଚାଷ ଜମି କିଣିଚାଲିଛନ୍ତି । ଓକ୍‌ଲାଣ୍ଡ ଇନ୍‌ଷ୍ଟିଚ୍ୟୁଟର ଏକ ରିପୋର୍ଟରେ କୁହାଯାଇଛି ଯେ, ଏକବିଂଶ ଶତାବ୍ଦୀର ପ୍ରଥମ କେଇ ବର୍ଷ ବିଶ୍ୱରେ ଜମି କିଣିବା ଲାଗି ଅଭୂତପୂର୍ବ ବ୍ୟାକୁଳତାର ସମୟ ଭାବେ ଇତିହାସରେ ସ୍ମରଣୀୟ ରହିବ । ପ୍ରକୃତରେ ଗତ କିଛି ବର୍ଷ ଧରି ଭାରତ ଓ ଅନ୍ୟତ୍ର ଚାଷଜମିର ମୂଲ୍ୟ ବଢ଼ିଯାଇଛି । କାରଣ, ଧନୀ ଲୋକେ ଅଧିକ ଚାଷ ଜମି କିଣୁଛନ୍ତି । କେହି ଏହା ପୁଞ୍ଜିବିନିଯୋଗ ଭାବେ ବ୍ୟବହାର କରୁଛି ତ, କେହି ଏହାକୁ ରିଅଲଇଷ୍ଟେଟ ପରି ଅଣକୃଷି କାମ ପାଇଁ କିଣୁଛି । ଭାରତରେ ଭୂସଂସ୍କାର ଆଇନ ଅର୍ଥାତ ଜଣେ ସର୍ବୋଚ୍ଚ କେତେ ପରିମାଣର ଜମି କିଣିପାରିବ ସେହି ସିଲିଂ ରହିଥିଲେ ବି ତାକୁ କେହି ମାନୁନାହାନ୍ତି । ଭାରତ ସମେତ ଅନ୍ୟ ଦେଶଗୁଡ଼ିକର ବ୍ୟବସାୟୀମାନେ ଆଫ୍ରିକାରେ ଏକ ସମୟରେ ଲକ୍ଷ ଲକ୍ଷ ଏକର ଜମି କିଣୁଛନ୍ତି । ଓକ୍‌ଲାଣ୍ଡ ଇନ୍‌ଷ୍ଟିଚ୍ୟୁଟ ରିପୋର୍ଟ ଅନୁସାରେ ୨୦୦୦ ମସିହାରୁ ୨୦୧୭ ମଧ୍ୟରେ ବିକାଶଶୀଳ ଦେଶଗୁଡ଼ିକରେ ୬୨୪ ନିୟୁତ ଏକର ଜମି ଏହିପରି ପ୍ରକ୍ରିୟାରେ କିଣାଯାଇଛି ଯାହା ଆୟତନ ଦୃଷ୍ଟିରୁ ଇଂଲଣ୍ଡର ୧୦ ଗୁଣ ହେବ । ଏହି ଜମି ଖର୍ଦ୍ଦି ପ୍ରକ୍ରିୟା ସ୍ଥାନୀୟ ଖାଦ୍ୟ ନିରାପତ୍ତା ଓ ଜମି ଅଧିକାରକୁ ବିପନ୍ନ କରୁଛି ।

ଗ୍ରେନ୍ ପରି ସଂସ୍ଥାର ରିପୋର୍ଟ ଅନୁସାରେ ପରିବାର ଫାର୍ମଗୁଡ଼ିକରେ କୃଷି ଉତ୍ପାଦନ ସ୍ଥାନୀୟ ଖାଦ୍ୟ ଆବଶ୍ୟକତା ଓ ଜାତୀୟ ବଜାରକୁ ଗୁରୁତ୍ୱ ଦେଉଥିବା ବେଳେ କର୍ପୋରେଟ ଚାଷର ଲକ୍ଷ ମୁଖ୍ୟତଃ ରପ୍ତାନି ଓ ଲାଭ ପାଇଁ ଉଦ୍ଦିଷ୍ଟ । ଋଷ, ବ୍ରାଜିଲ ଓ ଅନ୍ୟାନ୍ୟ ଦେଶରେ ଦେଖାଯାଉଛି ଯେ, ପରିବାର ଫାର୍ମ ଓ ଛୋଟ ଚାଷୀ ଦେଶର ମୋଟ ଉତ୍ପାଦନର ଅଧିକ ଭାଗ ଅମଳ କରୁଛନ୍ତି । କିନ୍ତୁ ଧୀରେ ଧୀରେ ସେ ଜମିସବୁ ଧନୀ ଲୋକେ ଓ ବଡ଼ କମ୍ପାନୀମାନେ ଚାଷୀଙ୍କୁ ଲୋଭ ଦେଖାଇ ଅଥବା ନିଜ ଶକ୍ତିର ଅପପ୍ରୟୋଗ କରି କିଣିନେଉଛନ୍ତି । ଏଭଳି ମତ ଦେଉଥିବା ଗୋଷ୍ଠୀଙ୍କର ଯୁକ୍ତିରେ ସତ୍ୟତା ଥିଲେ ବି ପରିବର୍ତ୍ତନର ଉପରୋକ୍ତ ପ୍ରକ୍ରିୟାକୁ ରୋକି ହେବ ବୋଲି ଆଶା କରାଯାଉନାହିଁ । କାରଣ କୃଷିରୁ ଅଣକୃଷି ଉଦ୍ୟୋଗକୁ ଲୋକଙ୍କର ଯିବା ପ୍ରକ୍ରିୟା ଅବ୍ୟାହତ ରହିବ । ତା ସାଙ୍ଗକୁ ଚାଷକୁ ଲାଭଜନକ କରିବା ଲାଗି ତାର ଯାନ୍ତ୍ରିକରଣ କରାଯିବାକୁ ଏବଂ ବଡ଼ ଫର୍ମା ଦ୍ୱାରା ହିଁ ତାହା ବେଶୀ ସମ୍ଭବ ହେବ ବୋଲି କୁହାଯାଉଥିବାରୁ ଚାଷ ଜମିର ହସ୍ତାନ୍ତର ବଢ଼ିବ । ତା'ସତ୍ତ୍ୱେ ଇସ୍ରାଏଲ ପରି ଅନେକ ଦେଶ ଆଧୁନିକ କୃଷି ପଦ୍ଧତିରେ ଛୋଟ ଫାର୍ମରେ ବି ଅଧିକ ଲାଭ କରୁଛନ୍ତି ଓ ତାକୁ ଯେଉଁଠାରେ ପରିବାର ଫାର୍ମଗୁଡ଼ିକ ଅନୁକରଣ କରିବେ ସେଠାରେ ଛୋଟ ଫାର୍ମ ବି ଏକ ସଫଳ ବ୍ୟବସାୟିକ ୟୁନିଟ ହୋଇପାରିବ । ଦ୍ୱିତୀୟୋକ୍ତ ପଦ୍ଧତିକୁ ଭାରତ ପରି ବିକାଶଶୀଳ ଦେଶଗୁଡ଼ିକ କାର୍ଯ୍ୟକାରୀ କଲେ ହିଁ ପାରିବାରିକ ଛୋଟ ଫାର୍ମଗୁଡ଼ିକ ସଫଳତାର ସହ ତିଷ୍ଠି ରହିପାରିବେ ।

ଭବାନୀପାଟଣା
ମୋ : ୯୯୩୮୯୦୪୭୭୫

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୩୦

*"ସେଠାରୁ ହାଡ଼ିପା ଚେଲାକୁ ଘେନିଣ*
*ବାହାର ତହୁଁ ହୋଇଲେ।*
*ଉତ୍ତର କୋଶଳ ଭ୍ରମି ଭ୍ରମି ଯାଇ*
*କାଶୀନଗ୍ରରେ ମିଳିଲେ ॥"*

**ପ**ରଦିନ ପ୍ରଭାତରେ ହାଡ଼ିପା ଗୋବିନ୍ଦଙ୍କୁ ଡାକି କହିଲେ-ବତ୍ସ ଗୋବିନ୍ଦ,ପୂର୍ବଜନ୍ମର ପାପଫଳ କାରଣରୁ ବନଚାରୀଙ୍କ ଗତରାତ୍ରରେ ତିରୋଧାନ ଘଟିଛି ! ସେ ଇହଧାମ ତ୍ୟାଗ କରି ସ୍ୱର୍ଗଲୋକକୁ ଚାଲିଯାଇଛନ୍ତି। ଏବେ ଆମେ ଏହି ସ୍ଥାନ ତ୍ୟାଗ କରି ବାବା କାଶୀ ବିଶ୍ୱନାଥଙ୍କ ଦର୍ଶନରେ ଯିବା। ଆମେ ଉତ୍ତର ଓ ପଶ୍ଚିମ କୋଶଳ ରାଜ୍ୟ ଦେଇ କାଶୀ ଅଭିମୁଖେ ପଦଯାତ୍ରା କରିବା। ଗଣ୍ଠିଲି କାନ୍ଧରେ ପକାଇ ମୋ ସହିତ ଚାଲ। ତହିଁପରେ ହାଡ଼ିପା ଗୋବିନ୍ଦଙ୍କୁ ସାଙ୍ଗରେ ଧରି ଉତ୍ତର କୋଶଳ ରାଜ୍ୟ ଦିଗକୁ ପଦଚାଳନା କଲେ। ସନ୍ଧ୍ୟା ଆଗତ ଦେଖି ହାଡ଼ିପା କହିଲେ ବତ୍ସ,ଆମେ ଏବେ କୋଶଳ ରାଜ୍ୟରେ ପାଦ ଥାପିଛେ। ପଥଶ୍ରମ ଲାଘବ କରିବା ପାଇଁ ସମ୍ମୁଖରେ ଦିଶୁଥିବା ଶୈବପୀଠରେ ଆଜି ରାତି ବିତାଇବା। ପୀଠରେ ପହଚିଂ ହାଡ଼ିପା କହିଲେ ଗୋବିନ୍ଦ,ସୁଦୃଶ୍ୟ ପର୍ବତର ପାଦଦେଶରେ ଅବସ୍ଥିତ ଦୈବୀ ପରିବେଶକୁ ଅନୁଭବ କର। କାଳଚକ୍ର ପରିବର୍ତ୍ତନ କରିବା ନିମନ୍ତେ ଭଗବାନ ଶିବଙ୍କୁ ଏଇଠାରେ ଗଭୀର ନିବେଦନ କର। ମୁକ୍ତେଶ୍ୱର ନାମରେ ଖ୍ୟାତ ଏହି ଶିବଆଳୟ ପରିସରରେ ତୁମେ ଅତିଧ୍ୟାନ କର। କ୍ଷୁଧାମୋଚନ ପାଇଁ ଯେତିକି ଆବଶ୍ୟକ ସେତିକି ଶିବପ୍ରସାଦ ସଂଗ୍ରହ କର। ଗୁରୁଙ୍କ ନିର୍ଦ୍ଦେଶରେ ଗୋବିନ୍ଦ କରଯୋଡ଼ି ଓଁ ନମୋଶିବାୟ ମନ୍ତ୍ର ଉଚ୍ଚାରଣ ପୂର୍ବକ ଶୈବପୀଠର ଚତୁଃପାର୍ଶ୍ୱ ପ୍ରଦକ୍ଷିଣ କଲେ। ମୁକ୍ତେଶ୍ୱରଙ୍କୁ ସାଷ୍ଟାଙ୍ଗେ ପ୍ରଣିପାତ କରି ଦୁଃଖ ଜଣାଇଲେ। ପୀଠର ମହନ୍ତଙ୍କୁ ସାକ୍ଷାତ କରି ଶିବ ପ୍ରସାଦର ଅତିଥିଭାଗ ସଂଗ୍ରହ କଲେ। ଗୁରୁଶିଷ୍ୟ ଦୁହେଁ କ୍ଷୁଧାମୋଚନ କରିବା ପରେ ମନ୍ଦିର ପରିସରରେ ଥିବା ପୁରାତନ ବଟବୃକ୍ଷମୂଳେ ଧ୍ୟାନରେ ବସିଲେ।

ହାଡ଼ିପା କହିଲେ-ଗୋବିନ୍ଦ, ମନୁଷ୍ୟର ଜୀବନପଥରେ ଭକ୍ତି ହେଉଛି ସର୍ବସାର। ଯେପରି ଜଳ ବିହୁନେ ବୃକ୍ଷ ତିଷ୍ଠି ପାରେ ନାହିଁ,ସେହିପରି ଭକ୍ତିବିନୁ ମନୁଷ୍ୟ ଜୀବନ ଅସାର। ବନଚାରୀ ନିକଟରେ ବାସ କରି ସ୍ୱଳ୍ପକାଳ ମଧ୍ୟରେ ତୁମେ ଭକ୍ତିର ଉଷ୍ମ ଓ ଶୀତଳଭାବକୁ ଅନୁଭବ କରି ପାରିଛ। ଏବେ ତୁମେ ଭକ୍ତିର ଗଭୀର ତତ୍ତ୍ୱକୁ ଅନୁସରଣ କର। ଏଇ ବିଶ୍ୱବ୍ରହ୍ମାଣ୍ଡରେ ତୁମେ ଯାହା ଦେଖୁଛ,ଯାହା ଅନୁଭବ କରୁଛ, ତୁମ ଭିତରେ ସେଇ ସବୁ ଉପାଦାନ ରହିଛି ! ତୁମେ ତୁମ ହୃଦୟ ଭିତରକୁ ପ୍ରବେଶ କରି ସେଇ ସବୁ ଉପାଦାନକୁ ଖୋଜ। ସବୁଥିରେ ଭଗବାନଙ୍କର ସତ୍ତା କିପରି ନିହିତ ରହିଛି ଅନ୍ୱେଷଣ କର। ଚକ୍ଷୁ ବନ୍ଦ କରି ଭିତର ଦେଖ,ଚକ୍ଷୁ ଖୋଲି ବାହାର ଦୁନିଆକୁ ଦେଖ,ସବୁ ଏକା ପରି ବୋଧ ହେବ ! ଗୋଟିଏ ସୂକ୍ଷ୍ମଭାବ,ଅନ୍ୟଟି ଭଗବାନଙ୍କର ସ୍ଥୁଳ ରୂପ ! ତୁମ ମୃତ୍ୟୁବେଳାକୁ ଟଳାଇବା ନିମନ୍ତେ ଯେଉଁ ସଦାଶିବଙ୍କୁ ଧ୍ୟାନ କରିବା ପାଇଁ କହୁଛି,ସେ ହେଉଛନ୍ତି ନିରାକାରନାଥଙ୍କ କାର୍ଯ୍ୟନିର୍ବାହୀ ଅଧିକାରୀ। ଅର୍ଦ୍ଧେକ ମାତୃରୂପ ଆଉ ଅର୍ଦ୍ଧକ ପିତୃରୂପରେ ସେ ମାନବଗଣଙ୍କ ମଧ୍ୟରେ ପିତୃପୁରୁଷ ଲୋକନାଥ ବୋଲାନ୍ତି ! ପ୍ରତ୍ୟକ୍ଷ ମାନବୀୟଲୀଳାରେ ସେ ନରନାରୀ ! ଭଗବାନ ଅନନ୍ତଙ୍କ ନିର୍ଦ୍ଦେଶକୁ ସେବକ ଭାବରେ ପାଳନ କରନ୍ତି। ଯୋଗମାୟାଙ୍କୁ ସଙ୍ଗରେ ଧରି ସର୍ଜନା ଓ ବିଳୟ କାର୍ଯ୍ୟ ସମ୍ପାଦନ କରନ୍ତି ! ଯୋଗୀରାଜ ଶିବ ନାମରେ ଗ୍ରାମେ ଗ୍ରାମେ ବୁଲି ଜୀବଙ୍କୁ ମୁକ୍ତିପଥରେ ବାହି ନିଅନ୍ତି ! ସଦାଶିବଙ୍କର ଭାବକୁ ଯିଏ ବୁଝି ପାରନ୍ତି,ସେମାନେ ଶିବପାର୍ବତୀଙ୍କୁ ନିତ୍ୟ ପୟରପୂଜା କରି ଜୀବରୁ ଶିବ ହୋଇଯାନ୍ତି ! ତୁମେ ଭକ୍ତିମାର୍ଗରେ ଆଗେଇ ଚାଲ। ସେଇ ପରମ କାରୁଣିକ ମହାଜ୍ଞାନୀ ଶିବ ଅବଶ୍ୟ କୃପା ଢାଳି ଦେବେ !


ତହିଁପର ଦିନ ଗୁରୁଶିଷ୍ୟ ଦୁହେଁ ସ୍ନାନ ସାରି ଶିବଙ୍କ ମଥାରେ ଜଳ ବେଲପତ୍ର ସମର୍ପଣ କଲେ। ଶିବଙ୍କ ପାଦୁକାଜଳ ପାନ କରି କାଶୀନଗର ଅଭିମୁଖେ ଯାତ୍ରା ଆରମ୍ଭ କଲେ। ଶ୍ରୀବାମନଦେବଙ୍କୁ ପ୍ରଣାମ ଜଣାଇ ପଦଚାଳନା କଲେ। ଦୁର୍ଗମ ପାହାଡ଼,ଘନ ଜଙ୍ଗଲପଥ ଦେଇ ଉଭୟେ ବାଟ ଚାଲୁଥିଲେ। ଚୋର,ତସ୍କର, ହିଂସ୍ରଜନ୍ତୁମାନଙ୍କର ସମ୍ମୁଖୀନ୍ନ ହେଉଥିଲେ ବି କେହି ଆକ୍ରମଣ କରୁ ନ ଥିଲେ। ହାଡ଼ିପା କହିଲେ, ବତ୍ସଗୋବିନ୍ଦ, ଭକ୍ତିପଥରେ ଅନେକ ବାଧାବିଘ୍ନ ଆସିବ। ତୁମେ କୌଣସି କ୍ଷେତ୍ରରେ ବି ଡରିଯିବ ନାହିଁ। ଭବଭୟହର ନିରାକାରନାଥଙ୍କ ଚରଣରେ ପୂର୍ଣ୍ଣ ସମର୍ପିତ ହୋଇଯାଅ ! ଶଦାଶିବଙ୍କୁ ପ୍ରେମରେ ଜଡ଼ାଇ ରଖ, ସବୁ ଠିକ୍ ହୋଇଯିବ। ପଥପାର୍ଶ୍ୱରେ ବହୁ ଶୈବପୀଠ ଓ ବିଭିନ୍ନ ପବିତ୍ର ନଦୀଗୁଡ଼ିକର ସୌନ୍ଦର୍ଯ୍ୟ ଉପଭୋଗ କରି ଶେଷରେ କାଶୀନଗ୍ରରେ ପାଦଦେଲେ। କାଶୀ ନଗରରେ ପରିବ୍ୟାପ୍ତ ଶିବଙ୍କଲୀଳା ଦର୍ଶନ କରି ଗୋବିନ୍ଦ କୃତକୃତ୍ୟ ହୋଇ ପଡ଼ିଲେ। ନିକଟରେ ପ୍ରବାହିତ ଗଙ୍ଗାଜଳରେ ସ୍ନାହାନ ସାରି ବିଶ୍ୱନାଥଙ୍କୁ ସାଷ୍ଟାଙ୍ଗେ ପ୍ରଣିପାତ କଲେ। କାଶୀକ୍ଷେତ୍ରରେ ହରହର ମହାଦେବଙ୍କ ସଦା ବିଚରଣ କଥା ଶ୍ରବଣ କରି ବହୁ ଆନନ୍ଦିତ ହେଲେ। ହାଡ଼ିପା କହିଲେ ଗୋବିନ୍ଦ,ତୁମେ ଶିବଙ୍କ ଉଚ୍ଛିଷ୍ଟ ସଂଗ୍ରହ କର। କ୍ଷୁଧା ମେଟାଂଇବା ପରେ ଜୀବର ପରିତ୍ରାଣଦାତା ସଂସାରତ୍ୟାଗୀ ଶିବଙ୍କର ତ୍ୟାଗ ବିଷୟରେ ଅବଶ୍ୟ ଶୁଣାଇବୁ। ହରି ଓଁ ତତ୍‌ସତ୍ !

*ଦୂରଭାଷ-୯୬୬୮୬୩୧୨୫୭*

## ପିଲାଙ୍କ ଦୁନିଆ



ଅନିଶ ଷଡଙ୍ଗୀ
ଷ୍ଟାଣ୍ଡାର୍ଡ - ୬
ଡିଏଭି ସ୍କୁଲ
ଖୋର୍ଦ୍ଧା








ଆଦିତ୍ୟ ମିଶ୍ର
ଷ୍ଟାଣ୍ଡାର୍ଡ - ୯
ରୟାନ ସ୍କୁଲ
କାନ୍ଦିଭିଲି,ମୁମ୍ବାଇ

## ସବାରିବାଲା



**ରମାକାନ୍ତ ଗୋଚ୍ଛାୟତ**

ହାକୁମ୍ ଧାବଲ୍
ଏଇଠି ଉଚ୍ଚା ଲୋ
ଏଇଠି ଖାଲ ଲୋ
ଏଇଠି ଭୋକ ଲୋ
ଏଇଠି ଶୋଷ ଲୋ
ଡାକିଛି ମୁହଁ ଲୋ
ଭାରି ଗେଲେଇ ଲୋ।
ଦେଖିକି ଚାଲରେ
ଭରା ମାଠିଆଟା ଅଣେଇ ଯିବରେ
ଦେହ ଝାଳୋଉଛି
ପାଟି ନାଳୋଉଛି
ବେଗି ବେଗି ପାଦ
ପକାଇ ଚାଲରେ।
ଚଉଠି ପବନ ମନମତାଣିଆ
ଉଜାଣି ବହୁଛି ବାସ ଚହଟୁଛି
ଲହୁଣିର ଦେହ ତରଳି ଯିବ ଲୋ
ମିଳନର ଗୀତ ଅପେକ୍ଷା କରିଛି
ଖୋଲିଯିବ ତାର ତମ୍ବା ରଙ୍ଗ ଦେହ
ହାକୁମ ଧାବଲ୍, କାନ୍ଧ ବଦଳାଅ।
ଭରସାର କୂଳ ଛାଡ଼ିକି ଆସିଛି
ଅଜଣା ଅଶୁଣା ପରଦେଶେ ଭାବ
ନୂଆ ବାନ୍ଧୁଣିରେ ଚଢ଼େଇ ରାବିବ
ଭାରି ନିଛାଟିଆ ଡର ତ ଲାଗୁଛି
କେମିତି କାଟିବ ଆରକୂଳ ନଈ
ଆଖିରୁ ଝରୁଛି ଧାରଧାର ଲୁହ
ହାକୁମ ଧାବଲ୍ କାନ୍ଧ ବଦଳାଅ।
ଦାଦି ବୁଢ଼ା ଲୋକ ତୁ କାହୁଁ ବୁଝିବୁ
ଶିରିଶିରି ବାଆ ଭାରି ଉଚ୍ଚାଟ ଲୋ
ଦେହ ଶିତୋଉଛି, ତାତି ତ ବଢୁଛି
ବାହୁବନ୍ଧନରେ ପାଇଯିବ ରାତି
ହାକୁମ ଧାବଲ୍ କାନ୍ଧ ବଦଳାଅ।
ଅନ୍ଧାରରେ ବାବୁ ସବୁ ଏକା ରଙ୍ଗ
ନିଜ ଘରେ ଜମି ପଡ଼ିଆ ପଡିଛି
ପର ଘରେ ତୋର ଆଖି ପହଁରୁଛି
ଭାରୁଆ ଭାଗ୍ୟରେ ଦେଖିବା ସାରରେ
ଜହ୍ନ ଉଇଁଲାଣି ବେଗି ପକା ପାଦ
ଆକାଶ କଇଁଆ ଚିଲିକାର ମାଛ
ବାଟ ସରିଗଲେ ଘର ନିରାପଦ
ସାନ ବୋହୂ ତେଣେ ଚାହିଁ ବସିଥିବ
ଗରମ ଖାଇବୁ ପୂରିଯିବ ପେଟ
ହାକୁମ ଧାବଲ୍
ଏଇଠି ଖାଲ ଲୋ / ଏଇଠି ଉଚ୍ଚା ଲୋ।



ଭୁବନେଶ୍ୱର

## ପ୍ରତୀକ୍ଷା



**ନିରଞ୍ଜନ ସେଠୀ**

ବନ ହରିଣୀର ଚଞ୍ଚଳତା ନାଚେ
ତମ ମନ ପ୍ରାଣ ଛୁଇଁ
ରାତି ଜହ୍ନ ରାତି ଅନ୍ଧାରୀ ପାହାଡ଼
ପୀରତିରେ ଯାଏ ନଇଁ।
ପରମ ପୁଲକ ପଣେ ପଣ କରି
ନରମ ପରସେ ଭୋଳେ
ମତି ମଣ୍ଡେ ପ୍ରୀତି ଉଆଁସୀ ପରାଣ
ନଇଁ ଉଇଁ ଆସେ ଡୋଳେ।
ମୋ ନିଜ ଭିତରେ ହଜିଯାଇ ନିଜେ
ଦେଖେ ତମ ପ୍ରତିରୂପ
ହୃଦୟ ସାଗର ବେଢ଼ାରେ ବସି ମୁଁ
ଜାଳି ଦିଏ ସ୍ମୃତି ଦୀପ।
କେବେ ପ୍ରୀତି ଢେଉ ପାଗଳିନୀ ପ୍ରାଏ
କୂଳ ଲଙ୍ଘି କୂଳ ଖାଏ
କେତେବେଳେ ପୁଣି ନରମ ପରସି
ସରମରେ ଶଙ୍କି ଯାଏ।
କେବେ ଅଣଚାଶ ବାଆ କି ବତାଶ
ପାରିନି ଏଯାଏଁ ଛୁଇଁ
ଜଳୁଛି ନିରବେ ସ୍ମୃତି ଦୀପ ଶିଖା
ପୀରତି କଜ୍ଜଳ ନାଇ।
ଲିଭିବା ଆଗରୁ ପ୍ରୀତି ନଭ ନାଭି
ସଜେଇ କୁଙ୍କୁମ ଝୋଟି
ଗାଉଥିବି ନିତି ଆଲୁଅ ଅନ୍ଧାରେ
ପ୍ରୀତି ସ୍ମୃତି ନାବ ଗୀତି।



ଭି.ଏ.-୧୦/୧, ୟୁନିଟ୍-୨, ଭୁବନେଶ୍ୱର

## ଅବବୋଧ



**ତପନ ପଟ୍ଟନାୟକ**

ମୁଁ ଯୁଆଡେ ଯାଏ
ଆଗୁଆ ଜାଣିଲା ପରି
ଛାଇ ମୋର
ଆଗେ ଆଗେ ବାଟ ଚାଲୁଥାଏ।
ମୁଁ ବୁଲୁଥାଏ
ଆମ ସହ ଆଉ ଜଣେ ବୁଲୁଥାଏ
ସେ ମୋ ଅନାହତ ଆତ୍ମା
ମୋ ପାଇଁ ଅଯଥାରେ କଷ୍ଟ ପାଏ
ମୋ ଭିତରେ ଥାପି ଦେଇ
ଦିବ୍ୟ ପରମାତ୍ମା !
ଛାଇକୁ ମୁଁ କହେ
ମୁଁ ତ କାଲି ନଥିବିରେ
ହଜିଥିବି
ପରମ ଶୂନ୍ୟରେ
ମୁଁ କିଛି ତତେ
ଦେଇ ପାରିବିନି
ତୁ ତ ପୂର୍ଣ୍ଣବ୍ରହ୍ମ
ସବୁକାଳେ
ସମସ୍ତଙ୍କ ଠାରେ
ଅରୂପ ଓ ଅପରୂପ
ଅଦୃଶ୍ୟ ଅବର୍ଣ୍ଣ।
ଛାଇ ଆଉ ଆତ୍ମା
ମୋ କଥା ଶୁଣନ୍ତି ନାହିଁ
ପାଖାପାଖି ଚାଲିଥାନ୍ତି
ହାତ ଧରିଧରି
ଗୋଟାଏ ଅବର୍ଣ୍ଣନୀୟ ଅବବୋଧ
ସଞ୍ଚରି ଉଠିଲା ବେଳେ
ସମୟ ଓ ଆତ୍ମମୟ
ଆସୁଥାଏ ଆସ୍ତେ ସରି ସରି।




ବାଲୁଗାଁ (ଖୋର୍ଦ୍ଧା)
ପିନ୍ - ୭୫୨୦୩୦

## ପୋଡାମୁହାଁର ଶ୍ରୀମୁଖ



**ରୁଦ୍ରମାଧବ ସାହୁ**



ଅଗଣସାରା ବିଛାଡି ହେଇ ପଡିଥାଏ ମେଞ୍ଚେ ଖରା। ଓଳି ପାଖକୁ ଛାମୁଡିଆ ତଳେ ବସି ରୋଷେଇ କରୁଥିଲା ବୋଉ। ପାଖରେ ବସିଥିଲେ ପଡିଶାଘର ଆଈ। କେଇପାଦ ପଛ ବାରଣ୍ଡାରେ ବସି ମୋବାଇଲ୍ ସାଥେ ମୁଁ ବ୍ୟସ୍ତ। ଗପର ଆସର ବେଶ୍ ଜମିଥିଲା ତାଙ୍କର। ସେଥିରୁ କିଛି କିଛି ଆସି କାନରେ ବାଜୁଥାଏ। ଗୋଟେ ସେଲ୍ଫି ଉଠେଇଲି, ମୋବାଇଲ୍ ପରଦାରେ ମୁହଁଟିକୁ ଭଲ ଭାବେ ଦେଖି। ଷ୍ଟାଟସରେ ପୋଷ୍ଟ କରି ସାରି ମୁହଁଟେକି ଚାହିଁଲି ବୋଉ ଆଡେ। ପଚାରିଲି, ବୋଉ ... ! ଆଉ କେତେ ସମୟ ଲାଗିବ ଯେ ? ମୋତେ ଜୋରରେ ଭୋକ କଲାଣି। ଯାହା ହେଇଚି ଦେଲୁ ନହେଲେ ...।

-ହଁରେ, ସଇଲା ସଇଲା। ଆଉ ଟିକେ ବଇଥା। ହେଇତ ବଘାରିକି ବାଢ଼ିବି ଆଉ.... ତୁ ଯାଉନୁ ଧୋଇଧାଇ ହେଇ ଆସିବୁ ନହେଲେ....। ବୋଧ ଦେବାକୁ ଯାଇ ବୋଉ କହିଲା।

'ହଉ'ଟେ ମାରି ବଡ ବିକଳ ହୋଇ ଚାହିଁ ରହିଲି ସେଆଡେ। ବୋଉ ଆଗ ଅପେକ୍ଷା ହାତ ଫୁର୍ତ୍ତି କରୁଥିବାର ଲକ୍ଷ୍ୟ କଲି। ଆଈଙ୍କ ଆଡକୁ ସମ୍ୟକ୍ ଦୃଷ୍ଟି ତୋଳିଧରି ବୋଉ ପଚାରିଲା, ଆଉ ଖୁଡୀ, ସକାଳୁ କ'ଣ ଖାଇଥିଲେ ବା.. ଆଜି ଆମ ଘରେ ଗଣ୍ଡେ ଖାଇଦିଅ।

-ନାଇଁଲୋ ମାଆ। କ'ଣ କହିବି ସେ କଥା... ସକାଳେ ଚା'ଟିକେ ଉତୁରେଇକି ମୁହଁରେ ଦଉଥିଲି ଯେ, ବାଉଳାରେ ଲୁଣ ବୋଲି ଚିନି ପକେଇ ଦେଲି। ତୁ ତ ଜାଣୁ, ମୋର ଡାଇବେଟିସ। ଆଉ କ'ଣ ଭଲ ଲାଗିବ - ଥୁ'କରି କାଢ଼ି ପକାଇଲି। ବୋହୂ ତ ନାଇଁ, ଯାଇଛି ବାପଘରକୁ। ସେ ପିଲାଟା ବି କି ଚାକିରି କଲା ଯେ ଘରକୁ କେବେ ଆସି ମୁହଁ ମାରିଦେଇ ଯିଆକୁ ଫୁରୁସତ ବି ନାଇଁ ତା'କୁ। ମୁଁ ତ ଏବେ ଘରେ ଏକା। ଆଉ... ଆଉଥରେ କରିବାକୁ ମନକଲିନି। ଏଇନା ଗଲେ କ'ଣ ଦି'ଟା ଫୁଟେଇ ଥୋଇବି ଅଉ...।

-କଅଣ... ଦିନ ଆସି ଏଗାରେଟା ବାଜିଲାଇଁ... ତମେ ଏଯାଏଁ କିଛି ଖାଇନ ! ମୁଢ଼ି ଫୁଡି କ'ଣ ଦି'ଟା ପାଟିରେ ପକେଇଲନି... ?

-ହଁ ଲୋ ମା'। ସେ ଚୁଡାହେରିକା ତ ରୁଚେନି କ'ଣ ଦାନ୍ତରେ ହଅଇନି। ଆଉ ସେ ମୁଢ଼ି ଦିଟା ରଖିଥିଲେ ଯେ, ଦେଖିଲା ବେଳକୁ ସେମେଟି ଯାଇଛି...।

ମୋତେ କାଇଁ ମିଛ ମିଛ ଲାଗିଲା। ଏ ବୁଢ଼ି ନା, କଥା କଥାକେ ମିଛ କହେ। ଆକାଶରୁ ଯେମିତି ତୋଳିକି କହିବ। ବାରିଆଡେ ଯାଇ ଘେରାଏ ମାରି ଆସିବ, କାହାର ଆମ୍ବ କି କ'ଣ ପଡିଛି କି ଆଉ। ଏଣ୍ଟୁଅଟେ ଦେଖିଥିବ କି ନାଇଁ ସାଙ୍ଗେ ସାଙ୍ଗେ ଧଇଁସଇଁ ହେଲା ଭଳି ଆସି କହିବ, ଇଲୋ ମା'ଲୋ... କେଡେ ଗୋଧିଟା, ଗୋଡ ଛାଟିଛାଟି ମାଡି ଆଇଲା...। ମୋତେ ଭାରି ହସ ମାଡେ। ମିଛ ବି ନ ହୋଇପାରେ ନା,ତ ସତ ବୋଲି ଧରିନେଇ ବୋଉ ତା'କୁ ଢ଼ିମାଢ଼ିମା ଆଖିକରି ଚାହେଁ। 'କୋଉଠି ବା..ଚାଇଲ ଚାଇଲ' କହି କୌତୁହଳୀ ହେଇଗଲା ବେଳକୁ ଖୁଡ୍ ନାଇଁକି ଖାଡ୍ ନାଇଁ। ପଚାରିଲେ କହିବ, ଏଁ...ବୁଲାଜନ୍ତୁଟା... ଆଉ କ'ଣ ଗୋଟେ ଠାଆକେରେ ବଇଥାଆନ୍ତା ନା କ'ଣ.. ଆଉ କ'ଣ ମୁଁ ମିଛରେ କହୁଛି ! ହେଇ, ଆଖି ଛୁଉଁଛି...।

ମୁଁ ସେ ବିଚିତ୍ର ପରିସ୍ଥିତି ଦେଖି ମୁଣ୍ଡରେ ହାତମାରି ବସି ପଡେ ହସ ସମ୍ଭାଳୁ ସମ୍ଭାଳୁ। ଏମିତିକା ଲୋକ ଯେ, ପ୍ରକାରାନ୍ତରେ ହସାଏ ମୋତେ ସବୁବେଳେ। ହେଲେ, ଆଈ ବୋଲି କେବେ ଗେଲ ନକଲ ହୁଏନି ମୋ ସହ; ଯଦିଓ ସେ ଅଧିକାର ଥାଏ ! ଆମର ବି ଗୋଟେ ପ୍ରକୃତି; ଯାହା ମିଛ ନୁହେଁ ତା'କୁ ସତ ବୋଲି ଧରିନେଉ, ହେଇପାରେ ରୂପରେ। ମୋର ତାଙ୍କ ସହ ଜମା ପଡେନା। ବୋଉ ମୋତେ ସବୁବେଳେ ଆଖି ଦେଖାଏ। ଅଗତ୍ୟା ମୁଁ ଚୁପ୍ ରୁହେ।

-କାଇଁ ଆମ ଘରକୁ ଆଇଲନି ହେରି... ଚା'ଜଳଖିଆ ଖାଇଥାଆନ୍ତେ ସୁଖଦୁଖ ହେଇଥାନ୍ତେ...।

'ହଃ, ତୋର ଆଉ କ'ଣ କାମ ଅଛି କି ! ଖାଲି ତ ସକାଳ ପହରୁ ଗପୁଥିବୁ ଶୋଇଲା ଯାଏଁ, ଆଉ ପାଖରେ ଖାଲି ଦି'ଟା କାନ ଥିବା ଦରକାର। କେତେ ଆଉ ଗପିବୁ, ଗପିଗପି ତ ମୋ ଠାରୁ ଶ୍ରେଷ୍ଠ ଗପୁଡି ସମ୍ମାନ ହାତେଇ ନେଲୁଣି, ଆଉ...।' ବୋଉକୁ କହିବି ବୋଲି ଭାବୁଥିଲି। ଆଉ ଏ ବୁଢ଼ୀ ବି ଗପ ଆରମ୍ଭ କଲା ମାନେ କମା ପୂର୍ଣ୍ଣଚ୍ଛେଦ ଦେବନି !

ଥରେ ଥରେ ଗପ ଆସର ଜମିବାକୁ ଥିବ ଏମିତି; ଖୁଡୀ, ତମ ବୋହୂ ଆଜି କଅଣ ସବୁ ରାନ୍ଧିଥିଲେ ବା ? ବୃଦ୍ଧା ମହାଶୟା ନିଜକୁ ଟିକେ ମଡର୍ଣ୍ଣ ବୋଲି ଦେଖେଇ ହେବାକୁ ଯାଇ ଡିସ୍କୋ ଭାଷାରେ କହିବେ, ଆମର ଆଜି ରାଇସ ଭାତ, ମାଛଫ୍ଲାଏ ଏମିତି କେତେ କ'ଣ... ମୁଁ ବୁଝିପାରେନି, ଏସବୁ କେମିତିକା ଖାଦ୍ୟ। ରାଇସ ଭାତ... ହଁ ଯେମିତି ଆମେ କ୍ୟାଚ୍-ଧର ବୋଲି କହୁ, ହେଲେ ମାଛଫ୍ଲାଏ ମାନେ ଉଡନ୍ତା ମାଛ... ? ପୁଣି ଖାଇଲେ କେମିତି, ଆଁ....। ମୁଁ ଯଦି କେବେ କୌତୁହଳୀ ହେବାର ଅଭିନୟ କରି ପଚାରି ବସିବି, ସେ କହିବେ- ବୁଢ଼ି ହେଲିଣିରେ ବାପ, ଆଉ କ'ଣ ପାଟିରେ ପଡଚି... ତୁ ଆଉ ମୋର ଏତେ କଥାକୁ ଧରନା ଗଣ୍ଠି ପକେଇ...। କହି କେମିତି ଗୋଟେ ତାରାଟି ଚାହିଁବେ ମୋତେ। ମୁଁ ମୁରୁକିହସା ଦେଇ ଚୁପ୍ ହେଇ ପଳାଏ। ସେମାନେ କିନ୍ତୁ ସେମିତି ରାଉରାଉ ହଉଥିବେ, ହେଲେ କାଉ ଯେମିତି।

ସଂଯୋଗବଶତଃ କାଉଟିଏ ଉଡିଆସି ଚାଳ ଉପରେ ବସି କା'କା ଡାକ ଦେଲା। ଆଈ କହିଲେ, ଆଜି ବୋଧେ କା'ର ଶେଷ ବେଳା ପହଞ୍ଚିଲା କି କ'ଣ...।

ମୁଁ ଆଉ ସମ୍ଭାଳି ନପାରି କହିଲି, ହଃ... ଚଢ଼େଇଟା ଆଉ ଜମା ବୋବେଇବନି ନା କ'ଣ ?

ହେଃ... ତୁ କ'ଣ ଜାଣିଛୁ କହିଲୁ। ଆଜିକାଲିକା ଛୁଆ ତୁ କ'ଣ ଜାଣିଛୁ ସେ ବିଷୟରେ... ?

'ଠିକ୍ କହିଛ ପଣ୍ଡିତେ।' ଚୁପ୍ ରହି ମନେ ମନେ କହିଲି।

-ହଁ, କୋଉଠି ଆମ କଥା ଥେଲାଟି...ହ, ଖାଇବା କଥା। ବୁଝିଲୁ ମା'... ଆଜି ଦିନରୁ ଫାଳେ ଆସି ଯିବାକୁ ବସିଲାଇଁ। ପୁରା ଘୋର ଅଶାନ୍ତିରେ କଟିଲା।

କ'ଣ ଏତେ ସମୟ ମନଖୋଲି ଗପିଲା ପରେ ବି ମନଶାନ୍ତି ହେଇନି, ଟିକେ ବି...ଦୃଷ୍ଟିରେ ସାମାନ୍ୟ ବିସ୍ମୟ ଭରି ପୁଣି ମନେମନେ କହିଲି ସ୍ମିତହସି।

'କାଇଁ କ'ଣ ହେଲାକି ଆଜି ?' ମୋ ମନରେ ଉଠୁଥିବା ପ୍ରଶ୍ନ ବୋଉ ମୁହଁରୁ ବାହାରି ଆସିଲା।



ଆଜି ବା କୋଉ ପୋଡାମୁହଁ ମୁହଁ ଚାହିଁଲି କେଜାଣି ସକାଳୁ... ଦିନଟା ମୋ ପାଇଁ ଘୋର ଅଶୁଭ ଦେଲା। ଛିଆ, ଛିଆ... ସେଗୁରା ଏତେ ସକାଳୁ ସମସ୍ତଙ୍କୁ ମୁହଁ ଦେଖାନ୍ତି କାଇଁକି କେଜାଣି..ପ୍ରକାଶ୍ୟ ଅପେକ୍ଷା ଭିତରେ ଭିତରେ ଆହୁରି ଅଧିକ ଗାଳି ମନେ ମନେ ବାଢ଼ି ଦେଉଥିଲା ସେଇ ଶ୍ରୀମୁଖଧାରି ଲୋକଟି ପାଇଁ ଆଈବୁଢ଼ୀ।

କିଛି କହିବିନି ବୋଲି ସ୍ଥିର କରି ବି କହି ପକେଇଲି, ତମେ ଗୋଟେ କାମ କର ଆଈ.. ତମ ଘରେ ତମ ଖଟକୁ ମୁହଁ କରି ଗୋଟେ ଆଇନାଟେ ରଖ, ନହେଲେ... ଗୋଟେ ଟିକି ଦର୍ପଣଟେ ଶୋଇଲା ବେଳେ ମୁଣ୍ଡ ପାଖେ ରଖିଥିବ। ସକାଳୁ ଉଠିବ... ବାସ୍ ଖାଲି ତମ ମୁହଁ ହିଁ ଦେଖିବ। ଆଉ, ତା'ପରେ ଦିନଟା ଭଲରେ ଯାଉ କି ଯାହା ହଉ। ସବୁ ତମର...। କାହାକୁ କହିବାକୁ ନଥିବ ହେଲେ...।

ଆଈ ଗୋଟେ କେମିତିକା ମୁହଁଟେ କରି ମୋତେ ଚାହିଁ କ'ଣ କହିବେ କହିବେ ହେଉଥିଲେ। ବୋଉ ଭାତ ହାଣ୍ଡିକୁ ଅଣେଇଧରି ପେଜ ଗାଳୁଗାଳୁ ମୋ ଆଡକୁ ମୁହଁ ବୁଲେଇ କଟମଟ କରି ଚାହୁଁଥିଲା ଚିରାଚରିତ ଭାବେ। ମୁଁ ମୋବାଇଲକୁ ଦେଖିବାର ଅଭିନୟ କରି ସେଥିରେ ମେ ପ୍ରତିଫଳିତ ଛବିକୁ ଦେଖୁଥିଲି। ଆଉ ଭାବୁଥିଲି, ଆଜି ସକାଳୁ ଆଈଙ୍କୁ ମୁହଁ ଦେଖେଇଥିବା ମୁହଁଟି ମୋର ନୁହଁ ତ...। କିନ୍ତୁ ନା ! ଏତେ ଶୀଘ୍ର ଯଦି ମୁଁ ସବୁବେଳେ ଉଠିଯାଆନ୍ତି, ବୋଉର ସୁନାପୁଅ ନହେଲେ ବି କମ୍‌ସେକମ ତା'ମୁହଁରୁ ନାନାଦି ସକାଳୁଆ ମନ୍ତ୍ର ଶୁଣିବାରୁ ତ୍ରାହି ତ ମିଳନ୍ତା... ଅତଏବ, ଆଈଙ୍କଠାରୁ ସେଇ ଉପାଧି ଗ୍ରହଣ କରିବା ଲାଗି ନିଜେ ଅକ୍ଷମ ବୋଲି ସ୍ଥିରନିଶ୍ଚିତ ଥିଲି।

ଦାଣ୍ଡପଟୁ ସ୍ୱରଟିଏ ଭାସି ଆସୁଥିଲା - ଆରେ ସୁଲବୋଉ ! ଆସ, ଘରକୁ ଆମ, ସମ ପୁଅ ଆସି ଖୋଜୁଛି ଏଣେ..।

ପାକୁଆ ହସଟେ ହସି ଆଖିରେ ଭରାଦେଇ ଉଠୁଥିଲେ ସେ,-ଆଈବୁଢ଼ୀ।

*ବାଘମୁଣ୍ଡା, କାକଟପୁର, ପୁରୀ*
*ମୋ-୭୩୭୭୧୩୫୮୭୮*

# ଗଡ଼ଦପୁରରେ ବିଜେପିର ଗତି କୁଆଡ଼େ ?

**ଗଡ଼ଦପୁର :** ଦୀର୍ଘଦିନ ଧରି ଜିଲ୍ଲା ବିଜେପିର ମଙ୍ଗ ଧରିଥିବା ବିଜୟ ମହାପାତ୍ର ଦଳରୁ କୋଣଠେସା ହୋଇରହିବା ସହ ବିଜେଡିର ନିକଟବର୍ତ୍ତୀ ହେଉଥିବା ଚର୍ଚ୍ଚା ଜୋର ଧରିଥିବା ବେଳେ ବିଜୟ ମହାପାତ୍ରଙ୍କୁ ଟେକ୍ ଦେବା ପାଇଁ ଏକ ବ୍ୟୟବହୁଳ ମିଶ୍ରଣ ସମାବେଶ କରି ଦଳକୁ ଆସିଥିବା ପୂର୍ବତନ ବିଧାୟକ ଉତ୍କଳ ପରିଡାଙ୍କ ପିଛା ଛାଡୁନି ବିବାଦ। ଦଳରେ ମିଶିବା ପରଠାରୁ ଦଳ ଦୁଇଭାଗ। ଏକ ବଡ଼ ଗୋଷ୍ଠୀ ଉପେକ୍ଷିତ ହୋଇ ତାଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ବର୍ଜନ କରୁଥିବା ବେଳେ ବିଭିନ୍ନ ସମୟରେ ଖୋଲାଖୋଲି ବିରୋଧ କରୁଥିବାର ଦେଖାଯାଉଛି ଏବଂ ପୂର୍ବତନ ବିଧାୟକ ମଧ୍ୟ ସେସବୁ ସମସ୍ୟାର ସମାଧାନ ନ କରିବାରୁ ବିଦ୍ରୋହ ଏବେ ଉଗ୍ରରୂପ ଧାରଣ କଲାଣି। ସେହିଭଳି ଏକ ସମସ୍ୟାରୁ ବିରୋଧୀ କଂଗ୍ରେସ ଏବଂ ବିଜେଡି ଫାଇଦା ନେବା ସହ ଦଳର ଅନ୍ୟ ଆଶାୟୀମାନେ ମଧ୍ୟ ଏହାର ଉପରୁ ଫାଇଦା ନେବାରେ ବ୍ୟସ୍ତ। ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଉମାକାନ୍ତ ପଟ୍ଟନାୟକ, ମାନସ ମହାନ୍ତି ଏବଂ ଅଶୋକ ତ୍ରିପାଠୀ ସମସ୍ତେ ବିଧାୟକଙ୍କ ନିଜ ଅଞ୍ଚଳ ଡେରାବିଶରେ ସଭା ସମିତି ଏବଂ ପୂଜା ପାର୍ବଣରେ ଯୋଗଦେଇ ସହ ପାଟକୁରା ରାଜନୈତିକ ପାଣିପାଗକୁ ଏକ ରୋଚକ ସ୍ଥିତିରେ ପହଞ୍ଚାଉଛନ୍ତି। ମାନସ ମହାନ୍ତି ୨୦୧୪ ନିର୍ବାଚନରେ ପରାଜିତ ହୋଇଥିଲେ ମଧ୍ୟ ସାଙ୍ଗଠନିକ ଦୃଷ୍ଟିକୋଣରୁ ସେ ଆଗରେ ରହିଥିବା ବେଳେ ଉମାକାନ୍ତ ପଟ୍ଟନାୟକ ତାଙ୍କ ଯୁବ ସୈନିକ ମାନଙ୍କୁ ନେଇ ସଂଗଠିତ ହେଉଛନ୍ତି। ଉତ୍କଳ ପରିଡାଙ୍କ ସହ ପୁରୁଣା ବିଜେପିର କିଛି ସମ୍ପର୍କ ଥିଲା ଭଳି ପରିଲକ୍ଷିତ ହେଉନାହିଁ। ବିଜେଡି ଏବଂ କଂଗ୍ରେସକୁ ଅଲବିଦା କହିଥିବା କିଛି ନେତା ଏବେ ତାଙ୍କର ଏକାନ୍ତ ଅନୁଗତ। ବିଜେଡି ସରକାରରୁ ମୁହଁ ଫେରାଇ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହେଉଥିବା କିଛି ଯୁବପିଢ଼ି ଏବଂ ଅନ୍ୟ ଦଳର ନେତା ଏବେ ସନ୍ଦିହାନ ଅବସ୍ଥାରେ। ବିଜେପିରେ ଖୋଲାଖୋଲି ବିଦ୍ରୋହ ପାଇଁ ସେମାନେ ବିଜେପିଙ୍କୁ ବିଶ୍ୱାସକୁ ନେଇପାରୁନାହାନ୍ତି। ଏପରିକି ପଞ୍ଚାୟତ ନିର୍ବାଚନ ପରେ ପରେ ବିଜୟ ମହାପାତ୍ରଙ୍କ ନିଷ୍କ୍ରିୟତା ଦେଖି କିଛି ବିଜେପି କର୍ମୀ ଏବଂ ନେତା ମଧ୍ୟ ଦଳଠାରୁ ମୁହଁ ଫେରେଇଛନ୍ତି ଯାହା ଉଭୟ ବିଜେଡି ଏବଂ କଂଗ୍ରେସକୁ ଖୁବ ସୁହାଇଲା ଭଳି। ବିଜେପି ଭାବେ ଗଡ଼ଦପୁର ବ୍ଲକ ଘେରାଓ ସମୟରେ ଘଟିଥିବା ଘଟଣାଟି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ଜିଲ୍ଲା ବିଜେପିର ଗତିକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଖବର ଅନୁଯାୟୀ ପ୍ରଚାର ଗାଡ଼ିରେ କେବଳ ଉତ୍କଳ ପରିଡାଙ୍କ ଫ୍ଲେକ୍ସ ମରାଯିବା ଘଟଣାଟି ବିଜେପି କର୍ମୀ ମାନଙ୍କର ହଜମ ହୋଇନଥିଲା ଏବଂ ସେମାନେ ଉଭୟ ମାନସ ମହାନ୍ତି ଏବଂ ଉମା ପଟ୍ଟନାୟକଙ୍କ ଫ୍ଲେକ୍ସ ମାରିବାକୁ ଦାବି କରିବା ସହ ଉଭୟଙ୍କ ଫ୍ଲେକ୍ସ ମଧ୍ୟ ମାରିଥିଲେ। ଫଳରେ ପୂର୍ବତନ ବିଧାୟକ ଏହାକୁ ଗ୍ରହଣ କରିନପାରି ମାନସି ମହାନ୍ତିଙ୍କ ପୋଷ୍ଟରଟି ରାଗରେ ଚିରି ଦେବା ସହ ଖରାପ ଭାଷାରେ ଗାଳିଗୁଲଜ କରିବା ପରେ ପରିସ୍ଥିତି ଅଶାନ୍ତ ହୋଇପଡ଼ିଥିଲା ଏବଂ ଠେଲାପେଲା, ଧକ୍କା ମଗାମଗି ଭଳି ପରିସ୍ଥିତି ଉପୁଜିଥିଲା। ହେଲେ କ'ଣ ପାଇଁ ଏଭଳି ଅସହିଷ୍ଣୁତା, କ'ଣ ପାଇଁ ଏ ଠେଲାପେଲା, ଏଥିରେ ଦଳର କି ଲାଭ ହେଉଛି। ସାଧାରଣ ଭୋଟରଟିଏ ଦଳଠାରୁ ମୁହଁ ଫେରାଇବାଟା କ'ର ଦଳୀୟ ନେତୃବୃନ୍ଦ ଦେଖିପାରୁ ନାହାନ୍ତି। କ'ଣ ପାଇଁ ସଭା ସମିତିରେ କେବଳ ଉତ୍କଳ ପରିଡାଙ୍କ ଫ୍ଲେକ୍ସ ମରାଯିବ, ଏହା ଏକ ବଡ଼ ପ୍ରଶ୍ନ ଯାହା ଜିଲ୍ଲା ରାଜନୀତିକୁ ସରଗରମ କରିଛି। ନିଜନିଜ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି ନକରି ମୁଁ ସର୍ବସ୍ୱ ରାଜନୀତିଠାରୁ ଦୂରେଇ ରହିଲେ ଦଳର ହିତ ସହ ପ୍ରାର୍ଥୀ ଜିତିପାରିବେ ବୋଲି ବଜାର ଘାଟରେ ଚର୍ଚ୍ଚା ଜୋର ଧରିଛି। ନହେଲେ ପୁଣି ନବୀନ ପଟ୍ଟନାୟକ ଗୁଆଟିଏ ଥୋଇ ବି ବିପୁଳ ଭୋଟରେ ଜିତି ନେବେ ନହେଲେ ବିରୋଧୀ କଂଗ୍ରେସ ବି ଗୋଳିପାଣିର ସୁଯୋଗ ନେଇଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି ଜିଲ୍ଲା ସଭାପତି ଏ ସମସ୍ୟାର ସମାଧାନ ପାଇଁ କିଛି ପଦକ୍ଷେପ ନେଉଛନ୍ତି ନା ପୂର୍ବପରି ଜଣଙ୍କ କଥାରେ ଦଳକୁ ପାଞ୍ଚ ଭାଗ କରିବାରେ ତାଙ୍କର ସମର୍ଥନ ବଜାୟ ରହିବ ତାହା ଦେଖିବାକୁ ବାକି।

## ଜିଲ୍ଲା ନଗର କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା

**ସୋନପୁର :** ସୁବର୍ଣ୍ଣପୁର ଟାଉନ ହଲ ଠାରେ ନବ ନିଯୁକ୍ତ ନଗର କଂଗ୍ରେସ ସଭାପତି ସୁଧୀର ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଜିଲ୍ଲା କଂଗ୍ରେସ ସଭାପତି ଶଙ୍କର ଦାସ ସଭାପତିତ୍ୱ କରିଥିବା ବେଳେ ଏଥିରେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକଙ୍କ ତଥା ପୂର୍ବତନ ବିଧାୟକ ବିନୋଦ ପାତ୍ର, ବରିଷ୍ଠ କଂଗ୍ରେସ ନେତା ସର୍ବେଶ୍ୱର ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କଂଗ୍ରେସର ବିଭିନ୍ନ ସଙ୍ଗଠନ ପକ୍ଷରୁ ନବ ନିଯୁକ୍ତ ସଭାପତିଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ମହିଳା କଂଗ୍ରେସ ସଭାନେତ୍ରୀ କମଳିନୀ ଦାସ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁବ୍ରତ କୁମାର ସେଠୀ, ବରିଷ୍ଠ କଂଗ୍ରେସ ନେତା ମାଧବ କୁମାର, ଗୌରୀଶଙ୍କର ପଣ୍ଡା, ନରଦେବ ଭୋଇ, ବରୁଣ ସୁନା, ରାଜେନ୍ଦ୍ର ମେହେର, ଲକ୍ଷ୍ମଣ ସୁନା, ନିମେଇ ଚରଣ ପାଣିଗ୍ରାହୀ, ଶେଷଦେବ ମେହେର, ହିମାଂଶୁ ଗଡତିଆ, ନରେନ୍ଦ୍ର ପଣ୍ଡା, ସ୍ୱପ୍ନେଶ୍ୱର ପ୍ରଧାନ, ସଂଗ୍ରାମ ନାଏକ, ରାଜେଶ ମିଶ୍ର, ଚନ୍ଦନ ଦେହୁରୀ, ତରୁଣ ପାଣିଗ୍ରାହୀ, ରାଜା ପଟ୍ଟନାୟକ, ଟକେଚନ ହାତି ପ୍ରମୁଖଙ୍କ ସହ ଦଳର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଦୁର୍ନୀତି ଓ ପିସିକୁ ନେଇ ବିଜେଡିର ଦୁଇଗୋଷ୍ଠୀ ମୁହାଁମୁହିଁ

**ଜଗତସିଂହପୁର,(ସୁଶାନ୍ତ ରାଉତ) :** ତିର୍ତ୍ତୋଲ ବିଧାୟିକା ବିରୋଧୀ ଓ ସପକ୍ଷ ଗୋଷ୍ଠି ମୁହାଁମୁହିଁ ହେବା ଫଳରେ ରଘୁନାଥପୁର ବ୍ଲକ୍‌ରେ ତ୍ରୀବ ଉତ୍ତେଜନା ପ୍ରକାଶ ପାଇଛି । ଆଇନ୍ ଶୃଙ୍ଖଳା ରକ୍ଷା ପାଇଁ ଦୁଇ ପ୍ଲାଟୁନ୍ ପୋଲିସ୍ ମୁତୟନ କରାଯାଇଛି । ଘଟଣାରୁ ପ୍ରକାଶ ଯେ ଅନ୍ୟ ପକ୍ଷରେ ଦୀର୍ଘଦିନ ହେବ ରଘୁନାଥପୁର ବ୍ଲକ୍ ଅଞ୍ଚଳରେ ବିଜେଡି ଦଳର ଦୁଇଗୋଷ୍ଠୀ ହୋଇ କାର୍ଯ୍ୟ କରୁଥିଲେ। ତେବେ ଶାସକ ବିଧାୟିକା ଡ. ମଲ୍ଲିକଙ୍କ ସମର୍ଥକ ଭାବେ କେତେକ ଗୋଷ୍ଠୀ ବିଡିଓ ପଞ୍ଚାନନ ପଟ୍ଟାୟତଙ୍କୁ ପ୍ରଭାବିତ କରି ଏକଚାଟିଆ ଭାବେ ସରକାରଙ୍କ ପ୍ରଦତ୍ତ ସୁବିଧା ସୁଯୋଗ ଉପଭୋଗ କରୁଥିଲେ। ଏହି ଗୋଷ୍ଠୀଙ୍କୁ ବିରୋଦ୍ଧ କରୁଥିବା କିଛି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୁଖଙ୍କ ସମର୍ଥକମାନେ କୌଣସି ସୁବିଧା ସୁଯୋଗ ପାଉନଥିଲେ। ଏଥିପାଇଁ ଏହି ବିଦ୍ରୋହୀ ଗୋଷ୍ଠୀର ସଦସ୍ୟମାନେ ବାରମ୍ବାର ବ୍ଲକ୍ ତଥା ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇସାରିଛନ୍ତି। ତେବେ ଶାସକ ବିଧାୟିକାଙ୍କ ସମର୍ଥକଙ୍କ ସଂଖ୍ୟା ସର୍ବଦା ଢେର୍ ଅଧିକା ରହିଥିବାରୁ ବିଦ୍ରୋହୀମାନେ ସ୍ୱରୋତ୍ତଳନର ସୁଯୋଗ ପାଇପାରୁନଥିଲେ। ତେବେ ଆଜି ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଅଧିନ ବିରିଡି ବ୍ଲକ୍ ଅଞ୍ଚଳରେ ଶାସକ ବିଜେଡି ବିଧାୟିକା ଡ. ରାଜଶ୍ରୀ ମଲ୍ଲିକ୍‌ଙ୍କ ନେତୃତ୍ୱରେ ଚାଲିଥିଲା ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ। ଏହି ସୁଯୋଗକୁ ସୁବିଧା ମନେ କରି ଆଜି ପ୍ରାୟ ୧୦ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ବିଡିଓଙ୍କ ପାଖରେ ଅଭିଯୋଗ କରିବା ସହିତ ବିଡିଓଙ୍କୁ ଗାଳିଗୁଲଜ କରିଥିଲେ। ବିଡିଓ ଶ୍ରୀ ପଟ୍ଟାୟତ ଏହି ସଭ୍ୟ/ସଭ୍ୟାମାନଙ୍କ ଠାରୁ ନିଶ୍ଚିତ ଆକ୍ରମଣରୁ ବର୍ତ୍ତୀବା ପାଇଁ ରଘୁନାଥପୁର ପୋଲିସକୁ ଖବର ଦେଇଥିଲେ। ଆଇଆଇସି ରଂଜନ କୁମାର ମଲ୍ଲିକ୍ ତୁରନ୍ତ ଦୁଇ ପ୍ଲାଟୁନ୍ ପୋଲିସ ଫୋର୍ସ ସହିତ ବ୍ଲକ୍ ପରିସରରେ ପହଞ୍ଚି ବିଡିଓଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ। ଏହି ସମୟରେ ଖବରପାଇ ଏଠାରୁ ବିରିଡି କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିବା ଅନ୍ୟ ଏକ ଗୋଷ୍ଠୀର ସଦସ୍ୟମାନେ ଶହ ଶହ ସଂଖ୍ୟାରେ ଆସି ଅନ୍ୟ ଗୋଷ୍ଠୀକୁ ମୁକାବିଲା କରିବାକୁ ଚେଷ୍ଟା କରିଥିଲେ। ତେବେ ରିପୋର୍ଟ ଲେଖା ହେଲାବେଳକୁ ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପୋଲିସ ଘେରରେ ସମାଧାନର ଉଦ୍ୟମ ହେଉଥିବା ଜଣାଯାଇଛି। ଏଠାରେ ସୂଚନାଯୋଗ୍ୟ ଆଜି ଦିବା ୧ଘଟିକା ସମୟରେ ତିର୍ତ୍ତୋଲ ବିଧାୟିକାଙ୍କ ବିରୋଧି ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କ ପଞ୍ଚାୟତରେ ରାସନକାର୍ଡ ଡିଲରମାନେ ବଣ୍ଟନ କରି କାର୍ଡପିଛା ଦୁଇହଜାର ଟଙ୍କା ଆଦାୟ କରାଯିବା, ବାର୍ଦ୍ଧକ୍ୟବିଧବା ଭତ୍ତା ଦୁଇବର୍ଷ ହେଲା କରାନଯିବା, ବିଭିନ୍ନ ପଞ୍ଚାୟତରେ ବେନିୟମ ଭାବେ ଖଳା ନିର୍ମାଣ କରାଯିବା, ଆମ ଗାଁ ଆମ ବିକାଶ ଯୋଜନାରେ ସରପଞ୍ଚ ଓ ସମିତି ସଭ୍ୟମାନେ ଦେଇଥିବା ପ୍ରସ୍ତାବ କଟାଯାଇ ନିଜଇଚ୍ଛାରେ କାମ କରିବା, ଗରିବ ହିତାଧିକାରୀମାନଙ୍କୁ ବାଦ୍ ଦେଇ ଧନି ଲୋକମାନଙ୍କୁ ରେସନକାର୍ଡ ଓ ବିଜୁପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଧାୟିକାଙ୍କ ନିଜଲୋକମାନଙ୍କୁ ଦିଆଯାଉଛି । ବିଜୁ ପକ୍କାଗୃହ ହିତାଧିକାରୀମାନଙ୍କ ଠାରୁ କୋଡିଏ ହଜାର ଟଙ୍କା ଲାଞ୍ଚ ନେବା ଏବଂ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ନଜଣାଇ କାର୍ଯ୍ୟ କରିବା, ସରପଞ୍ଚ, ସମିତିସଭ୍ୟମାନେ ଟେଲିଫୋନ୍ କଲେ ବି.ଡି.ଓ. ଟେଲିଫୋନ୍ ନ ଉଠାଇବା, ଚିକିଣିଆ ପଞ୍ଚାୟତର ସମିତି ସଭ୍ୟା ପ୍ରମିଳା ଦେଇଙ୍କୁ ବିଡିଓ ଟେଲିଫୋନ୍‌ରେ ଅସମ୍ମାନ କରିବା ଆଦି ସମ୍ପର୍କରେ ଅଭିଯୋଗ କରିଥିଲେ।

# ଅଯୋଧାରେ ଦଶପଲ୍ଲାର ରାମଲୀଳା ପ୍ରଶଂସିତ



**ଦଶପଲ୍ଲା :** ପବିତ୍ର ଦୀପାବଳୀର ଶୁଭ ଅବସରରେ ଅଯୋଧାର ଚିତ୍ରକୁଟରେ ଆୟୋଜିତ ହୋଇଥିବା ଉତର ପ୍ରଦେଶ ସରକାରଙ୍କ ସଂସ୍କୃତି ବିଭାଗ ଓ ଅଯୋଧା ସୌଧ ସଂସ୍ଥାନର ମିଳିତ ଉଦ୍ୟମରେ ଭାରତର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ରାମଲୀଳା ମଣ୍ଡଳୀ ମାନଙ୍କୁ ନେଇ ଗୋଟିଏ ମଂଚରେ ୩ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ରାମଲୀଳା ଅଭିନୟ ହୋଇଥିଲା । ଏହି ରାମାୟଣର ରାମଲୀଳା କାର୍ଯ୍ୟ ୪ ଦିନ ଧରି ଭାରତର ୬ ଗୋଟି ବଛା ବଛା କଳାକାର ମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଚିତ୍ରକୁଟ ଧାମର ଜଗତ୍‌ଗୁରୁ ରାମଭଦ୍ରାଚାର୍ଯ୍ୟ ବିକଳାଙ୍ଗ ବିଶ୍ୱବିଦ୍ୟାଳୟ ପରିସରରେ ଏହି ଆଧାତ୍ମିକ ନୃତ୍ୟ ସଂଗୀତ ପ୍ରଦର୍ଶନୀକୁ, ଓଡିଶାର ସୁନାମ ଅର୍ଜନ କରିଥିବା ନୟାଗଡ ଜିଲ୍ଲା (ଦଶପଲ୍ଲା) ମହାବୀର କ୍ଷେତ୍ରର ଶ୍ରୀ ରଘୁନାଥ ଜୀଉ ଲୀଳା ପ୍ରଚାର ସମିତି ,ମଧ୍ୟପ୍ରଦେଶ ସତନାର ଆଦର୍ଶ ଶ୍ରୀ ବିଶେଶ୍ୱର ରାମଲୀଳା ମଣ୍ଡଳୀ,ଦିଲ୍ଲୀର ସଂସ୍କୃତି କଳା ସଂଗମ୍ ଅନୁଷ୍ଠାନ,ଭୋପାଳର ରଙ୍ଗଶ୍ରୀ ଲିଟିଲ୍ ବାଲ ଟ୍ରୁପ୍,କାଶିର ଶ୍ରୀ ମୌନିବାବା ରାମଲୀଳା କମିଟି,କର୍ଣ୍ଣାଟକର ଏସ୍.ଏନ୍ ଯୋଶୀ ସଂସ୍ଥାନଙ୍କୁ ନିମନ୍ତ୍ରିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ନିମନ୍ତ୍ରିତ ଯୁବ ସଂଯୋଜକ ନିର୍ମଳ ଦାଶଙ୍କ ନେତୃତ୍ୱରେ ୨୮ ଜଣ କଳାକାର ଚିତ୍ରକୁଟରେ ପହଂଚି ମଙ୍ଗଳବାରଦିନ ମହୋତ୍ସବର ଅନ୍ତିମ ସଂଧ୍ୟାରେ ଗୁରୁ ଲକ୍ଷ୍ମୀଧର ଦାଶଙ୍କ ରଚିତ ରାମାୟଣର ଲଙ୍କାଦହନ ପ୍ରସଙ୍ଗଟି ପ୍ରଦର୍ଶନ କରି ଉପସ୍ଥିତ ହଜାର ହଜାର ଦର୍ଶକ ସାଧୁସଂସ୍ଥ,ପର୍ଯ୍ୟଟକ ଏବଂ ଗବେଶକ ମାନଙ୍କ ଦ୍ୱାରା ଉଚ ପ୍ରଶଂସିତ ହୋଇଛନ୍ତି । ସୂଚନା ଯୋଗ୍ୟ ଯେ ଦଶପଲ୍ଲାର ଭାରତ ପ୍ରସିଦ୍ଧ ଲଙ୍କାପୋଡ଼ିଯାତ୍ରା ବହୁ ପ୍ରାଚୀନ । ସନ ୧୮୦୨ ମସିହାଠାରୁ ପ୍ରଚଳିତ ହୋଇ ୨୧୮ ବର୍ଷରେ ପଦାର୍ପଣ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସବୁଜ ବଳୟ ...

ଓଡ଼ିଶା ସହର ଆଲୋକୀକରଣରେ ହେବ ଦେଶର ପ୍ରଥମ ରାଜ୍ୟ । କ୍ୟାବିନେଟ୍ ନିଷ୍ପତିସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ଆଦିତ୍ୟ ପ୍ରସାଦ ପାଢୀ କହିଥିଲେ ଯେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ରାଜ୍ୟର ୧୧୪ଟି ପୌରାଂଚଳରେ ଏଲଇଡ଼ି ଲାଇଟ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ନିଷ୍ପତି ନେଇଛି । ଏହା ଦ୍ୱାରା ଶକ୍ତି ସଂଚୟ ହେବା ସହ ସରକାରଙ୍କର ଅର୍ଥ ମଧ୍ୟ ସଂଚୟ ହେବ । କେନ୍ଦ୍ର ସରକାରଙ୍କର ଏନର୍ଜି ଏଫିସିଏନସି ସର୍ଭିସ ଲିମିଟେଡ଼ (ଇଇଏସଏଲ) ମାଧ୍ୟମରେ ସବୁ ପୌରାଂଚଳରେ ଲାଗିଥିବା ପାରମ୍ପରିକ ଷ୍ଟ୍ରିଟ୍ ଲାଇଟକୁ ବଦଳାଇ ଏଲଇଡ଼ି ଲାଇଟ୍ ଲଗାଣ କରାଯିବ । ଘରୋଇ ସଂସ୍ଥା ମେସର୍ସ ଏନଇଇଏସଏଲ ପ୍ରା. ଲିମିଟେଡ଼ ସହ ସରକାରୀ/ଘରୋଇ ସହଭାଗୀତାରେ ରାଜ୍ୟର ୫ଟି ପୌର ନିଗମରେ ଥିବା ପାରମ୍ପରିକ ଷ୍ଟ୍ରିଟ୍ ଲାଇଟକୁ ବଦଳାଇ ଏଲଇଡ଼ି ଲାଇଟ ଲଗାଣ, ଭୁବନେଶ୍ୱର ଅନେକ ନୂତନ ଇଲାକାରେ ନୂଆ ଆଲୋକୀକରଣ ବ୍ୟବସ୍ଥା କରାଯିବ । ଏହା ସରକାରୀ ଘରୋଇ ସହଭାଗିତାରେ କାର୍ଯ୍ୟକାରୀ ହେବ । ୧୧୩ଟି ପୌର ସଂସ୍ଥା ୫ଟି କ୍ଲଷ୍ଟରରେ ବିଭକ୍ତ କରାଯାଇ ରାଜ୍ୟର ସମସ୍ତ ୩୦ଟି ଯାକ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇଛି । କାର୍ଯ୍ୟ ନିର୍ବାହୀ ପରାମର୍ଶଦାତାଙ୍କ ଦ୍ୱାରା ୪ ମହାନଗର ନିଗମ ଓ ୩୪ଟି ଅନ୍ୟ ପୌର ସଂସ୍ଥାରେ କରାଯାଇଥିବା ନମୂନା ସର୍ଭେ ମାଧ୍ୟମରେ ଅଟକଳ କରାଯାଇଛି ଯେ, ଏହି ପ୍ରକଳ୍ପ ପାଇଁ ମୋଟ ପୁଂଜି ବ୍ୟୟ ୨୨୭.୩୦ କୋଟି ଟଙ୍କା ହେବ । ଏହି ପ୍ରକଳ୍ପ ସରକାରୀ ଘରୋଇ ଢ଼ାଂଚାରେ ହେଉଥିବାରୁ ପୁଂଜି ବ୍ୟୟ ଅଟକଳକୁ ଭିତିଭୂମି ସମ୍ପର୍କିତ କ୍ଷମତାଶାଳୀ କମିଟି ଚଳିତ ବର୍ଷର ମେ ୧୯ ତାରିଖରେ ଅନୁଷ୍ଠିତ ନିଜର ୫୦ତମ ବୈଠକରେ ମଂଜୁରୀ କରିଛି । ଏହି ପ୍ରକଳ୍ପର କ୍ୟାପିଟାଲ କଷ୍ଟକୁ ପ୍ରୋଜେକ୍ଟ ଏସପିଭି, ୧୧୩ଟି ପୌରାଂଚଳର ଆର୍ଥିକ ଅନୁଦାନ ଋଣ ମଧ୍ୟରେ ବଂଟନ କରାଯାଇଛି । ପ୍ରକୃତ କାର୍ଯ୍ୟାବଳୀର ଆବଶ୍ୟକତା ଅନୁସାରେ ପୁଂଜି ବ୍ୟୟର ପରିମାଣ ସଂଶୋଧନ ଚୂଡ଼ାନ୍ତ ହୋଇପାରିବାର ବ୍ୟବସ୍ଥା ହୋଇଛି । ସମ୍ପୃକ୍ତ ପୌର ସଂସ୍ଥା ଚୟନ ହୋଇଥିବା ଠିକା ସଂସ୍ଥା ଦ୍ୱାରା କରାଯାଇଥିବା ମିଳିତ ସର୍ଭେ ମାଧ୍ୟମରେ ନିର୍ବାହ କରାଯିବ ଓ ସର୍ଭେ କାର୍ଯ୍ୟ ନିର୍ବାହ ସଂସ୍ଥା ଦ୍ୱାରା ନିୟମ ସିଦ୍ଧ କରାଯିବ । ପ୍ରସ୍ତାବିତ ପ୍ରକଳ୍ପରେ ମୋଟ ପୁଂଜି ବ୍ୟୟ ୨୬୯.୮୩ କୋଟି ଟଙ୍କା ହେବ ଓ ବାର୍ଷିକ ୮.୬ କୋଟି ଟଙ୍କାର ପରିଚାଳନା ଓ ରକ୍ଷଣା ବେକ୍ଷଣ ବ୍ୟୟ ବାବଦରେ ୭ ବର୍ଷରେ ମୋଟ ୫୬.୪୨ କୋଟି ଟଙ୍କା ବ୍ୟୟ ହେବ । ଏ ସବୁକୁ ମିଶାଇଲେ ୩୨୬.୨୬ କୋଟି ଟଙ୍କା ବ୍ୟୟ କରାଯିବ । ଏହି ପ୍ରକଳ୍ପ ଦ୍ୱାରା ପୌରାଂଚଳରେ ରହୁଥିବା ୭୦ ଲକ୍ଷ ଜନସାଧାରଣ ଉପକୃତ ହେବେ । ଉଜ୍ଜ୍ୱଳ ଆଲୋକ ଯୋଗୁଁ ଦୁର୍ଘଟଣା ହ୍ରାସ ପାଇବ । ଉପରୋକ୍ତ କାର୍ଯ୍ୟ ଘରୋଇ ଉଦ୍ୟୋଗୀଙ୍କ ସହଭାଗୀତାରେ ୫ ବର୍ଷ ୫ ମାସରେ ସମ୍ପୂର୍ଣ୍ଣ ହେବ ଓ ୭ ବର୍ଷ ପାଇଁ ପରିଚାଳନା ରକ୍ଷଣାବେକ୍ଷଣ କରାଯିବ ବୋଲି ମୁଖ୍ୟ ସଚିବ କହିଥିଲେ । ସେ ଆହୁରି କହିଥିଲେ ଯେ, ପୌରାଂଚଳରେ ପ୍ରଚଳିତ ରାସ୍ତା ଆଲୋକକୁ ଏନର୍ଜି ଏଫିସିଏନସି ସ୍ମାର୍ଟ ଏଲଇଡ଼ି ରାସ୍ତା ଆଲୋକ ପ୍ରୋଜେକ୍ଟ ମେନେଜମେଂଟ କନସଲଟେଂଟ ମଡ଼େ ମାଧ୍ୟମରେ ପୂର୍ଣ୍ଣ ସ୍ଥାପନର ସ୍ୱିକୃତୀ ଦିଆଯାଇଛି । ବିଦ୍ଯୁତ ଯନ୍ତ୍ରୀ ଓ ଟେକନିକାଲ ସପୋର୍ଟ କର୍ମଚାରୀଙ୍କ ଅଭାବାରୁ ସହରାଂଚଳରେ ରାସ୍ତା ଆଲୋକୀକରଣ ଅବହେଳିତ ହୋଇଅଛି, ଯାହାଦ୍ୱାରା ରାସ୍ତାଗୁଡ଼ିକ ଅନ୍ଧାରରେ ରହୁଅଛି, ଏବଂ ଉଚିତ ଆର୍ଥିଂ ନ କରାଯାଇ ଡିଷ୍ଟ୍ରିବ୍ୟୁସନ ଲାଇନ ଯାଇଥିବା ଇଲେକଟ୍ରିକାଲ ପୋଲ ଗୁଡ଼ିକରେ ବଲମକୁ ଲଗାଯାଉଅଛି । ସୁଇଚ୍ ଅନ ଓ ଅଫ୍ ବ୍ୟବସ୍ଥା ନ ଥିବାରୁ ଅଧିକାଂଶ ସ୍ଥାନରେ ଶକ୍ତିର ଅପଚୟ ଘଟୁଛି । ଏତଦ୍ ଦ୍ୱାରା ପୌରାଂଚଳ ମାନଙ୍କୁ ଅଧିକ ଅର୍ଥ ବିଲ୍ ବାବଦରେ ବହନ କରିବାକୁ ପଡୁଛି । ଏତଦ୍ ବ୍ୟତୀରେକ ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକ ନଷ୍ଟ ହେବା ସହିତ ଅନିୟମିତ ବୈଦ୍ୟୁତିକ ସରଂଜାମର କ୍ରୟ ହେତୁ ସରକାରୀ ଅର୍ଥର ଅପଚୟ ଘଟିବା ଯୋଗୁଁ ଜନସାଧାରଣ ଉଚିତ ସେବା ପାଇପାରୁନାହାନ୍ତି । ଏହି ସମସ୍ତ ଅସୁବିଧାକୁ ଦୂର କରିବାପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରଚଳିତ ରାସ୍ତା ଆଲୋକ ବ୍ୟବସ୍ଥାକୁ ପରିବର୍ତନ କରି ସେହି ସ୍ଥାନରେ ଏନର୍ଜି ଏଫିସିଏଂଟ ସ୍ମାର୍ଟ ଏଲଇଡ଼ି ଷ୍ଟ୍ରିଟ୍ ଲାଇନ୍ ଲଗାଯାଇ ସେଂଟ୍ରାଲ କଂଟ୍ରୋଲ ଆଣ୍ଡ ମନିଟରିଂ ସିଷ୍ଟମ (ସିସିଏମଏସ) ମାଧ୍ୟମରେ ୭ ବର୍ଷ ପର୍ଯ୍ୟନ୍ତ ପରିଚାଳନା ଓ ରକ୍ଷଣାବେକ୍ଷଣ କରାଯିବାପାଇଁ ୨୦୧୭ ମସିହାରେ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଯୋଜନା ଦ୍ୱାରା ରାଜ୍ୟର ୧୦୯ଟି ପୌରାଂଚଳ ଓ ବିଜ୍ଞାପିତ ଅଂଚଳ ପରିଷଦର ରାସ୍ତାଗୁଡ଼ଇକ ନିରାପଦ ଓ ସୁରକ୍ଷିତ ହୋଇପାରିବ । ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଅର୍ଥ ବିଭାଗର ଅନୁମୋଦନ କ୍ରମେ ଅଗଷ୍ଟ ୨୦୧୭ ରେ ଇଇଏସଏଲ ଜଏଂଟ ଭେଂଜର ଅଫ୍ ନେସନାଲ ପାୱାର ସେକ୍ଟର ଅଣ୍ଡରଟେକିଂ, ସେଟ ଅପ୍ ଅଣ୍ଡର ମିନିଷ୍ଟ୍ରି ଅଫ ପାୱାର ଭାରତ ସରକାରଙ୍କୁ ପ୍ରୋଜେକ୍ଟ ମେନେଜମେଂଟ କନସୁଲଟାଂଟ ଭାବରେ ଟର୍ଣ୍ଣକି ଆଧାରରେ କାର୍ଯ୍ୟ କରିବା ପାଇଁ ମନୋନୟନ ଭିତିରେ ନିଯୁକ୍ତି କରିଛନ୍ତି । ଇଇଏସଏଲ ସହ ଅଗଷ୍ଟ ୨୦୧୭ରେ ଏଥି ସକାଶେ ଟିନଟେଟିଭ ଏଷ୍ଟିମେଟେଡ଼ ପ୍ରୋଜେକ୍ଟ କଷ୍ଟ ଅଫ ୮୬.୪୭ କୋଟି ଟଙ୍କାର ଏକ ରାଜିନାମା ସ୍ୱାକ୍ଷରିତ ହୋଇଅଛି । ଏହି କାର୍ଯ୍ୟରେ କ୍ୟାପିଟାଲ କଷ୍ଟ ରାଜ୍ୟ ସରକାରଙ୍କ ଦ୍ୱାରା ଭରଣା କରାଯିବ ଓ ୭ ବର୍ଷର ଓ ଏଣ୍ଡ ଏମ କଷ୍ଟ ୟୁଏଲବିଏସ ବହନ କରିବେ । ପୌରସଂସ୍ଥା ଦ୍ୱାରା ଦିଆଯାଇଥିବା ପ୍ରାରମ୍ଭିକ ତଥ୍ୟ ଅନୁଯାୟୀ ୧.୧୧ ଲକ୍ଷ କନଭେନସନାଲ ଷ୍ଟ୍ରିଟ୍ ଲାଇଟ୍ କୁ ବ୍ୟୟ ଅଟକଳ ୮୬.୪୭ କୋଟି ଟଙ୍କାରେ ପୁନଃସ୍ତାପନ କରିବାର ଯୋଜନା ରଖାଯାଇଥିଲା ରାଜିନାମା ଅନୁଯାୟୀ ଇଇଏସଏଲ ଓ ପୌରସଂସ୍ଥାମାନଙ୍କର ସଂଯୁକ୍ତ ସର୍ବେକ୍ଷଣପରେ ଫାଇନାଲ ପ୍ରୋଜେକ୍ଟ କଷ୍ଟ ବାହାର କରାଯିବ, ତଦନୁଯାୟୀ ଇଇଏସଏଲ ୧୦୯ ୟୁଏଲବିଏସ ରେ ସଂଯୁକ୍ତ ସର୍ବେକ୍ଷଣ କରି ନେସନାଲ ବେଂଚମାର୍କ ନର୍ମସ ଫର ଷ୍ଟ୍ରିଟ୍ ଲାଇଟ୍ ଅନୁଯାୟୀ ଅତିରିକ୍ତ ୧.୨୭ ଲକ୍ଷ ଷ୍ଟ୍ରିଟ୍ ଲାଇଟ୍ ପଏଂଟ ପୁନଃସ୍ଥାପନ କରିବାପାଇଁ ଚିହ୍ନଟ କଲେ । ତେଣୁକରି ମୂଳ ରାଜିନାମାକୁ ସମ୍ପ୍ରସାରିତ ତଥା ବ୍ୟାପକ କରାଯାଇ ୧.୧୧ ଲକ୍ଷ ଷ୍ଟ୍ରିଟ୍ ଲାଇନ ପଏଂଟ କୁ ବୃଦ୍ଧି କରାଯାଇ ୨.୩୮ ଲକ୍ଷ ପଏଂଟ କରାଯାଇଅଛି । ଆଲୋକୀକରଣର ସୁଦୃଢ଼ ଭିତିଭୂମି ପାଇଁ ଏହି ଅର୍ଥର ବ୍ୟୟ ବରାଦ କରାଯାଇଛି । ଅତିରିକ୍ତ ଷ୍ଟ୍ରିଟ୍ ଲାଇଟ୍ ପଏଂଟ ବ୍ୟତୀତ ଭିତି ସଂରଚନାର ଆବଶ୍ୟକତା ଯଥା ୩୭୬୦ କି.ମି. ଫେଜ ତାର, ୪୭୮୪୦ ନମ୍ବରର୍ସ ଅଫ ଆର୍ଥିଂ ଏବଂ ୪୬୧୩ ନମ୍ବର ଅଫ ପୋଲସ ନିମନ୍ତେ ମଧ୍ୟ ବ୍ୟବସ୍ଥା କରାଯାଇଅଛି । ଏହି ଗୁଡ଼ିକ ବିନା ନେସନାଲ ସେଫଟି ନର୍ମସ କୁ ସୁନିଶ୍ଚିତ କରାଯାଇ ପାରିବ ନାହିଁ । ଡିପାର୍ଟମେଂଟାଲ ଟେଣ୍ଡର କମିଟି ର ସୁପାରିଶ ଅନୁଯାୟୀ ପ୍ରକଳ୍ପ ପାଇଁ କେପିଟାଲ କଷ୍ଟ ବାବଦକୁ ଦରକାରୀ ୨୮୨.୨୫ କୋଟି ଟଙ୍କା ରାଜ୍ୟ ସରକାର ବହନ କରିବେ ଏବଂ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ବାବ୪କୁ ସାତ ବର୍ଷରେ ୬୭.୧୨ କୋଟି ଟଙ୍କା ସମ୍ପୃକ୍ତ ୟୁଏଲବି ବହନ କରିବ । କ୍ୟାବିନେଟ ବୈଠକରେ ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ ।

### ସୋସିଆଲ ମିଡିଆରେ ...

ଫଟୋ ସଂପୃକ୍ତ ପର୍ଯ୍ୟଟକ ଉଠାଇଥିବା ଜଣାଯାଇଛି । ଏହି ଫଟୋଗୁଡ଼ିକରୁ ଯାହା ଜଣାଯାଉଛି ଗୋଟିଏ ଦଳ ଇସ୍କନ ଭକ୍ତ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିଲେ, ସେହିମାନେ ବସିଥିବା ଏବଂ ବୁଲୁଥିବା ଅବସ୍ଥାରେ ଏହିସବୁ ଫଟୋଗୁଡ଼ିକ ଉତ୍ତୋଳନ କରାଯାଇଛି । ବାରମ୍ବାର ଏହିଭଳି ଫଟୋ ଭାଇରାଲ ଘଟଣା ସେବାୟତ ଓ ଭକ୍ତ ମହଲରେ ଉଦ୍‌ବେଗ ସୃଷ୍ଟି କରିଛି । ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଏହି ଘଟଣା ଜଣାପଡ଼ିବା ପରେ ମଧ୍ୟ ପୁଲିସ୍ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଚାରିଦିନ ତଳେ ବେଙ୍ଗାଲୁରୁର ମେଘା ଲୁଥ୍ରା ନାମକ ଜଣେ ମହିଳା ପର୍ଯ୍ୟଟକ ତାଙ୍କ ଫେସବୁକ୍‌ରେ ଶ୍ରୀମନ୍ଦିରର ଆଭ୍ୟନ୍ତରୀଣ ଫଟୋ ଅପଲୋଡ଼ କରିଥିଲେ । ଏ ସଂକ୍ରାନ୍ତରେ ସିଂହଦ୍ୱାର ଥାନା ପୁଲିସ ତଦନ୍ତ କରାଯାଉଛି ବୋଲି କହିଥିଲା । କୌଣସି ତଦନ୍ତ କରାଯାଇ ନ ଥିବା ଜଣାଯାଇଛି । ଏବେ ପୁଣି ଗୁରୁତ୍ୱପୂର୍ଣ୍ଣ ଫଟୋ ଅପଲୋଡ୍ କରାଯାଇଛି । ପୁଲିସ୍ ପକ୍ଷରୁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ମନ୍ଦିର ଭିତରକୁ ପର୍ଯ୍ୟଟକମାନେ ନିଷେଧ ସତ୍ତ୍ୱେ ଆଣ୍ଡ୍ରଏଡ ମୋବାଇଲ ନେଇ ଯାତାୟାତ କରୁଛନ୍ତି । ଯେଉଁମାନେ ଏହିଭଳି କାର୍ଯ୍ୟ କରୁଛନ୍ତି ପରବର୍ତ୍ତୀ ସମୟରେ କ୍ଷମା ପ୍ରାର୍ଥନା କରି ଦେବାରେ ପୁଲିସ୍ ସେମାନଙ୍କୁ ଛାଡ଼ି ଦେଉଛି । ଫଳରେ ବାରମ୍ବାର ଏହିଭଳି ଫଟୋଚିତ୍ର ଭାଇରାଲ ହେଉଛି । ଏହାଦ୍ୱାରା ଶ୍ରୀମନ୍ଦିର ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନ ଉଠୁଛି । ସୂଚନାଯୋଗ୍ୟ ଯେ ଗତବର୍ଷ ଏଏସଆଇରର ଜନୈକ ଅଧିକାରୀ ଗର୍ଭଗୃହ ଭିତରେ ଫଟୋଚିତ୍ର ଉତ୍ତୋଳନ କରି ଭାଇରାଲ କରିଥିଲେ । ପରବର୍ତ୍ତୀ ସମୟରେ ସେ କ୍ଷମାପ୍ରାର୍ଥନା କରିବାରୁ ପୁଲିସ୍ ତାଙ୍କୁ ଗିରଫ କରି ନ ଥିଲା । ଶ୍ରୀମନ୍ଦିର ଭିତରକୁ କିଛିଦିନ ତଳେ ସମୁଦ୍ରକୂଳ ଥାନାର ଜଣେ ଏଏସଆଇ ଯାଇ ମହାଳାୟ ଶ୍ରାଦ୍ଧ କରୁଥିବା ବେଳେ ମୋବାଇଲରେ ନିଜର ଫଟୋଚିତ୍ର ଭାଇରାଲ କରିଥିଲେ । ଏତଦ୍‌ବ୍ୟତୀତ ବିଭିନ୍ନ ସମୟରେ ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶର ଯାତ୍ରୀମାନେ ମଧ୍ୟ ଫଟୋଚିତ୍ର ଉତ୍ତୋଳନ କରିଛନ୍ତି । ଶ୍ରୀମନ୍ଦିର ଚାରିଦ୍ୱାରରେ ପୁଲିସ୍ ମୁତୟନ ଥିବା ବେଳେ ଶ୍ରୀଜଗନ୍ନାଥ ମନ୍ଦିର ପୋଲିସ୍ ମଧ୍ୟ ମୁତୟନ ରହିଛନ୍ତି । ମେଟାଲ ଡିଟେକ୍ଟର ରହିଛି । ଯାତ୍ରୀମାନଙ୍କୁ ତନ୍ନ ତନ୍ନ କରି ଯାଞ୍ଚ କରାଯାଇ ଭିତରକୁ ଛଡ଼ା ଯାଉଛି । ଏସବୁ ସତ୍ତ୍ୱେ ବାରମ୍ବାର ମନ୍ଦିର ଭିତରର ଫଟୋ ଭାଇରାଲ ହେବା ଜଗନ୍ନାଥପ୍ରେମୀମାନଙ୍କୁ କ୍ଷୁବ୍ଧ କରିଛି ।

### ତଥ୍ୟ ଦେବାରେ ...

କେଆର୍ ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ କରି ଦେଇଛନ୍ତି । ପୋଲିସ୍-ଓକିଲ ବିବାଦ ମାମଲାର ଶୁଣାଣି ସୋମବାରକୁ ଘୁଞ୍ଚିଛି । ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ସମ୍ପୂର୍ଣ୍ଣ ଚାର୍ଜସିଟ୍ ଦାଖଲ କରିପାରିନଥିବାରୁ ହାଇକୋର୍ଟ ସୋମବାରକୁ ଶୁଣାଣି ଘୁଞ୍ଚାଇଛନ୍ତି । ଅପରପକ୍ଷରେ ମାମଲାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଆଇଜି ଆଉ ୬ ସପ୍ତାହ ସମୟ ମାଗିଥିବା ବେଳେ ହାଇକୋର୍ଟ ଅଧିକ ସମୟ ଦେବାକୁ ରୋକ୍‌ଠୋକ୍ ମନା କରିଛନ୍ତି । ସେହିପରି ଅଭିଯୁକ୍ତ ପୋଲିସ୍ କର୍ମଚାରୀଙ୍କ ଉପରୁ ନିଲମ୍ବନ ଆଦେଶ ଉଠାଇବା ନେଇ ମଧ୍ୟ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଅପରପକ୍ଷରେ ଉଭୟ ସଂଘ ମଧ୍ୟରେ ସସସ୍ୟାର ସମାଧାନ ନେଇ ପୋଲିସ ମହାନିର୍ଦ୍ଦେଶକ ଦେଇଥିବା ପ୍ରସ୍ତାବକୁ ବାର୍ ଆସୋସିଏସନ୍ ଗ୍ରହଣ କରିଛି । ବାର ଆସୋସିଏସନ୍ ପକ୍ଷରୁ କୁହାଯାଇଛି ଯେ ସେମାନେ ଡିଜିପିଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି । କୌଣସି ନିରପେକ୍ଷ ସ୍ଥାନରେ ଆଲୋଚନା କରାଗଲେ ସେମାନେ ସେଠାକୁ ଯିବେ । ଗତ ଶୁକ୍ରବାର ଅନୁଷ୍ଠିତ ଆସୋସିଏସନର ସାଧାରଣ ପରିଷଦ ବୈଠକରେରେ ଏଭଳି ନିଷ୍ପତ୍ତି ହୋଇଛି । ସେହିପରି ପରବର୍ତ୍ତୀ ପଦକ୍ଷେପ ପାଇଁ ସୋମବାର ଅନୁଷ୍ଠିତ ହେବାକୁ ଥିବା ବୈଠକରେ ନିଷ୍ପତ୍ତି ନିଆଯିବ । ଶୁକ୍ରବାର ଦିନ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍ ଜାଭେରି ଓ ଜଷ୍ଟିସ କେ.ଆର ମହାପାତ୍ରଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ତଦନ୍ତ ଲାଗି ଅଧିକ ସମୟ ଦେବାକୁ କ୍ରାଇମବ୍ରାଞ୍ଚକୁ ମନା କରିବା ସହ ଆସନ୍ତା ସୋମବାର ପରବର୍ତ୍ତୀ ଶୁଣାଣି ଲାଗି କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ମାମଲା ହାଇକୋର୍ଟଙ୍କ ବିଚାରଧୀନ ଥିବାବେଳେ କିଭଳି ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ହେଲା ତାହା ପ୍ରଶ୍ନ କରି ଅସନ୍ତୋଷ ଜାହିର କରିଥିଲେ । ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ୨୮ ତାରିଖରେ କଟକରେ ଓକିଲଙ୍କ ଉପରେ ପୋଲିସ୍‌ର ଆକ୍ରମଣ ନେଇ ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁଁ ବିଚାର ବ୍ୟବସ୍ଥାରେ ଅଚଳାବସ୍ଥା ସୃଷ୍ଟି ହେବାରୁ ଏଥିରେ ହସ୍ତକ୍ଷେପ କରି ଘଟଣାର ତଦନ୍ତ କରି ନଭେମ୍ବର ୯ ତାରିଖ ସୁଦ୍ଧା ରିପୋର୍ଟ ଦେବା ଲାଗି ଓଡ଼ିଶା କ୍ରାଇମବ୍ରାଞ୍ଚକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏଥିସହ କାର୍ଯ୍ୟରତ ବିଚାରପତି ଜଷ୍ଟିସ ଚିତରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ତଦନ୍ତ ଲାଗି ନିର୍ଦ୍ଦେଶ ଜାରି କରିଥିଲେ ।

### ବିମୁଦ୍ରାକରଣ ...

ବିମୁଦ୍ରାକରଣକୁ ଦୁଇବର୍ଷ ପୂରଣ ହୋଇଛି । ବର୍ତ୍ତମାନ ଭାରତବାସୀ ଏହି ବିମୁଦ୍ରାକରଣର ଦୁର୍ଦ୍ଦଶା ଭୋଗିବାକୁ ପଡୁଛି । ବିଭିନ୍ନ କ୍ଷେତ୍ରରେ କାମ କରୁଥିବା କୋଟି କୋଟି ଦିନ ମଜୁରିଆ ସେମାନଙ୍କର ରୋଜଗାର ହରାଇଛନ୍ତି । ଭାରତୀୟ ଅର୍ଥନୀତି ୧.୫ ପ୍ରତିଶତ ଜିଡିପି ହରାଇଛି ବୋଲି ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଥିଲେ । ଦେଶରେ ସିଧାସଳଖ ଭାବରେ ବିମୁଦ୍ରାକରଣ ଏନ୍‌ଡିଏ ସରକାରର ଏକ ସଂଗଠିତ ଓ ଯୋଜନାବଦ୍ଧ ଲୁଟ୍ । ବର୍ତ୍ତମାନ ମୋଦୀଙ୍କୁ ଦେଶବାସୀଙ୍କୁ ତା'ର ଜବାବ ଦେବାର ସମୟ ଆସିଛି ବୋଲି ସେ ଆହ୍ୱାନ କରିଥିଲେ । କଂଗ୍ରେସ ପ୍ରଭାରୀ ରୁଦ୍ର ରାଜୁଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଚିରଞ୍ଜୀବ ବିଶ୍ୱାଳ, ଶରତ ପଟ୍ଟନାୟକ, ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ଶରତ ରାଉତ, ସୁମିତ୍ରା ଜେନା, ମନୋରଞ୍ଜନ ଦାଶ, ବିଭୁପ୍ରସାଦ ତରାଇ ପ୍ରମୁଖ ଉଦ୍‌ବୋଧନ ଦେଇ ମୋଦୀ ସରକାର ବିମୁଦ୍ରାକରଣ କରି ଭାରତକୁ ପଛକୁ ଠେଲି ଦେଇଛି ବୋଲି ସମାଲୋଚନା କରିଥିଲେ । ଶେଷରେ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ରଶ୍ମି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିମୁଦ୍ରାକରଣ ସମ୍ପର୍କୀୟ ଲୋକଙ୍କ ଦୁର୍ଦ୍ଦଶାକୁ ନେଇ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜୟଲକ୍ଷ୍ମୀ ସାହୁ, ଶୁଭେନ୍ଦୁ ମହାନ୍ତି, ଜାନକୀ ବଲ୍ଲଭ ପଟ୍ଟନାୟକ, ସମୀର କୁମାର ରାଉତରାୟ, ଅଶୋକ ସାମଲ, ବିଷ୍ଣୁ ଚରଣ ବାରିକ, ସତ୍ୟପ୍ରକାଶ ନାୟକ, ବିଶ୍ୱଜିତ୍ ଦାସ, ମନୋଜ ମହାପାତ୍ର, ଦୀପକ ମହାପାତ୍ର, ପଦ୍ମାକର ଗୁରୁ, କିଶୋର ଜେନା, ସତ୍ୟସ୍ମିତ ମହାନ୍ତି, ମାନସ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

### ସହରୀ ମାଓବାଦୀଙ୍କ ...

ଅଥଚ କଂଗ୍ରେସ ଏହି ସହରୀ ମାଓବାଦୀମାନଙ୍କୁ ସମର୍ଥନ ଦେଇଆସୁଛନ୍ତି । ସରକାର ଏ ପ୍ରକାର ମାଓବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାବେଳେ କଂଗ୍ରେସ କାହିଁକି ଏମାନଙ୍କୁ ସମର୍ଥନ କରୁଛି ବୋଲି ମୁଁ ସେମାନଙ୍କୁ ପଚାରୁଛି । ନକ୍ସଲମାନେ ମନ୍ଦବୁଦ୍ଧି ସମ୍ପନ୍ନ ଦାନବ ବୋଲି ବର୍ଣ୍ଣନା କରି ମୋଦୀ କହିଛନ୍ତି, ବିଗତ ସରକାରଗୁଡ଼ିକ ନକ୍ସଲ ପ୍ରଭାବିତ ବସ୍ତର ଅଞ୍ଚଳ ପାଇଁ ପ୍ରକୃତରେ କିଛି କରିନାହାନ୍ତି । ମୋଦୀ ଏହି ଅବସରରେ ଜନସଭାରେ ଲୋକଙ୍କୁ ପ୍ରଶ୍ନ କରିଥିଲେ, ଆପଣମାନେ ଏଭଳି ଲୋକଙ୍କୁ କ୍ଷମା ଦେବେ କି ? ଏଭଳି ଲୋକ ଛତିଶଗଡରେ ଆଦୌ ଜିତି ପାରିବେ ନାହିଁ । ବସ୍ତର ଅଞ୍ଚଳରେ ସବୁ ଆସନ ବିଜେପି ଯେପରି ଜିତିବ, ତାହା ସୁନିଶ୍ଚିତ କରିବାକୁ ପ୍ରଧାନମନ୍ତ୍ରୀ ଉପସ୍ଥିତ ଜନତାଙ୍କୁ ଆହ୍ୱାନ ଦେଇଥିଲେ । ଗତ ଅଗଷ୍ଟ ମାସରେ 'ସହରୀ ମାଓବାଦୀ' ପ୍ରସଙ୍ଗ ଚର୍ଚ୍ଚାକୁ ଆସିଲା । ମାଓବାଦୀମାନଙ୍କୁ ସାହାଯ୍ୟ ସମର୍ଥନ ଦେଉଥିବା କେତେକ ସାମାଜିକ କର୍ମୀଙ୍କୁ ଗିରଫ କରାଯିବାରୁ ସହରୀ ମାଓବାଦୀ ସମ୍ପର୍କରେ ଆଲୋଚନା ତେଜିଲା । ମାନବାଧିକାର କର୍ମୀ ତଥା ଓକିଲ ସୁଧା ଭରଦ୍ୱାଜ, ଗୌତମ ନବଲାଖି, ଅରୁଣ ଫେରିରା, ଭର୍ଣ୍ଣନ୍ ଗନ୍‌ସାଲ୍‌ଭେସ୍ ଓ ମାଓବାଦୀ ଚିନ୍ତକ ତଥା କବି ପି ବର୍ବରା ରାଓଙ୍କୁ ମହାରାଷ୍ଟ୍ର ପୁଲିସ ଦେଶର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଗିରଫ କରିଥିଲା । ମୋଦୀ ଏହି ସାମାଜିକ କର୍ମୀଙ୍କୁ କଟୁ ସମାଲୋଚନା କରିଛନ୍ତି ।

### 'ଉର୍ବର ଓ ଜଳସେଚିତ ...

ଚାଷ ଜମି "ପବ୍ଲିକ ପ୍ରପୋଜ୍ କ୍ଲଜ୍" ମାଧ୍ୟମରେ ଅଧିକୃତ କରିଥିଲେ । ସେହିପରି ୭ ହଜାର୨୫ ଏକର ଚାଷ ଜମିକୁ "ଏମରଜେନ୍ସି ପ୍ରୋଭିଜନ" ଆଳ କରି ହାତେଇବା ସହ ସାଧାରଣ ଚାଷୀକୂଳକୁ ଠକି ଥିଲେ । ଏମ୍‌ଜିଏମ୍ ଷ୍ଟିଲ୍ ,ମୋନେଟ୍ ପାୱାର ଏବଂ ମୋନେଟ୍ ଏର୍ନେଜି ଭଳି ଘରୋଇ ସଂସ୍ଥାମାନଙ୍କୁ ଅହେତୁକ ଅନୁକଂପା ପ୍ରଦର୍ଶନ କରି ଆବଶ୍ୟକଠାରୁ ଅଧିକ ୧ହଜାର ୩ଶହ ୨୪ ଏକର ପ୍ରଦାନ କରିଥିଲେ । ଏ ସମସ୍ତ ଜମି ୬ ମାସ ମଧ୍ୟରେ ବ୍ୟବହାର କରିବାର ଜରୁରୀ ହୋଇଥିଲେ ସୁଦ୍ଧା ୬ ବର୍ଷ ପରେ ମଧ୍ୟ ଅଦ୍ୟାବିଧି ୧୬୮୨୮ ଏକର ଜମି ବ୍ୟବହାର ହୋଇନପାରିବା କାରଣରୁ ଅଯଥାରେ ପଡି ରହିଛି । ଏ ସମସ୍ତ ତଥ୍ୟ ତତ୍କାଳୀନ ଏଜି ଏବଂ ବର୍ତମାନ ଶାସକ ବିଜେଡିର ନେତା ସେତେବେଳେ ନିଜ ରିପୋର୍ଟରେ ପ୍ରକାଶ କରିଥିଲେ । ନିଜ ଦୋଷ ପଦାରେ ପଡି ଯାଇଥିବା କାରଣରୁ ମୁଖ୍ୟମନ୍ତ୍ରୀ ଚିଠି ଲେଖି ନିଜ ଦୋଷ ଘୋଡାଇବାକୁ ଅପପ୍ରୟାସ କରିଛନ୍ତି ବୋଲି ଡ.ଲେଖାଶ୍ରୀ କହିଛନ୍ତି । ରାଜ୍ୟସରକାର କେତେ ଜମି ଚାଷୀଙ୍କଠୁ ଛଡାଇ ଆଣି ଶିଳ୍ପ ହାତରେ ଦେଇଛନ୍ତି, କେତେ ଜମି ବ୍ୟବହାର ହୋଇନପାରି ଅଯଥାରେ ଶିଳ୍ପ ସଂସ୍ଥାମାନଙ୍କ ପାଖରେ ପଡି ରହିଛି, ଅବ୍ୟବହୃତ ଜମିକୁ ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ କ'ଣ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ? ଏ ସମସ୍ତ ବିଷୟରେ ସ୍ୱଷ୍ଟ ମତ ରଖି ଏକ ଶ୍ୱେତ ପତ୍ର ପ୍ରକାଶ କରିବାକୁ ଡ.ଲେଖାଶ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଜଣାଇଛନ୍ତି ।

# ଅନ୍ୟ ଏକ ଜନାନ୍ଦୋଳନ





**ଚ**ଳିତ ଅକ୍ଟୋବର ମାସରେ ହୋଇଥିବା ଦୁଇଗୋଟି ବିଶାଳ ଆନ୍ଦୋଳନ କେନ୍ଦ୍ର ସରକାର ଉପରେ ଭାରି ପ୍ରଭାବ ପକାଇଛି। ଗୋଟିଏ ହେଲା ଭାରତୀୟ କୃଷକ ୟୁନିଅନ୍‌ର କ୍ରାନ୍ତି ଯାତ୍ରା ଏବଂ ଅନ୍ୟଟି ଏକତା ପରିଷଦର ଭୂମିହୀନ ମାନଙ୍କୁ ନେଇ ଆନ୍ଦୋଳନ ପଦଯାତ୍ରା। ୨୩ ସେପ୍ଟେମ୍ବର ହରିଦ୍ୱାରରୁ ବାହାରିଥିବା ଏହି କ୍ରାନ୍ତିଯାତ୍ରା ୨ ଅକ୍ଟୋବରରେ ଦିଲ୍ଲୀ ପହଞ୍ଚିଥିଲା। ତେବେ ଏହି ଯାତ୍ରାର ଏଜେଣ୍ଡା ଆଉ ଆନ୍ଦୋଳନର ଆକାରକୁ ଦେଖି କେନ୍ଦ୍ରସରକାର ସେମାନଙ୍କୁ ଦିଲ୍ଲୀ ଭିତରକୁ ପ୍ରବେଶ କରିବାକୁ ଦେଇନଥିଲା । ଏଭଳିକି ୩୦ସେପ୍ଟେମ୍ବରରେ ଆନ୍ଦୋଳନକାରୀଙ୍କ ହଜ୍ ହାଉସ୍‌ରେ ରହିବାର କାର୍ଯ୍ୟକ୍ରମକୁ ମଧ୍ୟ ଅନୁମତି ମିଳିନଥିଲା। ସେହିଭଳି ୨ଅକ୍ଟୋବରରେ ଗ୍ୱାଲିଅରରୁ ବାହାରିଥିବା ୩୦ ହଜାର ଭୂମିହୀନଙ୍କ ପଦଯାତ୍ରା ମୋରେନାରେ ହିଁ ଅଟକିଯାଇଥିଲା। ଦିଲ୍ଲୀ ପ୍ରବେଶ ପୂର୍ବରୁ କେନ୍ଦ୍ର ସରକାର, ଆନ୍ଦୋଳନକାରୀଙ୍କ ଦାବିଗୁଡିକ ପୁରଣକରିବାର ଆସ୍ୱାସନା ଦେଇ ସେହିଠାରୁ ହିଁ ଯାତ୍ରା ସମାପ୍ତୀ କରିବାକୁ ନିର୍ଦ୍ଦେଶ ଦେଇଥିଲା । ଉଭୟ ଆନ୍ଦୋଳନକୁ ଅଟକାଇବା ପାଇଁ ଆପ୍ରାଣ ଉଦ୍ୟମ କରିବା ସହିତ ଆନ୍ଦୋଳନକାରୀଙ୍କ ଦାବିଗୁଡିକ



ଉପରେ ଅନୁଧ୍ୟାନ କରିବା ପାଇଁ ବାଧ୍ୟ କରିଛି । କୁହାଯାଉଛି କେନ୍ଦ୍ରରେ ବିଜେପି ସରକାର ଆସିବା ପରଠାରୁ ରାଜଧାନ ଦିଲ୍ଲୀରେ ଏତେ ବଡ ବିଶାଳ ଆନ୍ଦୋଳନ ଦେଖିନଥିଲା । ଏହି ବିଶାଳ ଆନ୍ଦୋଳନ ମଧ୍ୟରୁ ଏକତା ପରିଷଦ ତରଫରୁ ହୋଇଥିବା ଭୂମିହୀନମାନଙ୍କ ପଦଯାତ୍ରା ଥିଲା ସବୁଠୁ ନିଆରା।

**ଜନାନ୍ଦୋଳନ :** ଆଜିକା ଦିନରେ ଆନ୍ଦୋଳନ କହିଲେ ଆମେ ସହଜରେ ଧରିନେଉ କୌଣସି ଏକ ରାଜନୈତିକ ଦଳର ବା ତାକୁ ସଂଲଗ୍ନ କରୁଥିବା ସୁଚିନ୍ତିତ ଏଜେଣ୍ଡା। ସାଧାରଣ ଜନତାଙ୍କ ହକ୍ ଆଧାରରେ ତିଆରିହୁଏ ରାଜନୈତିକ ରୂପ ରେଖ। ଦଳୀୟ ଟଙ୍କାରେ ତେଲ ପୋଡ଼ି ରାସ୍ତାରେ ଗର୍ଜନ କରନ୍ତି କର୍ମୀଙ୍କ ଯାନବାହନ । ପ୍ରକମ୍ପିତ ହୋଇ ଉଠେ ରାସ୍ତା ପରିସର । ଭାଡ, ମାଂସ ଆଉ ମଦର ମୋହରେ ଭରିଯାଏ ସମାବେଶ ସ୍ଥଳ। ଜନତାଙ୍କ ଦାବିର ଦ୍ୱାହୀରେ, ନେତାଙ୍କ ଦଳୀୟ ଦିଗ୍‌ଦର୍ଶନ ଦିଆ ଭାଷଣ ଭିତରେ ହାଇଜାକ୍ ହୋଇଯାଏ ସେହି ଗରିବ ଜନତାଙ୍କ ହକ୍ ସବୁ। ତେବେ ସବୁ ସମାବେଶ ବା ଆନ୍ଦୋଳନରେ ଏଭଳି ହୁଏ ବୋଲି ମଧ୍ୟ ଆମେ କହିପାରିବା ନାହିଁ। ଅନେକ କ୍ଷେତ୍ରରେ ଆନ୍ଦୋଳନକାରୀ ସ୍ୱତଃପ୍ରବୃତ୍ତ ଭାବରେ ନିଜ ହକ୍‌ର ଲଢ଼େଇରେ ସାମିଲ ହୁଅନ୍ତି। ଏଭଳି ଏକ ନିଛକ ନିଦର୍ଶନ ହେଉଛି 'ଜନାନ୍ଦୋଳନ'। ଯାହା ନିକଟରେ ଆନ୍ଦୋଳନକାରୀଙ୍କୁ ଗ୍ୱାଲିଅରରୁ ଦିଲ୍ଲୀ ପଦଯାତ୍ରା ସମୟରେ ଦେଖିବାକୁ ମିଳେ। ଜମି, ଜଳ ଆଉ ଜଙ୍ଗଲ ଉପରେ ନିଜର ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଥିଲା ଏହି ଆନ୍ଦୋଳନ। 'ଏକତା ପରିଷଦ'ର ବ୍ୟାନର ତଳେ ଏକାଠି ହୋଇଥିଲେ ଦେଶର ୨୦୦ଟି ଜିଲ୍ଲାର ପ୍ରାୟ ୩୦ ହଜାର ସତ୍ୟାଗ୍ରହୀ। ଆଉ ଓଡ଼ିଶାରୁ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ ୨୦୦୦ରୁ ଅଧିକ ସତ୍ୟାଗ୍ରହୀ।



**ଆନ୍ଦୋଳନର ଅତୀତ :** ଭୂମି ଆନ୍ଦୋଳନକୁ ଆଧାରକରି କେନ୍ଦ୍ର ସରକାରଙ୍କର ଦେଇଥିବା ପ୍ରତିଶ୍ରୁତିର ସଠିକ୍ ପାଳନ ନହେବାକୁ ନେଇ ଆରମ୍ଭ ହୋଇଥିଲା ୨୦୧୮ ପଦଯାତ୍ରାର ରୂପରେଖ। ଆନ୍ଦୋଳନର ୬ ଗୋଟି ଦାବି ମଧ୍ୟରୁ ରାଷ୍ଟ୍ରୀୟ ଘରଡିହ ଅଧିକାର ଆଇନ ପ୍ରଣୟନ ଓ ଏହାକୁ କାର୍ଯ୍ୟକାରୀ କରିବା ଏବଂ ମହିଳାମାନଙ୍କୁ କୃଷକର ମାନ୍ୟତା ଦେଇ ଆଇନ ପ୍ରଣୟନ ସହିତ ଏହାକୁ କାର୍ଯ୍ୟକାରୀ କରିବା ଆଦି ମୁଖ୍ୟ। ଅନ୍ୟ ୪ଟି ହେଲା ରାଷ୍ଟ୍ରୀୟ ଭୂ-ସଂଶୋଧନ ନୀତି ପ୍ରଣୟନ ଓ ପ୍ରକ୍ରୀୟାକରଣ , ଭାରତ ସରକାରଙ୍କ ଦ୍ୱାରା ନିର୍ମିତ ଭୂ-ସୁଧାର ପରିଷଦ ଓ ରାଷ୍ଟ୍ରୀୟ ଭୂ-ସୁଧାର କ୍ରିୟାନୁଷ୍ଠାନକୁ ସକ୍ରିୟ କରିବା , ବନ ଅଧିକାର ଆଇନ-୨୦୦୬ ଓ ପଞ୍ଚାୟତ ବିସ୍ତାର ଉପବନ୍ଧ ଅଧିନିୟମ-୧୯୯୬କୁ ଅଧିକ ସକ୍ରିୟ ଓ କ୍ରିୟାଶିଳ କରିବା ପାଇଁ ରାଷ୍ଟ୍ରୀୟ ଏବଂ ପ୍ରାନ୍ତିୟ ସ୍ଥରରେ ତଦାରଖ କମିଟି ସ୍ଥାପନ,ଭୂ-ସମ୍ବନ୍ଧୀୟ ବିବାଦର ତୁରନ୍ତ ଫଇସଲା ପାଇଁ ତ୍ୱରିତ ନ୍ୟାୟାଳୟର ସ୍ଥାପନ କରିବା।

**ରାସ୍ତାକଡରେ ରାତି :** ଦାବି ହାସଲ କରିବା ପାଇଁ ବିଭିନ୍ନ ରାଜ୍ୟରୁ ୩୦ ହଜାର ସତ୍ୟାଗ୍ରହୀ ଏକତ୍ରିତ ହୋଇଥିଲେ ଗ୍ୱାଲିଅର ଠାରେ। ଗୋଲାପ ଚାଷୀଙ୍କ ଐତିହାସିକ ମେଳା ଭୂମି। ବାଗୀଙ୍କ ପାଇଁ ଚମ୍ବଲ ଆକ୍ରମଣର ଆତ୍ମସମର୍ପଣର ଦୁର୍ଗ ଭାବରେ ପରିଚିତ ଏହି ମେଳା ଭୂମିରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିଲା ଆନ୍ଦୋଳନକାରୀଙ୍କ ପଦଯାତ୍ରା। ସେଠାରୁ ମୋରେନା ଦେଇ ଦିଲ୍ଲୀ ପଦଯାତ୍ରା କରିବାର ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ ହେଲା। ରାସ୍ତାର ଦୁଇ ପାର୍ଶ୍ୱରେ ସବୁଜ ଆଉ ଧଳା ରଙ୍ଗର ଝଣ୍ଡାଧାରୀ ବିଶାଳ ଜନସମୁଦ୍ର, ସଭିଙ୍କୁ ଆବାକ୍ କରିଥିଲା। ଅତ୍ୟନ୍ତ ଶାନ୍ତ ଆଉ ବ୍ୟବସ୍ଥିତ ଥିଲା ଏହି ଆନ୍ଦୋଳନ। ପ୍ରତି ରାଜ୍ୟକୁ କ୍ରମିକ ସଂଖ୍ୟାରେ ପରିଗଣିତ କରାଯାଉଥିଲା। ସେଥିରେ ଓଡିଶାର ନମ୍ବର ଥିଲା ୨୧ । ସଂଜ ହୋଇଗଲେ ରାସ୍ତା କଡରେ ଖୋଲା ଆକାଶ ତଳେ ରାତ୍ରି କାଟିବାର ବ୍ୟବସ୍ଥା କରାଯାଏ। ଆଉ ରାସ୍ତା କଡରେ ଖାଦ୍ୟ ପ୍ରସ୍ତୁତ ପ୍ରକ୍ରିଆ ଆରମ୍ଭ ହୁଏ। ପ୍ରାୟ ୩୦ ହଜାର ପଦଯାତ୍ରୀ ଏକାଠି




ବସି ରାସ୍ତା କଡରେ ଖାଇବାର ଦୃଶ୍ୟ ନିଆରା। ତା'ଠୁ ଅଧିକ ଦୟନୀୟ ଆଉ ଦୁଃଖଦ ଦୃଶ୍ୟ ହେଉଛି ବର୍ଷା ସମୟରେ ଏମାନଙ୍କ ଅବସ୍ଥା। ରାତିରେ ଶୋଇବା ପାଇଁ ରାସ୍ତାକଟରେ ଅଟକି ରହିଥିବା ଟ୍ରକ୍ ଗୁଡିକ ହେଉଛି ଆଶ୍ରୟ ସ୍ଥଳି। ଅତ୍ୟନ୍ତ କଷ୍ଟ ସାଦ୍ଧ୍ୟ ୪୫ କିଲୋମିଟର ରାସ୍ତା ୨ ଦିନରେ ଅତିକ୍ରମଣ ପରେ ପଦଯାତ୍ରା ମୋରେନାରେ ପହଞ୍ଚିଲା। ସେଠାରେ ଆୟୋଜିତ ସମାବେଶକୁ ସମ୍ବୋଧିତ କଲେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ। ଦାବି ପୁରଣ କରିବାର ଆସ୍ୱାସନା ଦେଇ ସେହିଠାରୁ ହିଁ ଯାତ୍ରା ସମାପ୍ତୀ କରିବାକୁ ଅନୁରୋଧ ରଖିଲେ କେନ୍ଦ୍ର ସରକାର।


**ମହିଳାଙ୍କୁ କୃଷକର ମାନ୍ୟତା ଦାବି କଲା ଓଡିଶା :** ଓଡିଶାର ବିଭିନ୍ନ ଜିଲ୍ଲାରୁ ଏହି ଜନାନ୍ଦୋଳନରେ ସାମିଲ୍ ହୋଇଥିବା ପଦଯାତ୍ରୀଙ୍କ ପ୍ରମୁଖ ଦାବିଗୁଡିକ ମଧ୍ୟରୁ ପ୍ରଧାନ ଦାବି ହେଲା ମହିଳାମାନଙ୍କୁ କୃଷକର ମାନ୍ୟତା ପ୍ରଦାନ କରିବା। କେବଳ ପୁରୁଷ ନୁହଁନ୍ତି, ମହିଳା ମାନେ ମଧ୍ୟ ଜମିରେ ଚାଷକରିବା ଠାରୁ ଆରମ୍ଭକରି ଶସ୍ୟ ଅମଳ କରିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ନିଃସଙ୍କୋଚରେ ତୁଲାଇଥାନ୍ତି। ଘରେ ଜଣେ ଗୃହିଣୀର ଦାୟୀତ୍ୱ ନିର୍ବାହ କରିବା ସହିତ ଜମିରେ ଚାଷ କରିବା ଉଭୟ କାର୍ଯ୍ୟକୁ ସମାନ୍ତରାଳ ଭାବରେ ତୁଲାଇଥାନ୍ତି। ତେବେ ଆଜିପର୍ଯ୍ୟନ୍ତ ମହିଳାଙ୍କୁ କୃଷକର ମାନ୍ୟତା ନମିଳିବା ବିଡମ୍ବନାର ବିଷୟ। ଏହି ଦାବିକୁ ସାମ୍ବିଧାନିକ ସ୍ଥରରେ ସଂଶୋଧିତ କରିବା ସହିତ ସେମାନଙ୍କୁ କୃଷକର ମାନ୍ୟତା ପ୍ରଦାନ କରିବାକୁ ଏକତା ପରିଷଦର ରାଜ୍ୟ ଆବାହକ ବିଜୟ କୁମାର ପ୍ରଧାନ ପ୍ରସ୍ତାବିତ କରିଥିଲେ।



ସମ୍ପ୍ରତି ଭୂମି ସମସ୍ୟାକୁ ନେଇ ୨୦୦୭ ମସିହାରେ ଆରମ୍ଭ ହୋଇଥିଲା ଏହି ଆନ୍ଦୋଳନ। ସେତେବେଳେ ୩୦ ହଜାର ଭୂମିହୀନ ଯୋଗଦେଇଥିଲେ ଏହି ଆନ୍ଦୋଳନରେ। ଗ୍ୱାଲିଅର୍‌ରୁ ଦିଲ୍ଲୀ ଏକମାସର ପଦଯାତ୍ରା ସେହି ସମୟରେ ସାରା ଦେଶରେ ଚହଳ ସୃଷ୍ଟି କରିବା ସହିତ କେନ୍ଦ୍ର ସରକାରକୁ ପ୍ରଭାବିତ ମଧ୍ୟ କରିଥିଲା। ତତ୍‌କାଳିନ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ରଘୁବଂଶ ସିଂ ଯାଦବ ଆନ୍ଦୋଳନ ଆଧାରିତ ପ୍ରସ୍ତାବକୁ ସ୍ୱିକାର ଜଣାଇ ରାଷ୍ଟ୍ରୀୟ ଭୂମି ସୁଧାର ପରିଷଦ ଏବଂ ରାଷ୍ଟ୍ରୀୟ ଭୂମି ସୁଧାର ସମିତି ଗଠନ କଲେ। କିନ୍ତୁ ପରବର୍ତ୍ତୀ ସମୟରେ ଜଣାଗଲା ଏହା କେବଳ ନାମକୁମାତ୍ର ଘୋଷଣା ଥିଲା। ଯେଉଁ ଉଦ୍ଦେଶ୍ୟ ନେଇ ଏହା ଗଠନ କରାଯାଇଥିଲା ତାହା କୌଣସି କାମରେ ଆସିଲା ନାହିଁ। ଫଳରେ ଏହାର ୫ ବର୍ଷ ପରେ ଅର୍ଥାତ୍ ୨୦୦୯ ଅକ୍ଟୋବର ମାସରେ ପୁନଶ୍ଚ ଆନ୍ଦୋଳନ କରାଗଲା। ଦାବୀଥିଲା ଏହାର ଏକ ଆଇନଗତ ବ୍ୟବସ୍ଥା ଲାଗୁ କରାଯାଉ। ତେବେ ୨୦୧୨ ଅକ୍ଟୋବରରେ ଏହି ଆନ୍ଦୋଳନ ଏକ ଉଗ୍ର ଆକାର ଧାରଣ କଲା। ସାରା ଭାରତବର୍ଷରୁ ଏକଲକ୍ଷ ପଦଯାତ୍ରୀ ଭୂମି ସୁଧାର ଆଇନ ଦାବିରେ ଦିଲ୍ଲୀ ଠାରେ ଏକତ୍ରିତ ହେଲେ। ପାଦରେ ଚାଲି ଚାଲି ଦିଲ୍ଲୀ ଅଭିମୁଖେ ବାହାରିଥିବା ଏତେ ବଡ଼ ଲମ୍ବା ଜନଶୃଙ୍ଖଳ ସାରା ଦେଶରେ ଚହଳ ସୃଷ୍ଟି କଲା। ଭୂମିହୀନଙ୍କ ପାଇଁ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ସରକାରଙ୍କ ଉପରେ ଚାପ ପଡ଼ିଲା। ତେବେ ୨୦୦୭ ମସିହାରେ ଭୁବନେଶ୍ୱରରେ ଆୟୋଜିତ ୧୬୮ ଦିନିଆ ସତ୍ୟାଗ୍ରହ ପାଳନ ପ୍ରଭାବରେ ରାଜ୍ୟ ସରକାର ଭୂମିହୀନମାନଙ୍କ ପାଇଁ ଚିନ୍ତା କଲେ । ଆଉ ଏହାର ଫଳ ସ୍ୱରୂପ 'ମୋ ଘର, ମୋ ଡିହ' ଯୋଜନା ଲାଗୁ କଲେ ବୋଲି ଏକତା ପରିଷଦର ଦାବି।

- ଡି.କେ. ସାବତ

## 'ପାରାଦୀପ ବନ୍ଦରରେ ଏମ୍‌ଏସ୍‌ଏମ୍‌ଇରେ ବ୍ୟାପକ ସୁଯୋଗ ରହିଛି'




**ପାରାଦୀପ :** କେନ୍ଦ୍ର ସଡକ ପରିବହନ ,ଜାତୀୟ ରାଜପଥ , ଜାହାଜ ଚଳାଚଳ କେମିକାଲ ଓ ଫର୍ଟିଲାଇଜର ରାଷ୍ଟ୍ରମନ୍ତ୍ରୀ ମନସୁଖ ଏଲ୍ ମାଣ୍ଡଭିୟା ପାରାଦ୍ୱୀପ ବନ୍ଦର ଗସ୍ତରେ ଆସିଥିଲେ । ଏହି ଅବସରରେ ସେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍. ଏସ୍. ଏମ୍. ଇ) କ୍ଷେତ୍ରରେ କେନ୍ଦ୍ର ସରକାର ଗ୍ରହଣ କରିଥିବା କେତେକ ସଂସ୍କାର ମୂଳକ ପଦକ୍ଷେପ ସମ୍ପର୍କରେ ଭାଷଣ ଦେଇଥିଲେ । ସେ ତାଙ୍କ ଭାଷଣରେ ଏମ୍. ଏସ୍. ଏମ୍. ଇ ମାନନୀୟ ପ୍ରଧାନମନ୍ତ୍ରୀ ଯେଉଁ ୧୨ଟି ସଂସ୍କାର ମୂଳକ ପଦକ୍ଷେପ ନେଇଛନ୍ତି ସେ ସଂମ୍ପର୍କରେ ଉଲ୍ଲେଖ କରିଥିଲେ । ଏବଂ ସେହି ସବୁ ଘୋଷଣାକୁ ଭିଡିଓ କନ୍‌ଫରେନିଂ ଜରିଆରେ ଦେଶର ୧୦୦ଟି ଜିଲ୍ଲାରେ ଉଦ୍ଘାଟନ କରାଯାଇ ଥିଲା । ସେହି ଜିଲ୍ଲା ଭିତରେ ଜଗତସିଂହପୁର ଜିଲ୍ଲା ରହିଥିଲା। ଏଥି ପାଇଁ ପାରାଦ୍ୱୀପ ବନ୍ଦରର ଜୟଦେବ ସଦନ ଠାରେ ଭିଡିଓ କନଫରେନ୍ସର ଆୟୋଜନ କରାଯାଇଥିଲା । ସେଥିରେ ମାନ୍ୟବର କେନ୍ଦ୍ରମନ୍ତ୍ରୀ ମାଣ୍ଡଭିୟାଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଘୋଷଣା ପୂର୍ବରୁ ଏମ୍ .ଏସ୍. ଇ ସମ୍ପର୍କରେ ୪୦ ମିନିଟ୍ ବକ୍ତବ୍ୟ ରଖିଥିଲେ। ୫୯ ମିନିଟରେ କିଭଳି ବ୍ୟାଙ୍କ୍ ୧କୋଟି ପର୍ଯ୍ୟନ୍ତ ଋଣ ପ୍ରତିବନ୍ଧକ ନଥିବ ଜି.ଏସ୍.ଟି. ସଂଯୋଗ ସୁଧରେ ୨ପ୍ରତିଶତ ରିହାତି କ୍ଷୁଦ୍ର ଉଦ୍ୟୋଗ ପାଇଁ ପରିବେଶ ମଞ୍ଜୁରିକୁ ସରଳିକରଣ କରିବା ଆଦି ୧୨ ପ୍ରସଙ୍ଗ ଉପରେ ସଂସ୍କାର ଅଣାଯାଇଥିବା ବିଷୟ ସେ କହିଥିଲେ। ଏହା ଦ୍ୱାରା ଦେଶରେ ଥିବା ବେକାର ଯୁବକ ଯୁବତୀ ମାନେ କ୍ଷୁଦ୍ର ଉଦ୍ୟୋଗ କରିବା ସହ ଅନ୍ୟ ମାନଙ୍କୁ ନିଯୁକ୍ତି ଦେଇ ପାରିବେ ଏବଂ ସେହି କ୍ଷୁଦ୍ର ଉଦ୍ୟୋଗର ସାମଗ୍ରିକୁ କିପରି ବିକ୍ରି କରାଯାଇ ପାରିବ ସେ ବ୍ୟବସ୍ଥା ମଧ୍ୟ କରାଯାଇଛି । ଏବଂ ଏ ସମସ୍ତ କାର୍ଯ୍ୟକ୍ରମକୁ ନିଜେ ପ୍ରଧାନମନ୍ତ୍ରୀ ୧୦୦ ଦିନ ମଧ୍ୟରେ ସମୀକ୍ଷା କରିବେ । ଏହି ବ୍ୟବସ୍ଥା ପାରାଦ୍ୱୀପରେ ନିବେଶକଙ୍କ ପାଇଁ ଭରପୁର ସୁଯୋଗ ସୃଷ୍ଟି କରିବା ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ । ଆମଦାନୀ ଭିତିକ କାଠ ଶିଳ୍ପ , ତୈଳ ବିଶୋଧନାଗାରର ପ୍ରଲିପ୍ରପଲିକୁ ନେଇ ପ୍ଲାଷ୍ଟିକ ଶିଳ୍ପ ପାଇଁ ପ୍ରଯ୍ୟାପ୍ତ ସୁଯୋଗ ଥିବା କଥା ସେ କହିଥିଲେ । ଅପରପକ୍ଷେ ପାରାଦୀପ ବିଜୁ ଜନତା ଦଳ ପକ୍ଷରୁ ଜାତୀୟ ରାଜପଥ କ ର ଅବସ୍ଥା ଶୋଚନୀୟ ହୋଇପଡିଥିବା ବେଳେ ଉକ୍ତ ଦିନ ମନ୍ତ୍ରୀଙ୍କ ଆଗମନକୁ ଲକ୍ଷ କରି ରାସ୍ତାର ଦୁଇ ପାର୍ଶ୍ୱକୁ ଅବରୋଧ କରିବା ସହ ପ୍ରତିବାଦ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରଦୀପ ବିଜେପି ସଭାପତି ସମୁନ୍ତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷା ପ୍ରଭାତୀ ନାୟକଙ୍କ ସମେତ ସମସ୍ତ ପାରିଷଦ ବୃନ୍ଦ ଓ କର୍ମୀମାନେ କେନ୍ଦ୍ରସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ଘୋର ନିନ୍ଦା କରିଥବଲେ। ବିଜୟଚନ୍ଦ୍ରପୁର ନାଗରିକ ମଞ୍ଚର ସଭାପତି ପ୍ରଭାତ ନନ୍ଦୀ ଏହି ପରିପ୍ରେକ୍ଷିରେ ଏଡିଏମ୍‌ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଜୟଦେବ ସଦନ ପ୍ରାଙ୍ଗଣରେ ହୋଇଥିବା ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସଚିବ ନିକୁଞ୍ଜ କିଶୋର ସୁନ୍ଦରରାୟ ବନ୍ଦର ଅଧକ୍ଷ ରିଙ୍କେଶ ରାୟ। ଏଡିଏମ୍ କାହ୍ନୁ ଚରଣ ଧୀର ୟୁକୋ ବ୍ୟାଙ୍କ୍ ମୁଖ୍ୟ ଟି ବି ନନେଜି ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟିକୁ ସମ୍ପୁର୍ଣ୍ଣ ଭାବେ ୟୁକୋ ବ୍ୟାଙ୍କ ନିୟୋଜତ କରିଥିଲା ଓ ଅନ୍ୟ ବ୍ୟାଙ୍କ ମାନେ ଏମ୍ . ଏସ୍. ଇ ସମ୍ପର୍କରେ ବିଭିନ୍ନ ପ୍ରକାର ସଚେତନତା ଷ୍ଟଲ ଖୋଲିଥିଲେ। ଉକ୍ତ ଅବସରରେ । କେନ୍ଦ୍ରମନ୍ତ୍ରୀ କେତେକ ଆଗ୍ରହୀ ଉଦ୍ୟୋଗଙ୍କୁ କେନ୍ଦ୍ରମନ୍ତ୍ରୀ ତତ୍କାଳ ଋଣ ପ୍ରଦାନ କରିଥିଲେ। ଦୁଃଖର କଥା କେନ୍ଦ୍ରମନ୍ତ୍ରୀ ପାରାଦ୍ୱୀପ ବନ୍ଦରର ସମସ୍ୟା , ଜାତୀୟ ରାଜପଥ ସମସ୍ୟା କିମ୍ବା ଜଙ୍ଗଲ ପରିବେଶ ସମ୍ପର୍କରେ ପଦୁଟିଏ ବି କହି ନ ଥିଲେ। କେନ୍ଦ୍ରମନ୍ତ୍ରୀ ବିଜେପି ଦଳର ହୋଇଥିବାରୁ କାର୍ଯ୍ୟକ୍ରମଟି ସମ୍ପୂର୍ଣ୍ଣ ବିଜେପି ପାର୍ଟିର ବୋଲି ଅନୁଭୂତ ହୋଇଥିଲା। ଏବଂ ଉକ୍ତ କାର୍ଯ୍ୟକ୍ରମରେ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ବସିବାକୁ ଆସନ ଟିଏ ମଧ୍ୟ ମିଳିନଥିବାରୁ ପ୍ରତିନିଧି ମାନେ ବ୍ୟାପକ ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ମେକ୍ ଇନ୍ ଓଡିଶା କନକ୍ଲେଭର ବାସ୍ତବତା ହେଉଛି ମେକ୍ ଇନ୍ ବିଜେଡି,ବ୍ରେକ୍ ଇନ୍ ଓଡିଶା: ବିଜେପି

**ଭୁବନେଶ୍ୱର :** ରାଜ୍ୟସରକାର ଶିଳ୍ପ ସମୃଦ୍ଧିର ଆଶା ଦେଖାଇ ରାଜ୍ୟବାସୀଙ୍କୁ ନିରାଶ ଭିତରକୁ ଠେଲିବାକୁ ପ୍ରସ୍ତୁତ ହୋଇ ସାରିଲେଣି । ରାଜ୍ୟସରକାର ମେକ୍ ଇନ୍ ଓଡିଶା କନକ୍ଲେଭକୁ ମେକ୍ ଇନ୍ ବିଜେଡି ଓ ବ୍ରେକ୍ ଇନ୍ ଓଡିଶାରେ ପରିଣତ କରିଛନ୍ତି। ରାଜ୍ୟରେ ଶିଳ୍ପ ସମୃଦ୍ଧି କରିବା ପାଇଁ ବିଜୁଳି, ପାଣି, ଭିତିଭୂମି ଓ କଂଚାମାଲ ଦରକାର । ଏହାର ଅଭାବରେ ଶିଳ୍ପର ସମୃଦ୍ଧି ହେବା ଅସମ୍ଭବ । ସେହିପରି ଓଡିଶାରେ ଶିଳ୍ପ ବିକାଶ ଦିଗରେ କମ୍ ମୂଲ୍ୟ ଓ ଉତମ ମାନର ନିରନ୍ତର ବିଜୁଳି ବଡ ପ୍ରତିବନ୍ଧକ ବୋଲି ଓଡିଶା ସରକାରଙ୍କ ମେକ୍ ଇନ୍ ଓଡିଶା କଲକ୍ଲେଭ ପୂର୍ବରୁ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି ବିଜେପି ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ଓଡିଶାର ଶିଳ୍ପାୟନ ଓ ମେକ୍ ଇନ୍ ଓଡିଶାର ସଫଳତା ପାଇଁ ଉପଯୁକ୍ତ ବିଜୁଳି ବ୍ୟବସ୍ଥା ନକରି ଶିଳ୍ପାୟନର ନାରା ସଫଳ ହୋଇ ପାରିବ ନାହିଁ । ଏଥିପାଇଁ ସରକାର ଶିଳ୍ପ ପାଇଁ ବିଜୁଳିର ମୂଲ୍ୟ ଓ ବିଜୁଳି ସଂକ୍ରାନ୍ତୀୟ ଅନ୍ୟାନ୍ୟ ଦିଗ ପ୍ରତି ପ୍ରଥମେ ଗୁରୁତ୍ୱ ଦିଅନ୍ତୁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଓଡିଶାରେ ବିଜୁଳି ମହଙ୍ଗା । ନିଜସ୍ୱ ଅମାପ କୋଇଲା ଓ ପ୍ରଚୁର ଜଳସମ୍ପଦ ଥିବା ସତ୍ତ୍ୱେ ବି ଓଡିଶାରେ ବିଜୁଳିର ଦର ଦେଶର ଅନ୍ୟ ରାଜ୍ୟ ଅପେକ୍ଷା ଅଧିକ ଅଛି । ଓଡିଶାରେ ଶିଳ୍ପ ସଂସ୍ଥା ମାନଙ୍କୁ ୟୁନିଟ ପିଛା ଟଙ୍କା ୫.୭୦ ପଇସା ଦେବାକୁ ପଡୁଥିବା ବେଳେ ଗୁଜୁରାଟ ଯେଉଁଠି ଆଦୌ କୋଇଲା ନାହିଁ ସେଠାରେ ୟୁନିଟ ପିଛା ମୂଲ୍ୟ ହେଉଛି ଟ୪.୫୦ ପଇସା। ଆନ୍ଧ୍ର ପ୍ରଦେଶ, ଗୁଜୁରାଟ ଭଳି ରାଜ୍ୟରେ ଯେଉଁଠି ଆଦୌ କୋଇଲା ନାହିଁ ସେଠାରେ, ଅଣୁ ଓ କ୍ଷୁଦ୍ର ଶିଳ୍ପ ପାଇଁ ସରକାର ବିଶେଷ ରିହାତି ଦେଇ ଶସ୍ତାରେ ବିଜୁଳି ଦେଉଛନ୍ତି । ୟୁନିଟ ପିଛା ମାତ୍ର ୨ ଟଙ୍କା ୬୦ ପଇସାରେ ସେଠାର ଶିଳ୍ପସଂସ୍ଥା ମାନଙ୍କୁ ବିଜୁଳି ମିଳୁଥିବାବେଳେ ଓଡିଶାରେ ସେପରି କିଛି ବ୍ୟବସ୍ଥା ନାହିଁ । ଯେଉଁ ଶିଳ୍ପ ମାନଙ୍କର ବେଶି ନିଯୁକ୍ତି ସୃଷ୍ଟି କରିବାର କ୍ଷମତା ଅଛି ବା ଯେଉଁଗୁଡିକ ପରିବେଶ ଅନୁକୁଳ ଶିଳ୍ପ ବସାଇବେ ସେମାନଙ୍କ ପାଇଁ ଦେଶର ବିଭିନ୍ନ ରାଜ୍ୟରେ ରିହାତି ବିଜୁଳି ଯୋଗାଣର ନୀତିଗତ ବ୍ୟବସ୍ଥା ଥିବାବେଳେ ଓଡିଶା ସରକାରଙ୍କର କୌଣସି ବ୍ୟବସ୍ଥା ନଥିବା ବେଳେ ଶିଳ୍ପଦ୍ୟୋଗୀ ମାନେ କାହିଁକି ଓଡିଶା ପ୍ରତି ଆଗ୍ରହୀ ହେବେ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । ବିଗତ ୧୯ ବର୍ଷର ସ୍ଥିର ସରକାର ପରେବି ରାଜ୍ୟରେ ନିଜସ୍ୱ ବିଦ୍ୟୁତ ଉତ୍ପାଦନ ବଢିପାରିନାହିଁ । ସେହି ସମୟରେ ଗୁଜୁରାଟରେ ନିଜସ୍ୱ ୩୬୦୦ ମେଗାୱାଟ ତାପଜ ବିଜୁଳି ଉତ୍ପାଦନ ବଢି ମୋଟ ୮୦୦୦ ମେଗାୱାଟରେ ପହଂଚିଥିବାବେଳେ ଓଡିଶାରେ ଏହା ମାତ୍ର ଯେଉଁ ୪୨୦ ମେଗାୱାଟରେ ଥିଲା ସେତିକିରେ ଅଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଓଡିଶାରେ ବନ୍ଦହୋଇଯାଇଥିବା ଶିଳ୍ପ ସଂସ୍ଥା ମାନଙ୍କର ରେକର୍ଡକୁ ଦେଖିଲେ ସେମାନଙ୍କ ଉପରେ ପ୍ରଚୁର ମାତ୍ରାରେ ବକେୟା ବିଜୁଳି ବିଲ୍ ପଡିଛି । ଏହି ବାକିଥିବା ବିଜୁଳି ବିଲକୁ ଦେଖିଲେ ଲାଗୁଛି ବିଜୁଳିର ଅଧିକ ଦର ସେମାନଙ୍କର କାରଖାନା ବନ୍ଦ କରିବା ପଛରେ ଏକ ପ୍ରମୁଖ କାରଣ । ଅମାପ କୋଇଲା ସମ୍ପଦ ଥିବା ସତ୍ତ୍ୱେ ଇଚ୍ଛାଶକ୍ତିର ଅଭାବ କାରଣରୁ ବିଜୁଳି ଉତ୍ପାଦନ ବ୍ୟାହତ ହୋଇଛି । ଏହାସହ ଦୁର୍ନୀତି ଖୋର ମନୋଭାବ ପାଇଁ ଓଡିଶା ଆଜି



ଶିଳ୍ପାୟନରେ ପଛରେ ପଡିଛି । ଆମ କୋଇଲାରେ ଆଜି ଆନ୍ଧ୍ର ପ୍ରଦେଶ ଆଉ ଗୁଜୁରାଟ ଭଳି ରାଜ୍ୟରେ ବିଜୁଳି ଉତ୍ପାଦନ ହେଉଛି ହେଲେ ସେଠାରେ ମିଳୁଛି ଶସ୍ତା ବିଜୁଳି ଅଥଚ ଓଡିଶାରେ ବିଜୁଳି ଦର ଅଧିକ। ଏପରି ସ୍ଥିତିରେ କାରଖାନା ମାନେ କିପରି ଓଡିଶାକୁ ଆସିବେ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । ଓଡିଶାର ଦ୍ରୁତ ବିକାଶ ପାଇଁ ତଥା ଚାଷୀର ଅର୍ଥନୀତିକୁ ମଜଭୂତ କରିବା ପାଇଁ କୃଷିଭିତି ଶିଳ୍ପର ବିକାଶ ଅତ୍ୟନ୍ତ ଜରୁରୀ। ଓଡିଶାରେ ଶିତଳ ଭଣ୍ଡାର ଭଳି କୃଷିଭିତିକ ଓ କୃଷି ପ୍ରକିୟା କରଣ ଶିଳ୍ପ ପାଇଁ ମଧ୍ୟ ବିଜୁଳ ମୂଲ୍ୟରେ ରିହାତି ନାହିଁ । ରାଜ୍ୟ ସରକାର ଜାଣିଶୁଣି ବିତରକ କମ୍ପାନୀମାନଙ୍କର ରିର୍ଫମ କାଗଜପତ୍ରରେ ରଖି ମାଲିକାନାରେ ସରକାରୀ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦେଇଛନ୍ତି । ଏହାର ମୁଖ୍ୟ କାରଣ ହେଉଛି ପିସି କାରବାର କରିବା ପାଇଁ ବିଜୁଳି କ୍ଷେତ୍ରରେ ଅରାଜକତାକୁ ରାଜ୍ କରିଦେଇଛନ୍ତି । ଓଡିଶାରେ ବିଦ୍ୟୁତ ଭିତିଭୂମିର ବିକାଶ କାମ ପାଇଁ ଯେଉଁ ଟ୍ରାନସମିଶନ ଏବଂ ଗ୍ରୀଡ୍ କାମ କରାଯାଇଥିଲେ ଟିଏନଡି ଏବଂ କମର୍ସିଆଲ ଲସ କମ୍ ହୋଇଥାନ୍ତା , ବିତରକ କମ୍ପାନୀ ମାନଙ୍କ ଠାରୁ ଆର୍ଥିକ ଲାଭନେବା କାରଣରୁ ଟିଏନଡି ଏବଂ କମର୍ସିଆଲ ଲସ୍ ରେ ଓଡିଶା ଦେଶର ୧ ନମ୍ବର ସ୍ଥାନରେ ଅଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଓଡିଶାରେ ବିଦ୍ୟୁତ ଉତ୍ପାଦନ ବଢିବା ପାଇଁ କେନ୍ଦ୍ର ସରକାରଙ୍କ ଉଦ୍ୟମକୁ ରାଜ୍ୟ ସରକାର ଭଣ୍ଡୁର କରୁଛନ୍ତି । ତାଳଚେରରେ ଟିଟିପିଏସ ତାପଜ ବିଦ୍ୟୁତ କେନ୍ଦ୍ରକୁ ୧୦ ହଜାର କୋଟିରେ ହେବାକୁ ଥିବା ପ୍ରକଳ୍ପ ନିର୍ମାଣକୁ ରାଜ୍ୟ ସରକାରଙ୍କ ସିଙ୍ଗୋଲ ଉଣ୍ଡୋ ବ୍ୟବସ୍ଥା ଅନୁମତି ନଦେଇ ଏ ପ୍ରକଳ୍ପକୁ ପକାଇ ରଖିଛି । ଏଥିପାଇଁ ରାଜ୍ୟ ସରକାର ରାଜ୍ୟର ଅସଲ ଶିଳ୍ପାୟନରେ ବାଧକ ସାଜିଥିବା ସ୍ପଷ୍ଟ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ରାଜ୍ୟ ସରକାରଙ୍କ ସ୍ଥାଣୁତା ଓ ଅପାରଗତାର ମାତ୍ରା ଏତେ ଅଧିକ ଯେ, ଖୋଦ ମୁଖ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଥିବା ଗଞ୍ଜାମ ଜିଲାରେ ଦଶମ ଅର୍ଥ କମିଶନରେ ଆସିଥିବା ବିଜୁଳି ଭିତିଭୂମି ନିର୍ମାଣ ପ୍ରକଳ୍ପ କାମ ଆଜି ବି ଶେଷ ହୋଇନାହିଁ। ଆଇପିଡିଏସ ସହରୀ ଯୋଜନାରେ ୧୦୮୩ କୋଟି ଟଙ୍କା କେନ୍ଦ୍ର ସରକାର ଯୋଗାଇ ଦେଇଥିବା ବେଳେ ସେଥିରୁ ମାତ୍ର ୧୭ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇପାରିଛି । ଠିକାଦାର ମାନଙ୍କ ସହ ପିସି ଛିଣ୍ଡିବା ବିଳମ୍ବ ପାଇଁ ରାଜ୍ୟର ଖାଉଟି ଓ ଶିଳ୍ପାୟନକୁ ଅଣଦେଖା କରାଯାଉଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଶିଳ୍ପାୟନ ପାଇଁ ଜରୁରୀ ୪୦୦ କେଭି ବିଜୁଳଷ୍ଟେସନ ଗୁଜୁରାଟ ଓ ଆନ୍ଧ୍ରରେ ଅନେକ ମାତ୍ରାରେ ଥିବାବେଳେ ଓଡିଶାରେ ଏହି ସଂଖ୍ୟା ମାତ୍ର ୩ ରେ କାହିଁକି ରହିଛି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି।





# ଶଇଳମାଉସୀ - ଏକ ଅସାଧାରଣ ବ୍ୟକ୍ତିତ୍ୱ

ଭୁବନେଶ୍ୱର ଉପକଣ୍ଠ ମଦନପୁର ପାଖରେ ଛୋଟିଆ ଗାଁଟିଏ ନାରଗୋଦା। ସେହି ଗାଁର ସନାତନ ହରିଚନ୍ଦନ ଓ ରାଣୀ ହରିଚନ୍ଦନ। ସେମାନଙ୍କ ଔରସରୁ ପ୍ରଥମେ ଏକ ପୁତ୍ର ସନ୍ତାନ ଜନ୍ମ ନେଇଥିଲେ। ତା'ର ଠିକ୍ ତିନିବର୍ଷ ପରେ ୧୯୪୦ ମସିହା ଅଗଷ୍ଟ ଛବିଶ ତାରିଖରେ ଝିଅଟିଏ ଜନ୍ମ ଗ୍ରହଣ କରିଥିଲେ। ବାପା ମା' ତାଙ୍କ ନାଁ ଦେଇଥିଲେ ଶୈଳବାଳା। ଶ୍ରଦ୍ଧାରେ ସମସ୍ତେ ଡାକନ୍ତି ଶଇଳା। ଅତି ଗେହ୍ଲବସରରେ ଭାଇ ଭଉଣୀ ଦିହେଁ ବଢ଼ିଥିଲେ। ତାଙ୍କର ଜଣେ ଦାଦା ଝିଅ ଭଉଣୀ ପ୍ରମଦାମାଉସୀ କୁହନ୍ତି ସିଏ ପିଲାବେଳେ କୁଆଡେ ବହୁତ ଲାଜକୁଳୀ ଥିଲେ। ବହୁତ ସ୍ନେହୀ ଓ ଦରଦୀ। ସାଙ୍ଗସାଥି ମେଳରେ କିଏ ଟିକେ ଝୁଣ୍ଟି ପଡିଲେ କି କାହାର ଟିକେ ଖଣ୍ଡିଆ ହେଇଗଲେ ସିଏ ବହୁତ ବ୍ୟସ୍ତ ବିବ୍ରତ ହେଇଯାଉଥିଲେ। କାହାରି ଦୁଃଖ ସମ୍ଭାଳି ପାରନ୍ତିନି। ସମସ୍ତଙ୍କୁ ସ୍ନେହରେ କୋଳେଇ ନିଅନ୍ତି। କାହାରି ଆଖିରେ ଟିକେ ଲୁହ ଦେଖିଲେ ନିଜେ କାନ୍ଦି ପକାନ୍ତି। ବିଧିର ବିଧାନ ବଡ ବିଚିତ୍ର। ବିଧାତା ଯୁଗେ ଯୁଗେ ତାଙ୍କ ପ୍ରିୟ ଭକ୍ତର ହିଁ ପରୀକ୍ଷା ନିଅନ୍ତି। ଭକ୍ତ ସାଲବେଗ ହୁଅନ୍ତୁ କି ଭକ୍ତ ବଳରାମ ଦାସ। ଅନ୍ୟର ଟିକେ ଦୁଃଖରେ କାନ୍ଦି ପକାଉଥିବା ଶଇଳମାଉସୀଙ୍କ ଜୀବନରେ କଳା ବାଦଲ ଘୋଟି ଆସିଲା। ବାର ତେରବର୍ଷ ବୟସରେ ନିଜ ବଡଭାଇ (ଗନ୍ଧର୍ବ ହରିଚନ୍ଦନ) ଓ ବାପାଙ୍କୁ ହରେଇ ବସିଲେ। ଆଗ ପଛ ହେଇ ଭାଇ ଓ ବାପା ଚାଲିଗଲାପରେ ଆଉ ରହିଲେ ମାଉସୀ ଓ ତାଙ୍କ ବିଧବା ମା'। ତା'ପରଠୁ ଆଉ ତାଙ୍କୁ ଗାଁ ଦାଣ୍ଡରେ ଖେଳିବାର କି ସାଙ୍ଗମେଳରେ କୁଦିବାର କେହି ଦେଖିବାକୁ ପାଇଲେନି। ସେ କାଳେ ବାଲ୍ୟବିବାହ ପ୍ରଥାର ପ୍ରଚଳନ ଥିଲା। ଚଉଦ ବର୍ଷ ବୟସରେ ତାଙ୍କର ବିବାହ ଭୁବନେଶ୍ୱର ବଡଗଡର ଯୋଗେନ୍ଦ୍ର ଜେନାଙ୍କ ସହ ହୋଇଥିଲା। ଶାଶୁଘରେ ହସଖୁସିରେ କେଇବର୍ଷ କଟିଥାଏ। ମାଉସୀଙ୍କ ଭାଗ୍ୟରେ ପୁଣି ଆଉ ଏକ ଝଡ ଆସିଲା। ସ୍ୱାମୀ ଅସୁସ୍ଥ ହୋଇପଡିଲେ। ଡାକ୍ତରବାବୁ ନିରାଶ ବାଣୀ ଶୁଣାଇଦେଲେ। ବାର ତେରବର୍ଷ ବୟସରେ ବଡଭାଇ ଓ ବାପାଙ୍କୁ ହରେଇଥିବା ଶଇଳମାଉସୀ ସ୍ୱାମୀଙ୍କ ଆୟୁଷ ଗଣିଚାଲିଲେ। ଡାକ୍ତରବାବୁ ଛଅ ମାସର ମହଲତ ଦେଇଥିଲେ। କୋଳରେ ତିନିବର୍ଷର ପୁଅ ପ୍ରଶାନ୍ତ ଭାଇ। ସେତେବେଳେ ବଡ ପୁଅ ପ୍ରଫୁଲ ଭାଇଙ୍କୁ ମାତ୍ର ଦଶ ଏଗାର ବର୍ଷ। ଚଉଦ ବର୍ଷରେ ବାହା ହୋଇଥିଲେ। ପୁଣି ଚଉଦ ବର୍ଷର ବୈବାହିକ ଜୀବନ ପରେ ତାଙ୍କୁ ଯେତେବେଳେ ମାତ୍ର ଅଠେଇଶ ବର୍ଷ ବୟସ ସେତେବେଳେ ଚଉତିରିଶ ବର୍ଷ ବୟସର ସ୍ୱାମୀଙ୍କୁ ହରେଇଲେ ଶଇଳମାଉସୀ। ଅତି କମ୍ ବୟସରେ ଜଣଙ୍କ ପରେ ଜଣଙ୍କୁ ହରେଇବାର ଦୁଃଖ ତାଙ୍କ ଭାଗ୍ୟରେ ଆସିଥିଲା। ଦୁଃଖକୁ ନିଜର କରି ନିଜ ଲୁହ ନିଜ ଆଖିରେ ମାରି ବଞ୍ଚିବାର ରାହା ଖୋଜିଥିଲେ। ସ୍ୱାମୀଙ୍କ୍ ଦେହାନ୍ତ ପରେ ପୁଣି ଆଉ ଏକ ସଂଗ୍ରାମ ପାଇଁ ଅଣ୍ଟା ଭିଡିଲେ। ସତରେ ଭଗବାନ ବଡ ନିଷ୍ଠୁର। ପ୍ରିୟଜନଙ୍କୁ ଦୁଃଖ କଷ୍ଟ ଦେଇ ସବୁବେଳେ ତା'ର ପରୀକ୍ଷା ନିଅନ୍ତି। ଭାଇ, ବାପା, ସ୍ୱାମୀ ସମସ୍ତଙ୍କୁ ମାତ୍ର ଅଠେଇଶ ବର୍ଷ ବୟସରେ ହରେଇ ସମ୍ପୂର୍ଣ୍ଣ ଏକା ହେଇଗଲେ। ତଥାପି ଭାଙ୍ଗି ପଡିନଥିଲେ ଶଇଳମାଉସୀ। ନିଜ ମନକୁ ଦୃଢ଼ ରଖିଥିଲେ। କେବେ ବି ଜୀବନ ସଂଗ୍ରାମରେ ହାର ମାନିନଥିଲେ। ପାଞ୍ଚୋଟି ପିଲାଙ୍କ ଲାଳନ ପାଳନର ଗୁରୁଦାୟିତ୍ୱ ଏକାକୀ ମୁଣ୍ଡେଇଥିଲେ। ପିଲାମାନଙ୍କୁ ତ ଖାଲି ଲାଳନ ପାଳନ କରିନଥିଲେ ବରଂ ଉଚ୍ଚଶିକ୍ଷା ଦେବା ସହ ସେମାନଙ୍କୁ ମଣିଷ ଭଳିଆ ମଣିଷ କରି ଗଢ଼ିତୋଳିଥିଲେ। ସବୁବେଳେ ପିଲାମାନଙ୍କୁ ଚାରୋଟି କଥା ସତ୍ୟ ନ୍ୟାୟ ଧର୍ମ ସେବାରେ ବ୍ରତୀ ହେବାକୁ ଶିଖାଉଥିଲେ। ତାଙ୍କର ତିନିପୁଅ ପ୍ରଫୁଲଭାଇ, ପ୍ରତାପଭାଇ, ପ୍ରଶାନ୍ତଭାଇ ଓ ଦୁଇଝିଅ ରଞ୍ଜନାଅପା ଓ ପ୍ରତିମାଅପା ସମସ୍ତେ ଆଜି ସମାଜରେ ବିଭିନ୍ନ କ୍ଷେତ୍ରରେ ଉଚ୍ଚ ପ୍ରତିଷ୍ଠିତ। ସତରେ ବହୁତ ଖୁସି ଲାଗେ ମାଉସୀ ସମସ୍ତଙ୍କୁ ଏମିତି ସୁନ୍ଦର ଭାବେ ସିଏ ଗଢ଼ିପାରିଥିଲେ। କାହାରି ମନରେ ଟିକେ ବି ଅହଂ ଭାବ ଦେଖିବାକୁ ମିଳେନା। ଅତି ସାଧାରଣ ମଣିଷ ଭଳି ଲାଗନ୍ତି ସମସ୍ତେ। ଭଦ୍ରତା ଓ ନମ୍ରତା ଫୁଟିଉଠେ ସମସ୍ତଙ୍କ ମୁହଁରେ। ପ୍ରତାପ ଭାଇଙ୍କ ସହ ମୋର ଟିକେ ପାରିବାରିକ ସମ୍ପର୍କ। ମୋ ଝିଅ ତାଙ୍କ ପୁତୁରା ବୋହୂ (ତାଙ୍କ ଶତ୍ରୁଭାଇଙ୍କ ପୁଅ)। ମନେପଡୁଛି ତିନିବର୍ଷ ତଳର କଥା ଝିଅ ବାହାଘର ନିର୍ବନ୍ଧ ପାଇଁ ପ୍ରସ୍ତୁତି ଚାଲିଥାଏ। ଶୁଣିଲି ପ୍ରତାପଭାଇ ଆସୁଛନ୍ତି। ବଡଗଡର ପ୍ରତାପ ଜେନା। ପ୍ରଫୁଲଭାଇଙ୍କ ସାନଭାଇ ପ୍ରତାପଭାଇ। ତାଙ୍କ ନାଁ ବହୁତ ଶୁଣିଥିଲି। ଝିଅ ପକ୍ଷ। ଏମିତି ତ ଛାନିଆ ଥିଲି। ତାଙ୍କ ଆସିବା ଶୁଣି ମୋ ଛାନିଆ ଆଉ ଟିକେ ବଢ଼ିଗଲା। ଏତେ ବଡ ଲୋକ! କେମିତି କ'ଣ ତାଙ୍କ ଚର୍ଚ୍ଚା କରିବି! ସେହି ଚିନ୍ତାରେ ବ୍ୟସ୍ତ ହୋଇ ମୋ ଭାବୀ ସମୁଦୁଣୀଙ୍କୁ ଖୋଜିଲି। ସିଏ ବି ପୁଣି ମୋ ସାଙ୍ଗର ବଡ ଭଉଣୀ। ବଡ ଭଉଣୀ ପୁଣି ସମୁଦୁଣୀ। ତେଣୁ ଟିକେ ସାହସ କରି ପଚାରିଦେଲି ପ୍ରତାପଭାଇ କେତେବେଳେ



ଆସିବେ! ଆପଣ ଟିକେ ନଜର ରଖିଥିବେ। ମୋତେ କହିବେ। ସିଏ ମୋତେ ହାତ ଠାରି ଦେଖେଇଦେଇ କହିଲେ ହେଇ ସେ ମଝି ପ୍ଲାଷ୍ଟିକ ଚେୟାରରେ ଯିଏ ବସିଛନ୍ତି ସିଏ ପା' ପ୍ରତାପ ବାବୁ! ମୁଁ ବିଶ୍ୱାସ କରିପାରିଲିନି ଯାହାଙ୍କ ସହ ମୁଁ ପାଖାପାଖି ଦୁଇଘଣ୍ଟା ତଳୁ ମିଶିଲିଣି। ଯିଏ ଆମ ସମସ୍ତଙ୍କ ସହ ବସି ହସ ଖୁସି ଗପସପ ହଉଛନ୍ତି ସିଏ ବଡଗଡର ପ୍ରତାପ ଜେନା (ପ୍ରତାପଭାଇ)। ଏମିତି କେତେ ଅନୁଭୂତି ଅଛି। ପିଲାମାନେ ଏମିତି ସଂସ୍କାରୀ ହେବାର ସମ୍ପୂର୍ଣ୍ଣ ଶ୍ରେୟ ଶଇଳମାଉସୀଙ୍କର। ସମସ୍ତ ଘାତପ୍ରତିଘାତକୁ ସାମ୍‌ନା କରି ନିଜର ପିଲାମାନଙ୍କୁ ଏମିତି ଗଢ଼ିତୋଳି ପାରିବାର ଦକ୍ଷତାର ଅଧିକାରିଣୀ ଥିଲେ ସିଏ। ସମ୍ପୂର୍ଣ୍ଣ ନିରାମିଷାଶୀ ମଣିଟେ। ପଖାଳ ଶାଗଭଜା ସାଙ୍ଗେ ବଡ଼ିଚୁରା ଟିକେ ହେଇଗଲେ ତାଙ୍କ ଖୁସି କହିଲେ ନସରେ।

ପୂଜାପାଠରେ ମାଉସୀଙ୍କର ବହୁତ ଶ୍ରଦ୍ଧା। କୋଟି କୋଟି ଓଡ଼ିଆଙ୍କର ଆରାଧ୍ୟ ଦେବତା ଜଗନ୍ନାଥ ମହାପ୍ରଭୁଙ୍କୁ ବହୁତ ମାନୁଥିଲେ। ବର୍ଷକରେ ଗୋଟେ ମାସ ପୁରୀରେ ରହି ପୂଜାର୍ଚ୍ଚନା କରନ୍ତି। ବର୍ଷକ ବାର ମାସରେ ତେର ଓଷା ତାଙ୍କର। ତାଙ୍କ ଘରଟା ଲାଗେ ସତେ ଅବା ଏକ ମନ୍ଦିର।

ସତରେ ମାଉସୀଙ୍କ ସାଙ୍ଗେ ଯିଏ ବି ମିଶିଛି ତାଙ୍କର ସ୍ନେହ, ଶ୍ରଦ୍ଧା ଭୁଲିପାରିନି। ସତରେ କେତେ ସ୍ନେହୀ ଉଦାର ମନଟିଏ ଥିଲା ତାଙ୍କର। ବହୁତ ସ୍ନେହୀ ମଣିଷଟିଏ। ଘରକୁ କେହି ବି ଆସିଲେ ଖୁଆଇ ପିଆଇ ଛାଡାନ୍ତି। ଦାଣ୍ଡ ଦୁଆରୁ ବାଟ ଭିକାରିଟିଏ ବି କେବେ ଖାଲି ହାତରେ ଫେରେନା। ସେଥିପାଇଁ ବଡଗଡ ଗାଁରେ ସମସ୍ତଙ୍କ ଅତି ପ୍ରିୟ ହେଇପାରିଥିଲେ। ଏଇତ ମଣିଷ ପଣିଆ। ବାକି ଆଉ ଥାଏ କ'ଣ। ଯିଏ ବି ଜନ୍ମ ନେଇଛି ଦିନେ ନା ଦିନେ ମରିବ। ଯେ ତ ସଂସାରର ନିୟମ। ଜନ୍ମ ହେଇଛେ ମାନେ ଦିନେନା ଦିନେ ମରିବା। କଥାରେ ଅଛି ମର୍ତ୍ତ୍ୟ ମଣ୍ଡଳେ ଦେହ ବହି ଦେବତା ହେଲେ ବି ମରଇ। ଆମେ ସମସ୍ତେ ଦିନେ ନା ଦିନେ ମରିଯିବା। କେବଳ ଫରକ ଏତିକି ଯଦି ଭଲ କାମ କରିଥିବା ମଲାପରେ ଲୋକେ ମନେ ପକେଇବେ। କହିବେ ଭଲ ଲୋକଟେ ଥିଲା ଚାଲିଗଲା। ଠିକ୍ ସେମିତି ଜଣେ ଭଲ ସ୍ନେହୀ ଦରଦୀ ମଣିଷଟେ ଥିଲେ ମାଉସୀ। ସେ ଯେ ଖାଲି ମଣିଷଙ୍କୁ ଭଲ ପାଉଥିଲେ ସେକଥା ନୁହେଁ। ଗୋମାତାଙ୍କ ସେବାକୁ ନିଜ ଜୀବନର ବ୍ରତ ମାନି ନେଇଥିଲେ। ତାଙ୍କ ଘରକୁ ଗଲେ ଆଶ୍ଚର୍ଯ୍ୟ ଲାଗେ ଯେତେବେଳେ ନଜର ପଡିଯାଏ ଦ୍ୱିତଳ ପ୍ରାସାଦ ସାମ୍ନାରେ ଥିବା ଗାଈ ଗୁହାଳ ଉପରେ। ଏମିତି ଏକ ନିଆରା ପରିବେଶ ଆଜିର ସମାଜରେ ଦେଖିବାକୁ ବିରଳ। ପିଲାମାନେ ଉଚ୍ଚ ପ୍ରତିଷ୍ଠିତ। ଏତେ ସୁନ୍ଦର ପ୍ରାସାଦ। ହେଲେ ଭୁଲିନଥିଲେ ପୁରୁଣା ଦିନର ନଡା ଛପର ଘର। ଧାଡିକିଆ ଛପର ଘରଟା ଆଜି ବି ଶୋଭାପାଏ। ଲାଗେ ସତେ ଯେମିତି ପ୍ରାସାଦର ତୋରଣ।

ଦୁଇବର୍ଷ ତଳେ ଶଇଳମାଉସୀ ନିଜ ଶତାୟୁ ମା'ଙ୍କୁ ହରାଇଥିଲେ। ମା'ଙ୍କ ଦେହାନ୍ତ ପରଠୁ ସିଏ ପ୍ରାୟତଃ ଅସୁସ୍ଥ ରହୁଥିଲେ। ଜଗନ୍ନାଥଙ୍କର ଡାକରା ଆସିଲା। ସବୁବେଳେ ପୂଜାପାଠରେ ନିମଗ୍ନ ରହୁଥିବା ଶଇଳମାଉସୀ ଆମ ସମସ୍ତଙ୍କୁ ଦୁଃଖ ସାଗରରେ ଭସେଇ ଗତ ଏକ ତାରିଖ ପବିତ୍ର ଗୁରୁବାରରେ ଚାଲିଗଲେ। ତାଙ୍କର ମୃତ୍ୟୁ ଖବର ପାଇ ଖାଲି ବଡଗଡ଼ କାହିଁକି ପାଖଆଖ ଅଞ୍ଚଳ ସ୍ତବ୍ଧ ହୋଇଯାଇଥିଲା। ଦୁଃଖରେ ଭାଙ୍ଗି ପଡିଥିଲେ ଗାଁର ଆବାଳ ବୃଦ୍ଧ ବନିତା। ଗାଈ ଗୁହାଳରେ ଅସ୍ୱାଭାବିକ ନିରବତା। ଲାଗୁଥିଲା ସତେ ଯେମିତି ପୁରୁଣା ଗାଈଗୁହାଳ ବି ମାଉସୀଙ୍କ ଅନୁପସ୍ଥିତିରେ ଦୁଃଖରେ ଭାଙ୍ଗି ପଡିଛନ୍ତି। ପାଖଆଖରୁ ବହୁତ ଲୋକ ଛୁଟି ଯାଇଥିଲେ ତାଙ୍କର ଶେଷ ଦର୍ଶନ କରବାକୁ। ଶେଷରେ ସମସ୍ତେ ତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଇ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରିଥିଲେ। ମଧ୍ୟମ ପୁତ୍ର ପ୍ରତାପଭାଇ ମୁଖାଗ୍ନି ଦେଇଥିଲେ। ସତରେ ସିଏ କୋଟିଏରେ ଗୋଟିଏ ଥିଲେ। ସିଏ ଆଜି ମରି ବି ଅମର। ସ୍ୱର୍ଗବାସୀ। ଆମେ ତାଙ୍କ ପାଇଁ କ'ଣ ପ୍ରାର୍ଥନା କରିବା! ଆଜି ତାଙ୍କ ଏକାଦଶାହ। ଆସନ୍ତୁ ଢାଳିଦେବା ଭକ୍ତିପୂତ ପ୍ରଣାମଟିଏ। ପ୍ରାର୍ଥନା କରିବା ଉପରେ ତାରା ମେଳରେ ତାରାଟିଏ ହେଇ ଆମ ସମସ୍ତଙ୍କୁ ଆଶୀର୍ବାଦ କରୁଥାଆନ୍ତୁ। ଏତିକି କାମନା।

**- ଶିବାଶୀଷ ମହାପାତ୍ର (ଟୁଟୁ)**
**ଝାରପଡା, ଭୁବନେଶ୍ୱର**

# ହକି ବିଶ୍ୱକପ୍ ଦଳରେ ଦୁଇ ଓଡ଼ିଆ



**ନୂଆଦିଲ୍ଲୀ :** ଭୁବନେଶ୍ୱରରେ ଆସନ୍ତା ୨୮ରୁ ଡିସେମ୍ବର ୧୬ ଯାଏ ହେବାକୁଥିବା ଓଡ଼ିଶା ପୁରୁଷ ହକି ବିଶ୍ୱକପ୍ ଲାଗି ଭାରତର ୧୮ ଜଣିଆ ଚୂଡ଼ାନ୍ତ ଦଳ ଗୁରୁବାର ଘୋଷଣା କରାଯାଇଛି। ଏହି ଦଳରେ ମନପ୍ରୀତ ସିଂ ଅଧିନାୟକ ପଦ ବଜାୟ ରଖିଥିଲାବେଳେ ଓଡ଼ିଶାରୁ ଦୁଇ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ। ଉଭୟ ଖେଳାଳି ନିକଟରେ ଅନୁଷ୍ଠିତ ହୋଇଥିବା ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ଦଳରେ ସ୍ଥାନ ପାଇ ନଥିଲେ। ସେହିପରି ପ୍ରମୁଖ ଡ୍ରାଗ୍‌ଫ୍ଲିକର ରୂପିନ୍ଦର ପାଲ ସିଂଙ୍କୁ ମଧ୍ୟ ସ୍ଥାନ ମିଳିନାହିଁ। ସେ ଫର୍ମରେ ନ ଥିବାରୁ ତାଙ୍କୁ ବାଦ୍ ଦିଆଯାଇଥିବା ଜଣାଯାଇଛି। ଇଞ୍ଜୁରୀ ଯୋଗୁ ଦୁଇ ଫରୱାର୍ଡ ଖେଳାଳି ଏସ୍‌ଭି ସୁନୀଲ ଏବଂ ରମଣଦୀପ ସିଂ ମଧ୍ୟ ବାଦ୍ ପଡ଼ିଛନ୍ତି। ଚିଙ୍ଗଲେନସନା ସିଂଙ୍କୁ ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ଦୁଇ ଯୁବ ଖେଳାଳି ନୀଳକଣ୍ଠର ଶର୍ମା ଏବଂ ହାର୍ଦ୍ଦିକ ସିଂ ଅପ୍ରତ୍ୟାଶିତ ଭାବେ ଚୂଡ଼ାନ୍ତ ଦଳରେ ସାମିଲ ହୋଇଛନ୍ତି। ୧୬ଟି ଦଳକୁ ନେଇ ହେବାକୁ ଯାଉଥିବା ଏହି ହକି ବିଶ୍ୱକପ୍‌ରେ ଭାରତ ପୁଲ-ସି'ରେ ସ୍ଥାନ ପାଇଛି। ପ୍ରଥମ ଦିନରେ ଭାରତ ସାଉଥ୍ ଆଫ୍ରିକା ସହ ଖେଳିବାକୁ ଥିବାବେଳେ ଏହି ଗ୍ରୁପ୍‌ରେ ୱାର୍ଲ୍ଡ ନଂ-୨ ବେଲଜିୟମ ଏବଂ କାନାଡା ସ୍ଥାନ ପାଇଛନ୍ତି। ବିଶ୍ୱକପ୍‌ର ଫାଇନାଲ ମ୍ୟାଚ ଡିସେମ୍ବର ୧୬ରେ ଅନୁଷ୍ଠିତ ହେବ। ମନୋନୀତ ଦଳ: ପିଆର ଶ୍ରୀଜେଶ, କ୍ରୀଷନ ବାହାଦୁର ପାଠକ (ଗୋଲକିପର), ହରମନପ୍ରୀତ୍ ସିଂ, ବୀରେନ୍ଦ୍ର ଲାକ୍ରା, ବରୁଣ କୁମାର, କୋଠାଜିତ ସିଂ, ସୁରେନ୍ଦ୍ର କୁମାର, ଅମିତ ରୋହିଦାସ (ଡିଫେଣ୍ଡର), ମନ୍‌ପ୍ରୀତ ସିଂ (ଅଧିନାୟକ), ଚିଙ୍ଗ୍‌ଲେନ୍‌ସନା ସିଂ (ଉପଅଧିନାୟକ), ନୀଳକଣ୍ଠର ଶର୍ମା, ହାର୍ଦ୍ଦିକ ସିଂ, ସୁମିତ (ମିଡଫିଲ୍ଡର), ଆକାଶଦୀପ ସିଂ, ମନଦୀପ ସିଂ, ଦୀଲପ୍ରୀତ ସିଂ, ଲଳିତ କୁମାର ଉପାଧ୍ୟାୟ, ସିମରନଜିତ ସିଂ (ଫରୱାର୍ଡ)।

# କବି ସୂର୍ଯ୍ୟ ମିଶ୍ରଙ୍କୁ ଅବନୀ ବରାଳ ସାହିତ୍ୟ ସମ୍ମାନ



**ଭୁବନେଶ୍ୱର :** ଗତ ବୁଧବାର ଦିନ ଖୋର୍ଦ୍ଧା ଜେଲ୍ ଛକଠାରେ ବିଶିଷ୍ଟ ଶିକ୍ଷାବିତ୍, ସଂଗଠକ ତଥା ସାହିତ୍ୟିକ ସ୍ୱର୍ଗତ ଅବନୀ ବରାଳଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଲୋକସଭା ସଦସ୍ୟ ଡ. ପ୍ରସନ୍ନ ପାଟ୍ଟଶାଣୀ, ରାଜ୍ୟସଭା ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ପ୍ରସାଦ ସାହୁ, ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୂର୍ବତନ ବିଧାୟକ ଆଦିକନ୍ଦ ସେଠୀ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଅତିରିକ୍ତ ଡିପିଆଇ ପ୍ରଫେସର ଡ. ଅମୀୟ କୁମାର ମହାନ୍ତିଙ୍କ ସମେତ ଖୋର୍ଦ୍ଧାର ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶିକ୍ଷକ ସଂଘ ପ୍ରତିନିଧି, ସାହିତ୍ୟିକ ଓ ସଂଗଠକମାନେ ଉପସ୍ଥିତ ଥିଲେ। ଅବନୀ ବରାଳ ଫାଉଣ୍ଡେସନ୍ ପକ୍ଷରୁ ଅନୁଷ୍ଠିତ ଏହି ସଭାରେ ଫାଉଣ୍ଡେସନ୍‌ର କାର୍ଯ୍ୟକାରୀ ସଭାପତି ପ୍ରଫେସର ଆଦରମଣି ବରାଳ ଅଧକ୍ଷତା କରିଥିବା ବେଳେ ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ରଙ୍କୁ 'ଅବନୀ ବରାଳ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ଅଧାପକ ଆଭାସ ବରାଳ ମାନପତ୍ର ପାଠ କରିଥିବା ବେଳେ ଆହୂତି ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଯୋଗ୍ୟତା ଠାରୁ ଅଧିକ ଉପାର୍ଜନ ମଣିଷକୁ ଦୁର୍ନୀତିଖୋର କରେ'



**ଭୁବନେଶ୍ୱର :** ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ୟୁନିଟ୍-୪ ସ୍ଥିତ ଶାଖା ପରିସରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ୟାଙ୍କ ଶାଖା ପରିଚାଳକ ସଂଗ୍ରାମ କେଶରୀ ଶତପଥୀ ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଅତିଥି ପରିଚୟ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ 'ଏକମାତ୍ର'ର ସମ୍ପାଦକ ତାରକ ମହାନ୍ତି ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ, ଯୋଗ୍ୟତା ଠାରୁ ଅଧିକ ଉପାର୍ଜନର ଲୋଭ ହିଁ ବର୍ତ୍ତମାନର ମଣିଷକୁ ଦୁର୍ନୀତିଖୋର୍ କରିଦେଉଛି। ଯେଉଁଥିପାଇଁ ସାମ୍ପ୍ରତିକ ସମାଜ ପଥଭ୍ରଷ୍ଟ ହେବା ସହିତ ଦେଶର ପ୍ରଗତି ବାଧାପ୍ରାପ୍ତ ହେଉଛି। ତେଣୁ ପ୍ରତ୍ୟେକ ମଣିଷ ନିଜ ନିଜ ସ୍ତରରେ ସଚେତନ ହେବା ସହିତ ଅନ୍ୟକୁ ସଚେତନ କରାଇପାରିଲେ ଦେଶରୁ ଦୁର୍ନୀତିର ମୁଳୋତ୍ପାଟନ ହୋଇପାରିବ ବୋଲି ଶ୍ରୀ ମହାନ୍ତି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ଦେବଦତ୍ତ ନନ୍ଦ କହିଥିଲେ ଯେ, ଆର୍ଥିକ କାରବାର ହେଉଛି ଦେଶ ପ୍ରଗତିର ମୁଖ୍ୟ ଅଙ୍ଗ। ଏହାଉପରେ ଦୁର୍ନୀତିର ଛାଇ ପଡିଲେ ବିକାଶ ବାଧାପ୍ରାପ୍ତ ହେବା ସହିତ ସଂସ୍ଥା ରୁଗ୍‌ଣ ଓ କଳୁଷିତ ହୋଇପଡିବାର ଯଥେଷ୍ଟ ସମ୍ଭାବନା ରହିଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଲିଙ୍ଗରାଜ ଦାଶ ଦୁର୍ନୀତିର କାରଣ ଓ ନିରାକରଣ ସମ୍ପର୍କରେ ନିଜର ଅଭିମତ ରଖି କହିଥିଲେ ଯେ, ବସ୍ତୁବାଦର ମୋହ ସମାଜକୁ ପଥଭ୍ରଷ୍ଟ କରୁଛି। ତେଣୁ ପ୍ରତ୍ୟେକ ମଣିଷ ନୀତିବାନ ହେବା ସହ ନିଜ ପରିବାରରୁ ସ୍ୱଚ୍ଛତା ଆରମ୍ଭ କଲେ ସମାଜରେ ଦୁର୍ନୀତି ଦୂର ହୋଇପାରିବ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖାରବେଳ ନଗର ଶାଖା ପରିଚାଳକ ଧର୍ମାନନ୍ଦ ମିଶ୍ର, ଗଦାଧର ଖୁଣ୍ଟିଆ, ଅକ୍ଷୟ କୁମାର ସାହୁ ଏବଂ ସୁଭଦ୍ରା ସେଠୀ ପ୍ରମୁଖ ନିଜର ବକ୍ତବ୍ୟ ମାଧ୍ୟମରେ ଦୁର୍ନୀତି ଦୂର କରିବା ଦିଗରେ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଏଥିରେ ବ୍ୟାଙ୍କର କର୍ମଚାରୀଙ୍କ ସହିତ ଜମାକାରୀମାନେ ମଧ୍ୟ ଉପସ୍ଥିତ ରହି ଶପଥ ଗ୍ରହଣ କରିଥିଲେ ଯେ, ଜୀବନରେ ଦୁର୍ନୀତିକୁ ପ୍ରଶୟ ଦେବେନାହିଁ।

## ୧୬ରୁ +୨ ଫର୍ମ ପୂରଣ

**ଭୁବନେଶ୍ୱର :** ୨୦୧୯ର +୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ମାର୍ଚ୍ଚ ପ୍ରଥମ ସପ୍ତାହରୁ ଆରମ୍ଭ ହେବ। ସେଥିପାଇଁ ରେଗୁଲାର ପରୀକ୍ଷାର୍ଥୀଙ୍କ ଫର୍ମ ପୂରଣ ପ୍ରକ୍ରିୟା ଆସନ୍ତା ୧୬ରୁ ଆରମ୍ଭ ହେବ। ରେଗୁଲାର ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ଫି' ୫୨୦ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ପ୍ରତି ପ୍ରାକ୍ଟିକାଲ ପରୀକ୍ଷା ଲାଗି ୨୦ ଟଙ୍କା ନିର୍ଦ୍ଧାରିତ ହୋଇଛି। ନଭେମ୍ବର ୨୬ ପର୍ଯ୍ୟନ୍ତ ଫର୍ମ ପୂରଣ ପ୍ରକ୍ରିୟା ଚାଲିବ। ଏହା ମଧ୍ୟରେ ଯେଉଁ ଛାତ୍ରଛାତ୍ରୀ ଫର୍ମ ପୂରଣ କରିନପାରିବେ ସେମାନଙ୍କ ଲାଗି ନଭେମ୍ବର ୨୭ରୁ ୩୦ ମଧ୍ୟରେ ୫୦ ଟଙ୍କା ଜୋରିମାନା ଏବଂ ଡିସେମ୍ବର ୧ରୁ ୪ ମଧ୍ୟରେ ୩୫୦ଟଙ୍କା ଜୋରିମାନା ଦେଇ ଫର୍ମ ପୂରଣ କରିପାରିବେ।

# ଧୁମ୍‌ଧାମରେ ଚାଲିଛି ସତ୍ୟନଗର କାଳୀପୂଜା



**ଭୁବନେଶ୍ୱର :** ରାଜଧାନୀର ସର୍ବପୁରାତନ ସତ୍ୟନଗର କାଳୀ ମନ୍ଦିର ପରିସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମହାକାଳୀ ପୂଜା ମହାସମାରୋହରେ ପାଳିତ ହେଉଛି। ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପୂଜା ଉତ୍ସବ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମନ୍ଦିର ପରିସର ସୁସଜ୍ଜିତ ହେବା ସହ ସ୍ଥାନୀୟ ଅଞ୍ଚଳରେ ରଙ୍ଗୀନ ଆଲୋକର ଝଲକ ଅପୂର୍ବ ମାହୋଲ ସୃଷ୍ଟି କରିଛି। ପୂଜା ଆରମ୍ଭ ଦିନରୁ ୧୦ ଦିନ ପର୍ଯ୍ୟନ୍ତ ମା' ଦଶ ମହାବିଦ୍ୟା ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ୧୨ଟି ରାଶି ଅନୁଯାୟୀ ମା' ବିଭିନ୍ନ ବେଶ ଧାରଣ କରିବେ। ପୂଜା ଆରମ୍ଭ ଦିନ ମହାକାଳୀ ବେଶରେ ଦର୍ଶନ ଦେବ। ଏହାପରେ ତାରା, ଷୋଡଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ, କମଳା ବେଶରେ ଦର୍ଶନ ଦେଉଛନ୍ତି ମା'। ଅନ୍ତିମ ଦିବସରେ ପୂର୍ଣ୍ଣାହୁତି ସହିତ ମା' କାଳୀ କମଳା ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ଏହି ଅବସରରେ ମା'ଙ୍କ ଦର୍ଶନ ସହିତ ଭକ୍ତମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆନନ୍ଦ ଉଠାଉଛନ୍ତି। ଉତ୍ସବର ଶୃଙ୍ଖଳିତ ପରିଚାଳନା ପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା କହିଛନ୍ତି ପରିଚାଳନା ସମିତିର ସଭାପତି ପ୍ରଫୁଲ୍ଲ କର ଓ ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର।

## ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ଦୀପାବଳି

# 'ସାଂସ୍କୃତିକ ପରମ୍ପରା ଜୀବନକୁ ଋଦ୍ଧିମନ୍ତ କରେ'





**ଭୁବନେଶ୍ୱର :** ପୁଣ୍ୟ ଭୂମି ଭାରତ ବର୍ଷରେ ଲୋକମାନଙ୍କ ଜୀବନକୁ ସରସ, ସୁନ୍ଦର ଓ ମଧୁମୟ କରିବା ପାଇଁ ବିଭିନ୍ନ ପର୍ବପର୍ବାଣୀର ସୃଷ୍ଟି। ଏହି ଦେଶ ଯାତ୍ରା ଓ ଉତ୍ସବର ଏକ ସମୃଦ୍ଧି ଦେଶ ଭାବେ ସମଗ୍ର ବିଶ୍ୱରେ ପରିଚିତ। ତାହାର ଏକ ଅଂଶବିଶେଷ ହେଉଛି ଦୀପାବଳି। ଏହା ଆମ ଜାତୀୟ ପର୍ବ ଭାବେ ସ୍ୱୀକୃତି ହାସଲ କରିଛି। ଏହି ପରିପ୍ରେକ୍ଷୀରେ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି ଆଲୋକର ପର୍ବ ଦୀପାବଳି। କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟର ଚେୟାରମ୍ୟାନ ପବିତ୍ର ରାଉତରାୟ କହିଥିଲେ ଯେ, ଶାନ୍ତି ଓ ମୈତ୍ରୀର ପ୍ରଦୀପ ପ୍ରଜ୍ୱଳନ ହେଲେ ଛାତ୍ର ଜୀବନ ବିକଶିତ ହୋଇଥାଏ। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗୋଲି ଓ ପ୍ରଦୀପ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧକ୍ଷ ଡଃ. ସ୍ୱରୂପାନନ୍ଦ ମିଶ୍ର ଦୀପାବଳି ଉତ୍ସବ ସମ୍ପର୍କରେ ପୌରାଣିକ ତଥ୍ୟ ରଖି କହିଥିଲେ ଯେ, ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଏହି ଦିନଟି ସମର୍ପିତ। ଉପାଧକ କବୀନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com
Chief Editor : **Bibhuti Bhusan Patra** — Managing Editor : **Laxmipriya Dash** — Editor : **Tarak Mohanty**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର** — ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ** — ସମ୍ପାଦକ : **ତାରକ ମହାନ୍ତି**